ବର୍ଷ-୨୪, ସଂଖ୍ୟା-୨୭୬
ଭୁବନେଶ୍ୱର
୦୯ ନଭେମ୍ବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 276
Bhubaneswar
09 November, 2024 Satruday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ସାମସନଙ୍କ ରାଜୁତି

## ଅଲୋଡ଼ା ଶିଶୁକନ୍ୟା



**କରଞ୍ଜିଆ,୮।୧୧(ମହାଭାରତ):** ରାଜ୍ୟରେ ଝିଅ ସଂଖ୍ୟା ହ୍ରାସ ପାଉଥିବାବେଳେ ଏବେ ବି ଲୋକଙ୍କ ଲୋକମାନେ ସଚେତନ ହେଉନାହାଁନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାରେ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ ଭଅଁରା ଗାଁ ନିକଟରୁ ଶିଶୁ କନ୍ୟା ଉଦ୍ଧାର ହୋଇଛି। ଶିଶୁ କନ୍ୟାକୁ ମେଡ଼ିକାଲ୍ ଏସ୍ଏନ୍ସିୟୁରେ ଭର୍ତ୍ତି କରାଯାଇଛି।ଭଅଁରା ଗାଁ ବୁଦା ମୂଳରେ ଏକ ନବଜାତ ଶିଶୁ କନ୍ୟା ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲା। ଶିଶୁ କନ୍ୟାଟି ଜୀବିତ ଥିବା ଲୋକମାନେ ଦେଖିବାକୁ ପାଇଥିଲେ। ପରେ କରଞ୍ଜିଆ। ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚେକ୍ଅପ୍ ପରେ ଶିଶୁ କନ୍ୟାକୁ ଏସଏନ୍ସିୟୁରେ ଭର୍ତ୍ତି କରାଯାଇଛି। ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଉଦ୍ବେଗ ଜନକ ରହିଛି। ତେବେ ଶିଶୁ କନ୍ୟାର ପରିଚୟ ମିଳିପାରି ନାହିଁ। ତେଣୁ ଅବୈଧ ଶିଶୁକନ୍ୟା ବୋଲି ସନ୍ଦେହ କରାଯାଉଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି। ତେବେ କିଏ ଓ କାହିଁକି ଶିଶୁ କନ୍ୟାକୁ ଫିଙ୍ଗି ଦେଲା, ତାହା ଜଣାପଡ଼ିନାହିଁ।

### କଲେଜ ଛାତ୍ରୀ ଗଣବଳାତ୍କାର ମାମଲା

## ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ

**କଟକ,୮।୧୧(ମହାଭାରତ):** କଟକ ସହରରେ ଘଟିଥିବା ଦଳିତ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାର ଖୁବଶୀଘ୍ର ଚାର୍ଜଶିଟ୍ ଦାଖଲ କରାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଡିସିପି ସୂଚନା ଦେଇଛନ୍ତି।

ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଡିସିପିଙ୍କ ସୂଚନା ଦେଇଛନ୍ତି। ଗିରଫ ୬ ଅଭିଯୁକ୍ତଙ୍କ ମୋବାଇଲ ଜବତ କରାଯାଇଛି। ଏପରିକି ଅଭିଯୁକ୍ତଙ୍କ ବିରୋଧରେ ଏସ୍ସି/ଏସ୍ଟି ଆକ୍ଟ ଏବଂ ଆଇଟି ଆକ୍ଟରେ ମାମଲା ରୁଜୁ ହୋଇଛି।ଜବତ ଫୋନ୍କୁ ଏସ୍ଏଫ୍ଏସ୍ଏଲ୍କୁ ପଠାଯିବ। ଅନ୍ୟପକ୍ଷେ ଅଭିଯୁକ୍ତମାନଙ୍କ ଖୁବଶୀଘ୍ର କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯିବ ବୋଲି ଡିସିପି କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ଦୁର୍ଗାପୂଜା ସମୟରେ ଜଣେ କଲେଜ ଛାତ୍ରୀଙ୍କୁ ପୁରୁଷବନ୍ଧୁ ଓ ତାଙ୍କ ସାଙ୍ଗମାନେ ଗଣବଳାତ୍କାର କରିଥିଲେ। ଏପରି କି ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ମଧ୍ୟ କରାଯାଇଛି। ଉକ୍ତ ଭିଡିଓ ଜରିଆରେ ଛାତ୍ରୀଙ୍କୁ ବ୍ଲାକମେଲ୍ କରି ଅଭିଯୁକ୍ତମାନେ ବାରମ୍ବାର ବଳାତ୍କାର କରିଥିବା ନେଇ ପୀଡିତା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ୬ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।କଟକ ପୁରୀଘାଟ ଥାନା ଅଞ୍ଚଳର ଏକ କାଫେରେ ଛାତ୍ରୀଜଣକ ତାଙ୍କ ପୁରୁଷବନ୍ଧୁଙ୍କ ସହ ଜନ୍ମଦିନ ପାଳନ କରିଥିଲେ ସେଠାରେ ଛାତ୍ରୀଙ୍କ ଅଜାଣତରେ ତାଙ୍କର ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିଥିଲେ। ପୁରୁଷବନ୍ଧୁ ଏଥିରେ ସହଯୋଗ କରିଥିଲେ। କାଫେ ମାଲିକ କାଫେ ମାଲିକ ଓ ପୁରୁଷବନ୍ଧୁଙ୍କ ସାଙ୍ଗମାନେ ପୀଡ଼ିତାଙ୍କୁ ବାରଙ୍ଗ ଅଞ୍ଚଳର ଏକ ଘରକୁ ଡାକି ଉକ୍ତ ଭିଡିଓ ଦେଖାଇଥିଲେ ପରେ ସେମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ପୋଲିସ ମାମଲାର ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କୁ ଧରିଛି।

# ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ଲକ୍ଷ୍ୟ



**ଭୁବନେଶ୍ୱର,୮।୧୧(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ରାଜ୍ୟରେ ବିଦ୍ୟୁତ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷାରେ ଶକ୍ତି ବିଭାଗ ଉପରେ ନ୍ୟସ୍ତ ଥିବା ଶକ୍ତି ଉତ୍ପାଦନ, ବିଦ୍ୟୁତ ସରବରାହ ଓ ବଣ୍ଟନ ବ୍ୟବସ୍ଥା ଉପରେ ବିଷଦ ଆଲୋଚନା ହୋଇଥିଲା।

ଆଲୋଚନାରୁ ଜଣାଯାଇଛି ଯେ ରାଜ୍ୟରେ ପ୍ରାୟ ୧ କୋଟି ବିଦ୍ୟୁତ ଉପଭୋକ୍ତା ଅଛନ୍ତି। ସେମାନଙ୍କ ପାଇଁ ନିରବଚ୍ଛିନ୍ନ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ଦୃତ ଶିଳ୍ପାୟନ, ଆର୍ଥିକ ଅଭିବୃଦ୍ଧି ଯୋଗୁଁ ରାଜ୍ୟରେ ବିଦ୍ୟୁତ ଚାହିଦା ଦ୍ରୁତ ଗତିରେ ବଢୁଛି। ଆସନ୍ତା ପାଂଚ ବର୍ଷ ଅର୍ଥାତ ୨୦୨୯-୩୦ ବେଳକୁ ବିଦ୍ୟୁତ ଚାହିଦାକୁ ଆଖି ଆଗରେ ରଖି ବିଦ୍ୟୁତ ଉତ୍ପାଦନ, ସରବରାହ ଏବଂ ବିତରଣ ବ୍ୟବସ୍ଥାର ରୋଡମ୍ୟାପ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

୨୦୨୯-୩୦ ବେଳକୁ ରାଜ୍ୟରେ ପିକ୍ ଡିମାଣ୍ଡ ପ୍ରାୟ ୧୦ ହଜାର ମେଗା ୱାଟ୍ ରହିବ। ଏହି ଚାହିଦା ପୂରଣ କରିବା ପାଇଁ ଏକ ରୋଡ୍ ମ୍ୟାପ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ନୂଆ ପ୍ରାଇମେରୀ ସବ୍ ଷ୍ଟେସନ, ନୂଆ ୩୩ କେଭି ଏବଂ ୧୧ କେଭି ଲାଇନ୍ ଆଦି ଭିତ୍ତିଭୂମିର ବିକାଶ ଆବଶ୍ୟକ। ଏଥି ସହିତ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ୩୩/ ୧୧ କେଭି ଫିଡର ଗୁଡ଼ିକୁ ସୁଦୃଢ କରିବା ଏବଂ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବଜେଟ୍ରେ ବିଦ୍ୟୁତ କ୍ଷେତ୍ରପାଇଁ ଆବଶ୍ୟକୀୟ ବ୍ୟୟ ବରାଦ କରି ରାଜ୍ୟକୁ ସଦାସର୍ବଦା ଶକ୍ତି କ୍ଷେତ୍ରରେ ବଳକା ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବିଦ୍ୟୁତ ବିତରଣ ସମ୍ପର୍କିତ ସମସ୍ତ ଅଭିଯୋଗର ସମୟାନୁଯାୟୀ ସମାଧାନ, ଅକ୍ଷୟ ଶକ୍ତିର ବିକାଶ ଏବଂ ବ୍ୟବହାର ବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ, ବିଦ୍ୟୁତ କ୍ଷେତ୍ର ପାଇଁ ଦକ୍ଷ ଏବଂ ଆବଶ୍ୟକୀୟ ମାନବ ସମ୍ବଳ ନିଯୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀ ମାନଙ୍କୁ ପରାମର୍ଶ ଦେବା ସହିତ ବାତ୍ୟ 'ଦାନା' ପରବର୍ତ୍ତୀ ସମୟରେ ତୁରନ୍ତ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିଥିବାରୁ ଶକ୍ତି ବିଭାଗ ତଥା ସମସ୍ତ ବିତରକ କମ୍ପାନୀ ମାନଙ୍କୁ ସାଧୁବାଦ ଜଣାଇଥିଲେ। ବୈଠକରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଓପିଟିସିଏଲ ଓ ଓଏଚପିସିର ନିର୍ଦ୍ଦେଶକ ବୃନ୍ଦ, ସମସ୍ତ ବିତରଣ କମ୍ପାନୀର ସିଇଓ ମାନେ ଯୋଗଦେଇ ଥିଲେ।

## ଲଘୁଚାପ କ୍ଷେତ୍ର ସୃଷ୍ଟି

**ଭୁବନେଶ୍ୱର,୮।୧୧(ମହାଭାରତ):** ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଘୂର୍ଣ୍ଣିବଳୟଟି ଲଘୁଚାପର ରୂପ ନେଇପାରେ। ଲଘୁଚାପରେ ପରିଣତ ହେବା ପରେ ଏହା ପଶ୍ଚିମ ଦିଗକୁ ଗତି କରିବ। ପରବର୍ତ୍ତୀ ଦୁଇଦିନ ପର୍ଯ୍ୟନ୍ତ ଏହା ତାମିଲନାଡୁ ଓ ଶ୍ରୀଲଙ୍କା ଆଡ଼େ ମୁହାଁଇବ। ଏହାର ପ୍ରଭାବରେ ୧୨ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଭାରତରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ତାମିଲନାଡୁ, କେରଳ ଓ ପୁଡୁଚେରୀରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆକଳନ କରିଛି ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ।

## ଦୃଢ଼ କାର୍ଯ୍ୟାନୁଷ୍ଠାନରୁ ହ୍ରାସ ପାଉଛି ଆତଙ୍କବାଦୀ ଘଟଣା : ଶାହ

**ନୂଆଦିଲ୍ଲୀ,୮।୧୧(ପିଆଇବି):** ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ) ପକ୍ଷରୁ ଆୟୋଜିତ ଦୁଇଦିନିଆ 'ଆତଙ୍କବାଦ ବିରୋଧୀ ସମ୍ମିଳନୀ-୨୦୨୪'ର ଉଦ୍ଘାଟନୀ ଅଧିବେଶନରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଉଦବୋଧନ ଦେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଏନଆଇଏର ନୀତି ଉନ୍ମୋଚନ କରିଥିଲେ, ୟୁଏପିଏ ତଦନ୍ତ ପାଇଁ ଏସଓପି ଜାରି କରିଥିଲେ ଏବଂ ଏନଆଇଏରୁ ୧୧ ଜଣ ପଦକ ବିଜେତାଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ କେନ୍ଦ୍ର ଗୃହ ସଚିବ



ଗୋବିନ୍ଦ ମୋହନ, ଗୁଇନ୍ଦା ବ୍ୟୁରୋ (ଆଇବି)ର ନିର୍ଦ୍ଦେଶକ ତପନ କୁମାର ଡେକା, ଉପଜାତୀୟ ସୁରକ୍ଷା ପରାମର୍ଶଦାତା ପଙ୍କଜ ସିଂହ ଏବଂ ଏନଆଇଏ ମହାନିର୍ଦ୍ଦେଶକ ସଦାନନ୍ଦ ବସନ୍ତ ଦାତେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ପୋଲିସ ଅଧିକାରୀ, ଆତଙ୍କବାଦ ମୁକାବିଲା ସମ୍ବନ୍ଧୀୟ ପ୍ରସଙ୍ଗରେ କାର୍ଯ୍ୟ କରୁଥିବା କେନ୍ଦ୍ରୀୟ ଏଜେନ୍ସି/ବିଭାଗର ଅଧିକାରୀ ଏବଂ ଆଇନ, ଫରେନସିକ୍, ପ୍ରଯୁକ୍ତି ବିଦ୍ୟା ଇତ୍ୟାଦି ସମ୍ବନ୍ଧୀୟ କ୍ଷେତ୍ରର ■ପୃଷ୍ଠା-୭

## ହିମାଚଳ ପ୍ରଦେଶରେ ସିଙ୍ଗଡ଼ା ପାଇଁ ସିଆଇଡି ତଦନ୍ତ !

**ନୂଆଦିଲ୍ଲୀ,୮।୧୧(ମହାଭାରତ):** କଂଗ୍ରେସ ଶାସନାଧୀନ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖୱିନ୍ଦର ସିଂ ସୁଖୁଙ୍କ ସିଙ୍ଗଡ଼ା ତାଙ୍କ ସୁରକ୍ଷା କର୍ମୀମାନେ ଖାଇଦେଇଥିବା କ୍ରାଇମ୍ ଇନ୍ଭେଷ୍ଟିଗେଶନ୍ ଡିପାର୍ଟମେଣ୍ଟ (ସିଆଇଡି) ତଦନ୍ତରୁ ଜଣାପଡ଼ିବା ପରେ ଶୁକ୍ରବାର ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାର ସିଆଇଡି ତଦନ୍ତ କରାଯାଇଥିବା ନେଇ ଜଣାପଡ଼ିବା ପରେ ସୁଖୁ ସରକାରଙ୍କୁ ଭାଜପା ଟାର୍ଗେଟ କରିଛି।ଅନ୍ୟପକ୍ଷେ ସମୋସା ଉଭାନ ହୋଇଯିବା ନେଇ କୌଣସି ତଦନ୍ତ କରାଯାଇ ନ ଥିବା ସରକାର ଏବଂ ସିଆଇଡି ପକ୍ଷରୁ ସଫେଇ ଦିଆଯାଇଛି।



ଅକ୍ଟୋବର ୨୧ରେ ଶିମ୍ଲାସ୍ଥିତ ହିମାଚଳ ପ୍ରଦେଶ ସିଆଇଡି ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ସୁଖୁ ଯାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଚା ଜଳଖିଆ। ପାଇଁ ଅଧିକାରୀମାନେ ଏକତ୍ରିତ ହେଲେ। ସେଠାରେ କେହି ଜଣେ କହିଲେ, ମୁଖ୍ୟମନ୍ତ୍ରୀଙ୍କ ପାଇଁ ଅଣାଯାଇଥିବା ସିଙ୍ଗଡ଼ା ପ୍ୟାକେଟ ହଜିଯାଇଛି ବହୁ ଖୋଜାଖୋଜି ପରେ ମଧ୍ୟ ତାହା ନ ମିଳିବାରୁ ସିଆଇଡି ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଲା ଯେ, ମୁଖ୍ୟମନ୍ତ୍ରୀ ସେଠାରେ ପହଞ୍ଚିବା ପରେ ଇନ୍ସପେକ୍ଟର ପାହ୍ୟାର ଜଣେ ମହିଳା ଅଧିକାରୀ କେତୋଟି ■ପୃଷ୍ଠା-୭

## ୩,୩୫୩ କୋଟିର ୧୫ ପ୍ରକଳ୍ପକୁ ସିଙ୍ଗଲ୍ ୱିଣ୍ଡୋର ମଞ୍ଜୁରୀ

**ଭୁବନେଶ୍ୱର,୮।୧୧(ମହାଭାରତ):** ଓଡ଼ିଶା ସରକାର ୩୩୫୩.୧୫ କୋଟି ଟଙ୍କାର ମିଳିତ ନିବେଶରେ ୧୫ଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ କରି ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ରାଜ୍ୟରେ ନିଯୁକ୍ତି ବୃଦ୍ଧି ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଆଜିମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ୧୩୨ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସଡବ୍ଲ୍ୟୁସିଏ) ବୈଠକରେ ଏହି ଅନୁମୋଦନ ମିଳିଛି। ଏହା ଫଳରେ ୪୬୩୭ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଥିବା ସଙ୍ଗେ ସଙ୍ଗେ ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ନୂତନ ଭାବେ ଅନୁମୋଦିତ ପ୍ରକଳ୍ପଗୁଡ଼ିକରେ ଅଧିକ ପ୍ରଭାବୀ ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଏକ ବିବିଧ ଶିଳ୍ପ ଇକୋସିଷ୍ଟମ ସୃଷ୍ଟି ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଉଛି । ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି, ଇସ୍ପାତ ଡାଉନଷ୍ଟ୍ରିମ୍, ଆଲୁମିନିୟମ୍ ଡାଉନଷ୍ଟ୍ରିମ୍, ଖାଦ୍ୟ ପ୍ରକ୍ରିୟାକରଣ, ମାନୁଫାକ୍ଚରିଂ, ଟେକ୍ସଟାଇଲ୍ ଏବଂ ଆପେରେଲ୍, ପର୍ଯ୍ୟଟନ, ଫାର୍ମାସ୍ୟୁଟିକାଲ୍ସ ଏବଂ ସିମେଣ୍ଟକ୍ଷେତ୍ରରେ ପୁଞ୍ଜିନିବେଶ କରି ଓଡ଼ିଶା ଶିଳ୍ପ ଅଭିବୃଦ୍ଧିପାଇଁ ଏକ ପ୍ରମୁଖ ଲକ୍ଷ୍ୟସ୍ଥଳ ଭାବେ ନିଜକୁ ପ୍ରତିଷ୍ଠିତ

### ୪୬୩୭ରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ

କରୁଛି ।

ଆଜି ଅନୁମୋଦନ ଲାଭ କରିଥିବା ଏହି ସମସ୍ତ ପ୍ରକଳ୍ପ କୋରାପୁଟ, ଖୋର୍ଦ୍ଧା, ବରଗଡ଼, ପୁରୀ, କଟକ ଓ ଝାରସୁଗୁଡ଼ା ସମେତ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ସଙ୍ଗେ ସଙ୍ଗେ ଏକ ସୁଦୃଢ଼ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ ଓଡ଼ିଶାର ନିରନ୍ତର ଧ୍ୟାନ ରହିଥିବା ପ୍ରତିଫଳିତ କରୁଛି । ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ରିଲାଏନ୍ସ ବାୟୋ ଏନର୍ଜି ଲିମିଟେଡ୍ ପୁରୀରେ କମ୍ପ୍ରେସ୍ଡ ବାୟୋ ଗ୍ୟାସ୍ ଓ ଫର୍ମେଣ୍ଟେଡ୍ ଜୈବିକ ସାର କାରଖାନା ସ୍ଥାପନ କରିବ । ୧୨୧.୨୧ କୋଟି ଟଙ୍କା ପୁଞ୍ଜିନିବେଶ ବିଶିଷ୍ଟ ଏହି କ୍ଷେତ୍ରରେ ୬୯ ନିଯୁକ୍ତି ସୃଷ୍ଟି ହେବା ସହିତ ଏଥିରେ ରାଜ୍ୟର ନିରନ୍ତର ଏବଂ ଅକ୍ଷୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ରହିଛି । ଇସ୍ପାତ କ୍ଷେତ୍ରରେ କଟକରେ 'ବିକେ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍' ଏହାର ପ୍ରକଳ୍ପକୁ ଅଧିକ ସମ୍ପ୍ରସାରଣ କରିବ, ଯେଉଁଥିରେ ସ୍ପଞ୍ଜ ଆଇରନ୍, ବିଲେଟ୍, ଫେରୋ ଆଲଏଜ୍, ସିଣ୍ଟର ପ୍ଲାଣ୍ଟ ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ସମେତ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ୭୫୦ କୋଟି ଟଙ୍କା ବିନିଯୋଗ କରିବ । କେବଳ ଏହି ପ୍ରକଳ୍ପ ୮୦୦ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି, ଯାହା ଓଡ଼ିଶାର ଇସ୍ପାତ ଉତ୍ପାଦନ କ୍ଷମତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ । ଏଚ୍ ଏମ୍ ପାୱାର ଆଣ୍ଡ କେବଲ୍ସ ପ୍ରାଇଭେଟ୍ ଲିମିଟେଡ୍ ■ପୃଷ୍ଠା-୭

## ସାପ କାମୁଡ଼ା ନେଇ ଚିନ୍ତାରେ ତାମିଲନାଡୁ ସରକାର

**ନୂଆଦିଲ୍ଲୀ,୮।୧୧(ମହାଭାରତ)::** ତାମିଲନାଡୁରେ ସାପ କାମୁଡ଼ା ମାମଲା ଚିନ୍ତାଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଏହାର ମୁକାବିଲା କରିବା ପାଇଁ ସେଠାକାର ସରକାର ଏହାକୁ ଜନ ସ୍ୱାସ୍ଥ୍ୟ ଆଇନ ଅଧୀନରେ ଅଧିସୂଚୀତ ରୋଗ ଘୋଷଣା କରିଛନ୍ତି। ସାପ କାମୁଡ଼ା ଜନିତ ତଥ୍ୟ ସଂଗ୍ରହ ଓ ଚିକିତ୍ସା ପାଇଁ ଭିତ୍ତିଭୂମିକୁ ଆହୁରି ଉନ୍ନତ କରିବା ଉଦ୍ଦେଶ୍ୟରେ ଏହାକୁ ଅଧିସୂଚୀତ ରୋଗ ଘୋଷଣା କରାଯାଇଛି।ଫଳରେ ଏଣିକି ଡାକ୍ତରଖାନାଗୁଡ଼ିକ ସାପ କାମୁଡ଼ା ଜନିତ ତଥ୍ୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ।



ଚଳିତ ବର୍ଷ ଜୁନ୍ ମାସ ସୁଦ୍ଧା ତାମିଲନାଡୁରେ ୭,୩୦୦ଟି ସାପ କାମୁଡ଼ା ମାମଲା ଆସିଛି। ତା ମଧ୍ୟରେ ୧୩ ଜଣଙ୍କର ମୃତ୍ୟୁ ଘଟିଛି। ଗତ ବର୍ଷ ଏହି ରାଜ୍ୟରେ ମୋଟ ୧୯,୭୯୫ଟି ସାପ କାମୁଡ଼ା ମାମଲା ସାମ୍ନାକୁ ଆସିଥିବା ବେଳେ ୪୩ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୨୨ରେ ସେଠାରେ ୧୫, ୧୨୦ଟି ସାପ କାମୁଡ଼ା ମାମଲା ଆସିଥିବା ବେଳେ ୧୭ ଜଣଙ୍କର ମୃତ୍ୟୁ ଘଟିଥିଲା।

ତାମିଲନାଡୁ ସରକାରଙ୍କ କିଛି ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସାପ କାମୁଡ଼ା ନେଇ ସମସ୍ତ ରିପୋର୍ଟ ହସପିଟାଲରେ ପହଞ୍ଚିନଥାଏ ଫଳରେ ■ପୃଷ୍ଠା-୭

## ଦୁଇ ନକ୍ସଲ ମୃତ

**ମାଲକାନଗିରି,୮।୧୧(ମହାଭାରତ):** ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିବିନିମୟରେ ୨ ଜଣ ନକ୍ସଲ ନିହତ ହୋଇଥିବାବେଳେ ବିପୁଳ ପରିମାଣରେ ମାଓ ସାମଗ୍ରୀ ଜବତ କରାଯାଇଛି। ଘଟଣା ଅନୁଯାୟୀ ବିଶେଷ ସୂତ୍ରରୁ ବିଜାପୁର ଜିଲ୍ଲାର ଉସୁର-ବାସାଗୁଡା-ପାମେଡ ଅଂଚଳରେ ନକ୍ସଲ କ୍ୟାମ୍ପ କରି ରହିଥିବା ପୁଲିସକୁ ସୂଚନା ମିଳିଥିଲା।ତୁରନ୍ତ ଡିଆରଜି, ଏସଟିଏଫ, କୋବ୍ରା ଏବଂ ସିଆରପିଏଫ ବାଟାଲିୟନର ଯବାନ ଏହି ଅଂଚଳକୁ ସର୍ଚ୍ଚ ଅପରେସନରେ ବାହାରିଥିଲେ।

# ଲଭ୍ ଜିହାଦ ଫାଶରେ ଓଡ଼ିଆ ଯୁବତୀ



■ହିନ୍ଦୁ ପରିଚୟ ଦେଇ ବନ୍ଧୁତା ପରେ ଶାରୀରିକ ସମ୍ପର୍କ
■ଧର୍ମ ପରିବର୍ତ୍ତନ ନ କରିବାରୁ ଭିଡ଼ିଓ ଭାଇରାଲ
■କଶ୍ମୀର ଯୁବକକୁ ବାନ୍ଧିଲା କମିଶନରେଟ୍ ପୋଲିସ

**ଭୁବନେଶ୍ୱର,୮।୧୧(ମହାଭାରତ):** ଦେଶରେ ଏବେ ଏକ ମୁଖ୍ୟ ସମସ୍ୟା ହେଉଛି ଲଭ୍ ଜିହାଦ। ଏଭଳି ମାମଲା ମୁଖ୍ୟତଃ ଉତ୍ତର ଭାରତରେ ଦେଖିବାକୁ ମିଳୁଥିବାବେଳେ ଏବେ ସାରା ଦେଶକୁ ବ୍ୟାପିବାରେ ଲାଗିଛି। ବହୁ ହିନ୍ଦୁ ଝିଅ ଏଥିରେ ଛନ୍ଦି ହୋଇ ଶେଷରେ ମରଣମୁହଁକୁ ଚାଲିଯାଉଛନ୍ତି। ଏବେ ଓଡ଼ିଶାରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି। ତେବେ ଯୁବତୀ ଜଣକ ନିର୍ଯାତନା ସହିବା ପରେ ସତର୍କ ହୋଇଯିବାରୁ ଘଟଣାଟି ପର୍ଦ୍ଦାଫାଶ ହୋଇଛି। ଅଭିଯୁକ୍ତ କଶ୍ମୀରୀ ଯୁବକକୁ କଟକରେ ପୁଲିସ୍ ଅଟକ ରଖିଛି। ଅନଲାଇନ୍ ଗେମରୁ ଆରମ୍ଭ ହୋଇଥିଲା ହିନ୍ଦୁ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ। ଜଗତସିଂହପୁରର ଯୁବତୀଙ୍କୁ ନେବା ପାଇଁ ଆସିଲା ବେଳେ ମାଡ଼ି ବସିଲା ପୁଲିସ୍।

ଫ୍ରି ଫାୟାର୍ ଗେମ୍ ଖେଳୁଥିବା ବେଳେ ରୀମା(ଛଦ୍ମନାମ) ୨୦୨୨ ମସିହାରେ ସମୀରଙ୍କ ସଂସ୍ପର୍ଶରେ ଆସିଥିଲେ। ସମୀରଙ୍କ ଘର ବିହାରରେ ହୋଇଥିବା କଶ୍ମୀରରେ ଚାକିରି କରୁଛନ୍ତି। ସେ ନିଜର ତଥ୍ୟକୁ ଗୋପନ ରଖିଥିଲେ। ସେ ହିନ୍ଦୁ ବୋଲି ରୀମାଙ୍କୁ ପରିଚୟ ଦେଇଥିଲେ। ତେଣୁ ଉଭୟ ଫୋନ୍ ନମ୍ବର ଦିଆ ନିଆ ହୋଇଥିଲେ। ତା'ପରେ ଆରମ୍ଭ ହୋଇଥିଲା ଲଭ୍ ଗେମ। ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କୀୟ ଉଭୟ ଘଣ୍ଟା ଘଣ୍ଟା ଧରି ଭିଡିଓ କଲରେ ଭାବ ଦିଆନିଆ ହେଉଥିଲେ। ଅଭିଯୋଗ ଅନୁସାରେ ରୀମାଙ୍କୁ ଦେଖା କରିବା ପାଇଁ ସମୀର ଅନେକ ବାର ଓଡ଼ିଶା ଆସିଥିଲେ।

ଶେଷ ଥର ପାଇଁ ସମୀର ୨୦୨୪ ମାର୍ଚ୍ଚ ମାସରେ ଓଡ଼ିଶା ଆସିଥିଲେ। ପୁରୀରେ ରୀମାଙ୍କୁ ଦେଖା କରିଥିଲେ। ହୋଟେଲରେ ଗୋଟିଏ ରୁମରେ ରହିଥିଲେ। ସେହି ସମୟରେ ସମୀରଙ୍କ ପ୍ରକୃତ ନାଁ ସମୀର ମାନସୁର ବୋଲି ରୀମା ଜାଣିବାକୁ ପାଇଥିଲେ। ସେ ଅନ୍ୟ ସମ୍ପ୍ରଦାୟର ବୋଲି ଜାଣିବାକୁ ପାଇଥିଲେ ରୀମା। ତେଣୁ ତାଙ୍କଠାରୁ ଦୂରେଇ ଯିବା ପାଇଁ ଚେଷ୍ଟା କରିଥିଲେ। ହେଲେ ସମୀର ତାଙ୍କୁ ହୋଟେଲ୍ ରୁମକୁ ଛାଡ଼ି ନଥିଲେ।

ଅଭିଯୋଗ ଅନୁସାରେ ସମୀର କୁଆଡେ ବଳପୂର୍ବକ ରୀମାଙ୍କ ସହିତ ହୋଟେଲ୍ ରୁମରେ ଶାରୀରିକ ସମ୍ପର୍କ ରଖିଥିଲେ। ରୀମା ପ୍ରତିବାଦ କରିଥିଲେ। ବଡ଼ ପାଟିରେ ଚିତ୍କାର କରିବାକୁ ଚେଷ୍ଟା କରିଥିଲେ। ହେଲେ ରୀମାଙ୍କ ପାଟିକୁ ବନ୍ଦ କରି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ ସମୀର। ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଧର୍ମ ପରିବର୍ତ୍ତନ କରିବାକୁ ବାଧ କରିଥିଲେ।ମାତ୍ର ରୀମା ରାଜି ନହେବାରୁ ସମୀର ଅଭଦ୍ର ଭାଷାରେ ଗାଳି ଦେଇଥିଲେ। ନିଜ ବ୍ୟାଗରୁ ଛୁରୀ ବାହାର କରି ଭୟଭୀତ କରାଇଥିଲା। ଆଉ ଶୁଟିଂ କରିଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ଭାଇରାଲ୍ କରିଦେବେ ବୋଲି ଧମକ ଦେଇଥିଲେ। ହେଲେ ରୀମା କୌଶଳ କରି ହୋଟେଲ୍ ପଳାଇ ଆସିଥିଲେ। ଘରକୁ ପଳାଇ ଯାଇଥିଲେ।

ଲୋକ ଲଜ୍ଜା ଭୟରେ ରୀମା ଘଟଣା ସମ୍ପର୍କରେ କାହାକୁ କିଛି କହିନଥିଲେ। ଚୁପ୍ ଚାପ୍ ରହିଥିଲେ। ସେପଟେ କିନ୍ତୁ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ ସମୀର। ଫୋନ୍ କରି ରୀମାଙ୍କୁ ବିବାହ କରିବା ପାଇଁ ଅଡି ବସିଥିଲେ।ହେଲେ ରୀମା ରାଜି ନହେବାରୁ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ଇନ୍ଷ୍ଟାଗ୍ରାମରେ ଅପଲୋଡ୍ କରିଦେଇଥିଲେ ସମୀର। ଏଥିସହ ରୀମାଙ୍କ ବାପାଙ୍କ ପାଖକୁ ଭିଡିଓ ପଠାଇ ଥିଲେ। ବିବାହ କରାଇ ଦେବା ପାଇଁ କହିଥିଲେ। ୫ ଲକ୍ଷ ଟଙ୍କା ନଦେଲେ ପର୍ଣ୍ଣ ସାଇଟରେ ଭିଡିଓ ଅପଲୋଡ୍ରେ୍ କରିଦେବ ବୋଲି ଧମକ ଦେଇଥିଲା। ଝିଅର ଭିଡିଓ ଦେଖି ରୀମା ବାପାଙ୍କ ଅକଲ ଗୁଡୁମ୍ ହୋଇଯାଇଥିଲା।

ଲୋକ ଲଜ୍ଜା ଭୟରେ ସମୀରଙ୍କ ସବୁ କଥା ସ୍ୱୀକାର କରିଥିଲେ ରୀମାଙ୍କ ପରିବାର ଲୋକ। ଏପରିକି ବିବାହ କରିବା ପାଇଁ ରାଜି ହୋଇଥିଲେ। ବିବାହ ନେଇ ପ୍ରେମିକାଙ୍କଠାରୁ ସିଗନାଲ ପାଇବା ପରେ ସମୀର କଶ୍ମୀରରୁ ଓଡ଼ିଶା ଆସୁଥିଲେ। ସମୀରଙ୍କ ପ୍ରତ୍ୟେକ ହଲଚଲକୁ ଟ୍ରାକ୍ କରୁଥିଲେ ରୀମା। ଅନ୍ୟପକ୍ଷରେ ସମୀରଙ୍କ ପ୍ରେମ ଜାଲରୁ ମୁକୁଳିବା ପାଇଁ ଜଣେ ଆଇନଜୀବୀଙ୍କ ସହଯୋଗ ଲୋଡିଥିଲେ ରୀମା। ଆଇନଜୀବୀଙ୍କ ପରାମର୍ଶରେ ପୀଡ଼ିତା ଏନେଇ ଭୁବନେଶ୍ୱର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମହିଳା ଥାନା ଅଧିକାରୀଙ୍କ ପରାମର୍ଶରେ କମିଶନରେଟ୍ ପୁଲିସ୍ ସମୀରଙ୍କୁ କଟକରେ ମାଡ଼ ବସିଛି। ପୁଲିସ୍ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଗଜପତି ଜିଲ୍ଲାକୁ ପୋଷ୍ୟ ଜିଲ୍ଲା ଭାବରେ ଗ୍ରହଣ କଲେ ମନ୍ତ୍ରୀ

**ଭୁବନେଶ୍ୱର,୯।୧୧(ମହାଭାରତ):** ମତ୍ସ୍ୟ, ପ୍ରାଣୀସଂପଦ ଓ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଜପତି ଜିଲ୍ଲାକୁ ଆସନ୍ତା ୫ ବର୍ଷ ପାଇଁ ପୋଷ୍ୟ ଜିଲ୍ଲା ଭାବରେ ଗ୍ରହଣ କରିଛନ୍ତି । ଏହି ଜିଲ୍ଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କ ବିଭାଗ ଓ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଛନ୍ତି । ଆଜି ପୂର୍ବାହ୍ନରେ ଗଜପତି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସଂପଦ ମେଳା ଉଦ୍ଘାଟନ କରି ମନ୍ତ୍ରୀ ଶ୍ରୀ ମଲ୍ଲିକ ବିଭିନ୍ନ ହିତାଧିକାରୀ ସରକାରୀ ଯୋଜନାର ସୁଫଳ ପାଇବା ଦିଗରେ ବିଭାଗ ଯତ୍ନବାନ ବୋଲି ପ୍ରକାଶ କରିଛନ୍ତି ।

ସ୍ଥାନୀୟ ଗଜପତି ଷ୍ଟାଡିୟମ୍ଠାରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ମେଳାରେ ଉଦ୍ବୋଧନ ଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ ମାଛଚାଷ, କୁକୁଡ଼ା, ଘୁଷୁରୀ ଓ ଗୋପାଳନ ଭଳି ବିଭିନ୍ନ ଉଦ୍ୟୋଗରେ ସାମିଲ ହୋଇ ଚାଷୀମାନେ ସେମାନଙ୍କ ଅର୍ଥନୈତିକ ବିକାଶକୁ ସୁନିଶ୍ଚିତ କରିପାରିବେ ଏବଂ ■ପୃଷ୍ଠା-୭

## ପବିତ୍ରତା ଫେରାଇବାକୁ ମା'ଙ୍କୁ ମହାସ୍ନାନ

### ତାରାତାରିଣୀ ମନ୍ଦିରରୁ ଚୋରି ଘଟଣା

**ପୁରୁଷୋତ୍ତମପୁର,୮।୧୧(ମହାଭାରତ):** ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟଦେବୀ ମା ତାରାତାରିଣୀଙ୍କ ମନ୍ଦିରରେ ପଶି ଦୁର୍ବୃତ୍ତମାନେ ତାରାତାରିଣୀ ଦୁଇ ଭଉଣୀଙ୍କ ପିନ୍ଧା ଅଳଙ୍କାରକୁ ଲୁଟି ନେଇଥିଲେ। ଯାହାକି ମନ୍ଦିରରେ ଏଭଳି ଅବାଧ ପ୍ରବେଶ ହେତୁ ମାଙ୍କ ମନ୍ଦିର ଅପବିତ୍ର ହୋଇପଡ଼ିଛି।ଏଣୁ ଏହାକୁ ଶୁଦ୍ଧ କରି ପବିତ୍ରତା ଫେରାଇ ଆଣିବା ନିମନ୍ତେ ଶୁକ୍ରବାର ପରମ୍ପରା ଅନୁଯାୟୀ ପୂଜାପାଠ ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ସ୍ଥାନରୁ ପଣ୍ଡିତ ବ୍ରାହ୍ମଣମାନେ ଯୋଗଦେଇଛନ୍ତି।

ସେବାୟତଙ୍କ ପରିବାର ମହିଳାମାନେ ପୂଣ୍ୟତୋୟା ଋଷିକୂଲ୍ୟା ନଦୀକୁ ଯାଇ ସେଠାରେ ପୂଜାର୍ଚ୍ଚନା କରି ପରେ ୧୦୮ କଳସରେ ■ପୃଷ୍ଠା-୭

## ଛତୁ ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ଛତୁ, ଲୁଣ, ମଇଦା, ଜୁଆଣି, ଘିଅ, ଗୋଲମରିଚ ଗୁଣ୍ଡ, କଟାପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡ଼ର, କଟା ଧନିଆ ପତ୍ର ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣି ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ। ଏହା ପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ। ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ ଗୁଡ଼ାଇ କିଛି ସମୟ ରଖି ଦିଅନ୍ତୁ। ଏକ ତାୱା ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ। ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କାଗୁଣ୍ଡ,ଚାଟ ମସଲା, ଆମଚୁର ପାଉଡ଼ର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢି ଥଣ୍ଡା କରନ୍ତୁ।

ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ। ଏହା ପରେ ଏଗୁଡ଼ିକୁ ରୁଟି ପରି ବେଲନ୍ତୁ ଏବଂ ଗମର ତାୱାରେ ପକାଇ ଭଲ ଭାବେ ସେକନ୍ତୁ। ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତ। ଏବେ ପ୍ରସ୍ତୁତ ହୋଇଗଲା ଛତୁ ପରଟା' । ଏହାକୁ ଚଟଣି,ସସ କିମ୍ୱା ଦହି ସହିତ ଗରମ ଗରମ ଖାଆନ୍ତୁ।



**ଖବର**

## ବାପା ହେବେ କେ.ଏଲ୍ ରାହୁଲ, ଖୁସି ଖବର ଦେଲେ ଆଥିୟା




ବଲିଉଡ୍ ଅଭିନେତ୍ରୀ ଆଥିୟା ସେଟ୍ଟୀ ଓ କ୍ରିକେଟର କେ.ଏଲ୍ ରାହୁଲଙ୍କ ଘରୁ ଆସିଛି ଖୁସି ଖବର। ଖୁବଶୀଘ୍ର ଏହି ଷ୍ଟାର ଦମ୍ପତି ନିଜ ଘରକୁ କୁନି ଅତିଥିଙ୍କୁ ସ୍ୱାଗତ କରିବାକୁ ଯାଉଛନ୍ତି । ଏକ ଇନଷ୍ଟାଗ୍ରାମ ପୋଷ୍ଟରେ ଉଭୟ ଆଥିୟା ଏବଂ ରାହୁଲ ପ୍ରେଗ୍ନେନ୍ସି ଘୋଷଣା କରିଛନ୍ତି । ଏହି ଇନଷ୍ଟାଗ୍ରାମ ପୋଷ୍ଟରେ ସେମାନେ ଲେଖିଛନ୍ତି, 'ଆମର ସୁନ୍ଦର ଉପହାର ଖୁବଶୀଘ୍ର ଆସୁଛି, ୨୦୨୫।' ଏହି କ୍ୟାପ୍ସନ ସହିତ ଛୋଟ ଛୁଆର ପାଦ ଚିତ୍ର ମଧ୍ୟ ପୋଷ୍ଟରେ ସେୟାର କରାଯାଇଛି । ତେବେ ରାହୁଲ ଓ ଆଥିୟାଙ୍କ ଖୁସି ଖବର ଶୁଣି ତାଙ୍କର ପରିବାର ଓ ପ୍ରଶଂସକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଥିୟାଙ୍କ ଭାଇ, ଅର୍ଥାତ ସୁନୀଲ ସେଟ୍ଟୀଙ୍କ ପୁଅ ଆହାନ ଏହି ପୋଷ୍ଟରେ କମେ□ କରି ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅନ୍ୟପଟେ ପ୍ରଶଂସକମାନେ ମଧ୍ୟ ଏହି ପୋଷ୍ଟକୁ ବହୁତ ପସନ୍ଦ କରିଛନ୍ତି । ଖୁବଶୀଘ୍ର କୁନି କେଏଲ୍ ରାହୁଲ ଦୁନିଆକୁ ଆସିବାକୁ ଯାଉଥିବା ୟୁଜର୍ସମାନେ କମେ□ କରିଛନ୍ତି ।ପ୍ରକାଶ ଥାଉ, କ୍ରିକେଟର କେଏଲ୍ ରାହୁଲ ଏବଂ ବଲିଉଡ୍ ଅଭିନେତ୍ରୀ ଆଥିୟା ସେଟ୍ଟୀ ଦୀର୍ଘ ଦିନ ଡେଟ୍ କରିବା ପରେ ଶେଷରେ ୨୩ ଜାନୁଆରୀ ୨୦୨୩ରେ ବିବାହ କରିଥିଲେୟ ଉଭୟଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ସୁନୀଲ ସେଟ୍ଟୀଙ୍କ ଫାରମ ହାଉସରେ ଧୁମଧାମରେ ଏହି ବିବାହ ଅନୁଷ୍ଠିତ ହୋଇଥିଲା। ଏବେ ଏହି ଷ୍ଟାର ଦମ୍ପତି ବାପା-ମାଆ ହେବାକୁ ଯାଉଛନ୍ତି।

## ଶଚି ଓ ଇନ୍ଦ୍ରଙ୍କ କଥା



ଦେବରାଜ ଇନ୍ଦ୍ର ଏବଂ ଦେବୀ ଶଚିଙ୍କ ମଧ୍ୟରେ ବିବାହ ହୋଇଥିଲା । ଦେବୀ ପାର୍ବତୀଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ଶଚିଦେବୀ ଦେବରାଜଙ୍କୁ ପତି ରୂପରେ ପାଇଥିଲେ । ଶଚିଙ୍କ ସମ୍ବନ୍ଧରେ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି । ପୁଲୋମାଙ୍କ କନ୍ୟା ଶଚିଙ୍କ ବିଷୟରେ ବେଦରେ ମଧ୍ୟ ବର୍ଣ୍ଣନା ଥିବା ଦେଖିବାକୁ ମିଳିଥାଏ । ସ୍କନ୍ଦ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ, ସତ୍ୟଯୁଗରେ ଦୈତ୍ୟରାଜ ପୁଲୋମାଙ୍କ କନ୍ୟା ଶଚି ଦେବରାଜ ଇନ୍ଦ୍ରଙ୍କୁ ପତି ରୂପରେ ପାଇବା ଲାଗି ଜ୍ୱାଳପାଧାମରେ ହିମାଳୟର ଅଧିଷ୍ଠାତ୍ରୀ ଦେବୀ ପାର୍ବତୀଙ୍କୁ ଉପାସନା କରିଥିଲେ । ମା' ପାର୍ବତୀ ଶଚିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦୀପ୍ତ ଜ୍ୱାଳେଶ୍ୱରୀ ରୂପରେ ଦର୍ଶନ ଦେଇଥିଲେ । ତାଙ୍କରି ଆଶୀର୍ବାଦ କ୍ରମେ ଶଚିଦେବୀ ଇନ୍ଦ୍ରଙ୍କୁ ପତି ରୂପରେ ପାଇଥିଲେ । ଏହି ସ୍ଥାନ ଆଧୁନିକ ଉତ୍ତରାଖଣ୍ଡରେ ରହିଛି ବୋଲି ବିଶ୍ୱାସ କରାଯାଇଥାଏ । ସେଠାରେ ବର୍ତ୍ତମାନ ମଧ୍ୟ ଜ୍ୱାଳାଦେବୀଙ୍କୁ ପୂଜା କରାଯାଉଛି । ଦେବୀ ଶଚିଙ୍କୁ ଇନ୍ଦ୍ରାଣୀ ମଧ୍ୟ କୁହାଯାଏ । ସେ ନିଜ ପତିଙ୍କ ସୁରକ୍ଷା ପାଇଁ ବ୍ରାହ୍ମଣଙ୍କ ଦ୍ୱାରା ଇନ୍ଦ୍ରଦେବଙ୍କ ହାତରେ ରକ୍ଷାସୂତ୍ର ବାନ୍ଧିଥିଲେ । ଏହି ରକ୍ଷାସୂତ୍ର କାରଣୁ ଦେବରାଜ ଇନ୍ଦ୍ର ଦେବାସୁର ସଂଗ୍ରାମରେ ବିଜୟ ଲାଭ କରିଥିଲେ ।

## ଖାଦ୍ୟରେ ସାମିଲ କରନ୍ତୁ ବିଟ୍



ଲାଲ ବିଟ୍ ସ୍ୱଦରେ ସମସ୍ତେ ପସନ୍ଦ କରନ୍ତି ନାହିଁ, କିନ୍ତୁ ବିଟ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ବିଟରେ ପୋଷକ ତତ୍ତ୍ୱ ଭରପୂର ଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଯୋଗୁଁ ଏହାକୁ ସୁପରଫୁଡ୍ ମଧ୍ୟ କୁହାଯାଏ । ତେଣୁ ଆସନ୍ତୁ ଜାଣିବା ବିଟ୍ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ।

ବିଟ୍ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଲାଭଦାୟକ ଅଟେ। ଉଚ୍ଚ ରକ୍ତଚାପରେ ବିଟ୍ ଲାଭଦାୟକ ଅଟେ । ଉଚ୍ଚ ରକ୍ତଚାପ ହ୍ରାସ କରିବାରେ ବିଟ୍ ରସ ମଧ୍ୟ ପ୍ରଭାବଶାଳୀ ବୋଲି ବିଶ୍ୱାସ କରାଯାଏ । ଅନୁସନ୍ଧାନ ଅନୁଯାୟୀ, ପ୍ରତିଦିନ ୨୫୦ ମିଲି ବିଟର ରସ ପିଇବା ଦ୍ୱାରା ଶରୀରର ଉଭୟ ସିଷ୍ଟୋଲିକ୍ ଏବଂ ଡାଇଷ୍ଟୋଲିକ୍ ରକ୍ତଚାପ କମିଯାଏ। ଯେଉଁମାନେ ସେମାନଙ୍କର ଓଜନକୁ ନିୟନ୍ତ୍ରଣ କରିବାକୁ ଚାହାଁନ୍ତି, ବିଟ୍ ରସ ସହିତ ସକାଳ ଆରମ୍ଭ କରିବା ଠିକ୍ ୟ ବିଟ୍ ରସରେ ବହୁତ କମ୍ କ୍ୟାଲୋରୀ ଥାଏ ଏବଂ ପୋଷକ ତ□ ମଧ୍ୟ ଭରପୂର ଅଟେ ୟ ଯେଉଁଥିପାଇଁ ଶରୀର ଆବଶ୍ୟକୀୟ ପୋଷକ ତ□ ପାଇଥାଏ ଏବଂ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରିତ ହୋଇଥାଏ। ବିଟରେ ପ୍ରାକୃତିକ ଭାବରେ ମିଳୁଥିବା ନାଇଟ୍ରେଟ୍ ବୃଦ୍ଧଙ୍କ ମସ୍ତିଷ୍କରେ ରକ୍ତ ପ୍ରବାହ ବୃଦ୍ଧିରେ ସହାୟକ ହୋଇଥାଏ। ଯାହା ସେମାନଙ୍କର ସ୍ମୃତିକୁ ଠିକ୍ ରଖେ। ବିଟ ଦ୍ରବୀଭୂତ ଆଣ୍ଟିଅକ୍ସିଡାଣ୍ଟ। କେମୋ-ପ୍ରତିଷେଧକ ପ୍ରଭାବ ରହିଛି । ଯେଉଁ କାରଣରୁ ବିଟ୍ ବ୍ୟବହାର ଆପଣଙ୍କ ଶରୀରରେ କର୍କଟ ଭଳି ମାରାତ୍ମକ ରୋଗର କୋଷ ବିସ୍ତାରକୁ ରୋକିଥାଏ।

## ଝିଅକୁ ବିବାହ ସମୟରେ ଦେଉଛନ୍ତି କି ଗଣେଶଙ୍କ ପ୍ରତିମୂର୍ତ୍ତି ? ଜାଣନ୍ତୁ କ'ଣ ରହିବ ଏହାର ପ୍ରଭାବ



ବିଘ୍ନ ବିନାଶକଙ୍କୁ ସବୁବେଳେ ଶୁଭ ବୋଲି ବିବେଚନା କରାଯାଇଥାଏ। ଗଣେଶ ମୂର୍ତ୍ତି ତଥା ଫଟୋକୁ ପୂଜା କଲେ ଘରେ ସୁଖ ଶାନ୍ତି ବିରାଜମାନ କରିଥାଏ ଓ ବାଧାବିଘ୍ନ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବହୁ ସମୟରେ ପ୍ରିୟଜନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ପରିବାର ଲୋକେ ସେମାନଙ୍କୁ ଗଣେଶ ମର୍ତ୍ତି ଉପହାର ଦେଇଥାନ୍ତି। ହେଲେ ଏହି ସମୟରେ କିଛି ବାସ୍ତୁ ନିୟମ ମାନିବା ଉଚିତ, ନଚେତ ଉନ୍ନତି ହେବା ପରିବର୍ତ୍ତେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗଣେଶଙ୍କ ପ୍ରତିମାକୁ ଘରର ଯେକୌଣସି ସ୍ଥାନରେ ରଖିବା ଉଚିତ ନୁହେଁ। ବିଶେଷକରି ବାଥରୁମ କ୍ୟାରେ ଗଣେଶଙ୍କର ଫଟୋ କିମ୍ବା ପ୍ରତିମା ରଖନ୍ତୁ ନାହିଁ। ଏହା ବ୍ୟତୀତ ଗଣେଶଙ୍କ ପ୍ରତିମାକୁ ଶୋଇବା ଘରେ ମଧ୍ୟ ରଖିବା ଉଚିତ ନୁହେଁ। ଏହା କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବା ସହ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅନାବଶ୍ୟକ ତିକ୍ତତା ବଢ଼ିଥାଏ।

ଭଗବାନ ଗଣେଶଙ୍କ ନୃତ୍ୟ ପ୍ରତିମାକୁ କେବେ ବି ଘରେ ରଖନ୍ତୁ ନାହିଁ। ଏହାକୁ ଉପହାର ରୂପେ ମଧ୍ୟ କାହାକୁ ଦିଅନ୍ତୁ ନାହିଁ। ଗଣେଶ ନୃତ୍ୟ କରୁଥିବା ପ୍ରତିମୂର୍ତ୍ତି ଘରେ ରଖିଲେ ଘରେ ଅଯଥାରେ କଳହ ସୃଷ୍ଟି ହୁଏ ବୋଲି ବିଶ୍ୱାସ ରହିଛି। ଯଦି ଏପରି ମୂର୍ତ୍ତିକୁ ଆପଣ କାହାକୁ ଉପହାର ଭାବେ ଦିଅନ୍ତି, ତା' ହେଲେ ତାଙ୍କ ଜୀବନରେ ମଧ୍ୟ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

ଯଦି ଆପଣ ଗଣପତିଙ୍କ ମୂର୍ତ୍ତିକୁ ଘରେ ରଖିବାକୁ ଯାଉଛନ୍ତି, ତେବେ ବାମ ପାର୍ଶ୍ୱକୁ ଶୁଣ୍ଢ ଥିବା ଗଣପତି ଅଣାଯିବା ଉଚିତ। କାରଣ ଡାହାଣ ପାର୍ଶ୍ୱରେ ଥିବା ଶୁଣ୍ଢ ସହିତ ଗଣେଶଙ୍କୁ ପୂଜା କରିବା ପାଇଁ ବିଶେଷ ନିୟମ ପାଳନ କରିବାକୁ ପଡିଥାଏ।

ବାସ୍ତୁବିତଙ୍କ ଅନୁଯାୟୀ, ସନ୍ତାନ ଚାହୁଁଥିବା ଦମ୍ପତି ଗଣେଶଙ୍କ ଶିଶୁ ପ୍ରତିମୂର୍ତ୍ତିକୁ ଘରକୁ ଆଣିବା ଉଚିତ। ବିଶ୍ୱାସ କରାଯାଏ ଯେ, ଏହାପରେ ଜନ୍ମିତ ସନ୍ତାନ ପିତାମାତାଙ୍କୁ ଭକ୍ତି କରିଥାନ୍ତି।

ଅନ୍ୟପକ୍ଷରେ, ଯଦି ଚାକିରି କିମ୍ବା ବ୍ୟବସାୟରେ କିଛି ଅସୁବିଧା ଅଛି, ତେବେ ସେଗୁଡିକୁ ଦୂର କରିବା ପାଇଁ ଘରେ ଗଣେଶଙ୍କର ଏକ ପ୍ରତିମା କିମ୍ବା ଫଟୋ ଲଗାଯିବା ଉଚିତ ଏହା ସମସ୍ୟା ଦୂର କରେ ଏବଂ ଆପଣଙ୍କୁ ସଫଳତା ଆଣିଦିଏ।

## ଦାବାନଳ ଗ୍ରାସ

କାଳୀୟ ନାଗ ଦଳନ ପରେ ଅନେକ ସମୟ ବିତିସାରିଥିଲା। ଭଗବାନ କୃଷ୍ଣ ଓ ବ୍ରଜଭୂମିର ଅନ୍ୟମାନେ ଥକି ଯାଇଥିଲେ । ସେମାନେ



ଭୋକଶୋଷରେ ଦୁର୍ବଳ ହୋଇପଡ଼ିଥିଲେ । ତେଣୁ ସେଦିନ ସେମାନେ ବୃନ୍ଦାବନ ଫେରିପାରିନଥିଲେ । ସମସ୍ତେ ଯମୁନା ତଟରେ ରାତି ବିତାଇବା ଲାଗି ନିଷ୍ପତ୍ତି ନେଲେ । ଗ୍ରୀଷ୍ମ ଋତୁ ଥିବାରୁ ରାତିରେ ସୁଦ୍ଧା ପ୍ରବଳ ଗରମ ଅନୁଭୂତ ହେଉଥିଲା । ଯମୁନା କୂଳରେ ଚାରିଆଡ଼େ ଘଞ୍ଚ ଜଙ୍ଗଲ ଘେରି ରହିଥିଲା । ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଏବଂ ଅନ୍ୟମାନେ ଆଶ୍ରୟ ନେଇଥିବା ଜଙ୍ଗଲ ଜଳିବାକୁ ଲାଗିଲା। ନିଦ ଭାଙ୍ଗିବାରୁ ଚାରିଆଡ଼େ କେବଳ ନିଆଁ ହିଁ ନିଆଁ ଥିଲା। ସମସ୍ତେ ଭୟଭୀତ ହୋଇପଡ଼ିଲେ । ଟିକିଏ ଆଗରୁ କୃଷ୍ଣ ଯମୁନା ନଦୀରୁ କାଳୀୟ ନାଗକୁ ବିତାଡ଼ିତ କରି ସେମାନଙ୍କୁ ରକ୍ଷା କରିଥିଲେ । ତେଣୁ ବ୍ରଜବାସୀ ଜଙ୍ଗଲ ନିଆଁ ବିପତ୍ତିରୁ ଉଦ୍ଧରିବା ଲାଗି କୃଷ୍ଣଙ୍କ ଶରଣାପନ୍ନ ହେଲେ । ସେମାନଙ୍କ ମନରେ ଥିବା ଭୟ ଦେଖି ଶ୍ରୀକୃଷ୍ଣ ତତ୍‌କ୍ଷଣାତ୍ ଜଙ୍ଗଲ ନିଆଁ ଗିଳିପକାଇଲେ । ଫଳରେ ସମସ୍ତ ନିରୀହ ଜନସାଧାରଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା । ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଦୁଇ ଦୁଇଟି ବଡ଼ ବିପତ୍ତିରୁ ରକ୍ଷା ପାଇଥିଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଜୀବନ କାଳ ମଧ୍ୟରେ ଅନେକ ଚମତ୍କାର କରିଥିଲେ। ତେବେ ଏହି ଚମତ୍କାର ସେ କେବେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରୁନଥିଲେ। ପତିତ, ଅତ୍ୟାଚାରର ଶିକାର ହୋଇଥିବା ଜନତାଙ୍କ ଉଦ୍ଧାର ପାଇଁ ତାଙ୍କର ସମସ୍ତ ଚମତ୍କାର ଉଦ୍ଦିଷ୍ଟ ଥିଲା। ଏହି କାରଣରୁ ଆଜି ସେ ଭଗବାନ ରୂପେ ପୂଜିତ ହେଉଛନ୍ତି । ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଲାଭ କରି ମନୁଷ୍ୟ ବିଫଳତା ଦ୍ୱାରା ଭାଙ୍ଗିନପଡ଼ି ବାରମ୍ବାର ସଫଳତା ପାଇଁ ପ୍ରୟାସ କରିବା ଆବଶ୍ୟକ । କାରଣ ବାରମ୍ବାର ପ୍ରୟାସ ଦ୍ୱାରା ମନୁଷ୍ୟ ସଫଳ ହୋଇପାରିବ ।

# ୫୫ ହସ୍ତଶିଳ୍ପକୁ ବିଭାଗୀୟ ଅନୁମୋଦନ

ଭୁବନେଶ୍ୱର,୮।୧୧(ମହାଭାରତ): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୫୫ ଗୋଟି ହସ୍ତଶିଳ୍ପକୁ ବିଭାଗୀୟ ଅନୁମୋଦନ ମିଳିଛି । ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହାକୁ ଅନୁମୋଦନ କରିଛନ୍ତି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ଏହି ୫୫ ଗୋଟି ହସ୍ତଶିଳ୍ପର ଅନୁମୋଦନ ପାଇଁ ସୁପାରିଶ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ପ୍ରଣତି ଛୋଟରାୟ ଏହାର ପ୍ରସ୍ତାବ ରଖିଥିଲେ ।

ସୂଚନାଯୋଗ୍ୟ, ପୂର୍ବରୁ ୫୧ ଗୋଟି ହସ୍ତଶିଳ୍ପକୁ ଅନୁମୋଦନ ମିଳିଥିଲା । ଏବେ ଏହି ତାଲିକାକୁ ସଂଶୋଧନ କରାଯାଇ ନୂତନ ଭାବେ ୫୫ ଗୋଟି ହସ୍ତଶିଳ୍ପକୁ ରାଜ୍ୟ ସରକାରଙ୍କ ମାନ୍ୟତପ୍ରାପ୍ତ ହସ୍ତଶିଳ୍ପ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଅନୁମୋଦିତ ହସ୍ତଶିଳ୍ପ ମଧ୍ୟରେ ରହିଛି ଚାନ୍ଦୁଆ, କାରୁକାର୍ଯ୍ୟପୂର୍ଣ୍ଣ ଚମଡ଼ା କାମ, କାରୁକାର୍ଯ୍ୟପୂର୍ଣ୍ଣ ସପ, କାରୁକାର୍ଯ୍ୟପୂର୍ଣ୍ଣ କାଠ କାମ, ବାଉଁଶ କାମ, ବାଟିକ୍ ଛାପା କାମ, ଗୁଆ କାମ, କଂସା ଓ ପିତ୍ତଳ କାମ, ବେତ କାମ, ମାଟି କଣ୍ଢେଇ, କପଡ଼ା ଫୁଲ, କପଡ଼ା ତାଳିପକା କାମ, କପଡ଼ା କଣ୍ଢେଇ, ନଡ଼ିଆ ସଢ଼େଇ କାମ, କତା ହସ୍ତଶିଳ୍ପ, ଢୋକ୍ରା କାମ, ସୂଚୀ କାମ, କାଇଁଚ କାମ, ଗୋପା କାମ, ଦରି ଓ ସତରଞ୍ଜି କାମ, ହସ୍ତ ନିର୍ମିତ ଅଳଙ୍କାର, ଶିଙ୍ଗ କାମ, ଜୟଖାଡ଼ି କାମ, ଝୋଟ ନିର୍ମିତ ହସ୍ତଶିଳ୍ପ, କିଆ ପତ୍ରରୁ ପ୍ରସ୍ତୁତ ହସ୍ତଶିଳ୍ପ, ଲାଖ କାମ, ପ୍ରାକୃତିକ ତନ୍ତୁ ନିର୍ମିତ ହସ୍ତଶିଳ୍ପ (ନାଳିଆ ଘାସ, ସିସଲ ଘାସ, ହେଂସୁଆଦି), ଧାନରୁ ତିଆରି ହସ୍ତଶିଳ୍ପ, ଡଙ୍ଗରିଆ କନ୍ଧ ଚିତ୍ରକଳା, ଗଣ୍ଡ ଚିତ୍ରକଳା, ଜୁଆଙ୍ଗ ଚିତ୍ରକଳା, କୋହ୍ଲ ଚିତ୍ରକଳା, କୁଟିଆ କନ୍ଧ ଚିତ୍ରକଳା, ଲାଞ୍ଜିଆ ସଉରା ଚିତ୍ରକଳା, ଓରାଓଁ ଚିତ୍ରକଳା, ସାନ୍ତାଳ ଚିତ୍ରକଳା, ସଉରା ଚିତ୍ରକଳା, ତାଳପତ୍ର ତିଆରି ସାଜସଜ୍ଜା ଜିନିଷ, ତାଳପତ୍ର ଖୋଦେଇ, କାଗଜ ମୁଖା, ପଟ୍ଟଚିତ୍ର, ଗଛମୂଳରୁ ତିଆରି ହସ୍ତଶିଳ୍ପ, ସବାଇ ଘାସ କାମ, ଶଙ୍ଖ ଶାମୁକା କାମ, ରୂପା ତାରକସି କାମ, ସୋଲ କାମ, ପଥର ଖୋଦେଇ, ଛଣରୁ ତିଆରି ହସ୍ତଶିଳ୍ପ, ଟେରାକୋଟା ଏବଂ ମାଟିପାତ୍ର କାମ, ଯାତ୍ରା ପୋଷାକ, ଆଦିବାସୀ ଅଳଙ୍କାର, ତୁମ୍ବା କାମ, କାଠ ଖୋଦେଇ, ଚିତ୍ରିତ କାଠ କଣ୍ଢେଇ ଏବଂ ଲୌହ ଧାତୁ ନିର୍ମିତ ହସ୍ତଶିଳ୍ପ । ସୂଚନାଯୋଗ୍ୟ, ରାଜ୍ୟ ସରକାର ଏହି ଅନୁମୋଦିତ ହସ୍ତଶିଳ୍ପ ଗୁଡ଼ିକର ବିକାଶ ପାଇଁ ବିଶେଷ ଧ୍ୟାନ ଦେବା ସହ ଏଥିରେ କାର୍ଯ୍ୟରତ କାରିଗରମାନଙ୍କୁ ନିୟମାନୁଯାୟୀ ଆବଶ୍ୟକୀୟ ସହାୟତା ଯୋଗାଇ ଦେବେ ।

# ଏସସିବିରେ ଗୁରୁତର ଅସୁସ୍ଥଙ୍କୁ ଭେଟିଲେ ମେୟର

କଟକ,୮।୧୧(ମହାଭାରତ): ଆଜି କଟକ ମେୟର ସୁବାସ ସିଂହ , ହସ୍ପିଟାଲ ରେ ପହଞ୍ଚି ଆମ୍ବ ଟାକୁଆ ଯାଉ ଖାଇ ଗୁରୁତର ଅସୁସ୍ଥ ହୋଇ ଆସିଥିବା ରୋଗୀ ମାନଙ୍କୁ ମେୟର ଭେଟିବା ସହ ତାଙ୍କର ସମସ୍ତ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଛନ୍ତି। ଏହା ସହ ଦାୟିତ୍ୱରେ ଥିବା ଡ଼କ୍ଟରଙ୍କ ସହ ସେମାନଙ୍କର ସୁସ୍ଥ ଅବସ୍ଥା ଓ ଚିକିତ୍ସା ସମ୍ବନ୍ଧରେ ପଚାରି ବୁଝିଥିଲେ। କଟକ ମହାନଗର ତରଫରୁ ଚିକିତ୍ସିତ ରୋଗୀ ଓ ସେମାନଙ୍କର ପରିବାର ବର୍ଗ ମାନଙ୍କୁ ମହାନଗର ନିଗମ ତରଫରୁ ସମସ୍ତ ପ୍ରକାର ସହାୟତା ଓ ସହଯୋଗ ପ୍ରଦାନକରାଯିବ ବୋଲି ମେୟର ପ୍ରତିଶୃତି ଦେଇଥିଲେ।

ସୂଚନା ମୁତାବକ କଳାହାଣ୍ଡି ଜିଲ୍ଲା ରେ ବିଷାକ୍ତ ଆମ୍ବ ଟାକୁଆ ଯାଉ ଖାଇ ଅନେକ ଲୋକ ଅସୁସ୍ଥ ହୋଇ ସ୍ଥାନୀୟ ଜିଲ୍ଲା ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଜଟିଳ ହେବାରୁ କଟକ ବଡ ଡାକ୍ତର ଖାନାକୁ ପଠା ଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସ୍ଥିର ଥିବା ବେଳେ ଅନ୍ୟଜଣେ ଗୁରୁତର ଅଛନ୍ତି। ଏହି ଅବସରରେ କଟକ ମେୟର ସୁବାସ ସିଂହ ଙ୍କ ସହିତ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା , ଦୀପ୍ତି ରଞ୍ଜନ ରାୟ, ମେଡିକାଲ କର୍ତୃପକ୍ଷ ,ବିବେକାନନ୍ଦ ଯୁବ ସଂଗଠନର କଟକ ର ସମ୍ପାଦକ ବିନୋଦ କୁମାର ପଣ୍ଡା , ଓ ସଂଗଠନ ର ବହୁ ସଦସ୍ୟ, ସମାଜ ସେବୀ ଦେବେନ୍ଦ୍ର କାହାଳି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ଅପାର ସୁଯୋଗ ରହିଛି



ଭୁବନେଶ୍ୱର,୮।୧୧(ସ୍ୱାଧିକାରନ୍ୟୁଜ): ୱାର୍ଲଡ ଟ୍ରାଭେଲ ମାର୍କେଟର ଅନ୍ତିମ ଦିବସରେ ଏକ ବିଶେଷ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ବିଦେଶରେ ଓଡିଶାର ସମୃଦ୍ଧ କଳା, ସଂସ୍କୃତି ଏବଂ ଭାଷାକୁ ପ୍ରୋତ୍ସାହିତ କରିବା ସହ ଏହାର ପ୍ରଚାର ଏବଂ ପ୍ରସାରରେ ପ୍ରବସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ସୁଯୋଗ ଓ ସମ୍ଭାବନାର ଅଭାବ ନାହିଁ। ଓଡ଼ିଶାର ପ୍ରତ୍ୟେକ ପର୍ଯ୍ୟଟନ କ୍ଷେତ୍ର ନିକଟରେ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର ସାମର୍ଥ୍ୟ ରହିଛି। ପର୍ଯ୍ୟଟନକ୍ଷେତ୍ରର ବିକାଶ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ସ୍ତମ୍ଭ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ।

ଅଧିବେଶନରେ ଓଡ଼ିଶା ସରକାରଙ୍କ ନିବେଶ ଅନୁକୂଳ ନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଘରୋଇ ତଥା ଆନ୍ତର୍ଜାତୀୟ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ସ୍ୱତନ୍ତ୍ର ଭାବରେ ପରିକଳ୍ପିତ ଆଇନ ଏବଂ ବ୍ୟବସ୍ଥା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସୂଚନା ଦେଇଥିଲେ ।

ବିଶ୍ୱ ପର୍ଯ୍ୟଟନରେ ଓଡ଼ିଶାର ସ୍ଥିତିକୁ ସୁଦୃଢ ଏବଂ ନୂତନ ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବା ସହ ଏହି କାର୍ଯ୍ୟକ୍ରମ ପ୍ରବାସୀ ଭାରତୀୟ ଏବଂ ଶିଳ୍ପପତିମାନଙ୍କ ପାଇଁ ପର୍ଯ୍ୟଟନର ବିକାଶ ତଥା ପ୍ରୋତ୍ସାହନରେ ଓଡିଶା ସହ ସହଯୋଗ କରିବାକୁ ଏକ ଖୋଲା ନିମନ୍ତ୍ରଣ ଭାବରେ କାର୍ଯ୍ୟ କରିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ।

ଏହି ପରିପ୍ରେକ୍ଷୀରେ ଓଡିଶା ପର୍ଯ୍ୟଟନର ବିକାଶ ଏବଂ ଓଡ଼ିଶାରେ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ପ୍ରତିଷ୍ଠିତ ବ୍ୟବସାୟିକ ସଂସ୍ଥା ଏବଂ ସମ୍ଭାବ୍ୟ ନିବେଶକମାନଙ୍କ ସହିତ ଦୁଇଟି ସ୍ୱତନ୍ତ୍ର ରାଉଣ୍ଡ ଟେବୁଲ୍ ଆଲୋଚନା ମଧ୍ୟ କରଯାଇଥିଲା। ଆଲୋଚନାରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ,ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଅନୁପମ ଶାହା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଡିଜିଟାଲ ବିପ୍ଳବର ଦ୍ୱାରଦେଶରେ ଭାରତ

ଭୁବନେଶ୍ୱର,୮।୧୧(ପିଆଇବି): ୫-ଜି'ର ଦ୍ରୁତ କାର୍ଯ୍ୟକାରିତା ଏବଂ ଗ୍ରହଣୀୟତା ସହିତ ଭାରତ ଏକ ପରିବର୍ତ୍ତନକାରୀ ଡିଜିଟାଲ ବିପ୍ଳବର ଦ୍ୱାରଦେଶରେ ଛିଡ଼ା ହୋଇଛି । ୨୦୩୦ ସୁଦ୍ଧା ଦେଶର ଅର୍ଦ୍ଧାଧିକ ଜନସଂଖ୍ୟା ୫-ଜି ସେବା ବ୍ୟବହାର କରୁଥିବେ ବୋଲି ଜିଏସଏମଏ ରିପୋର୍ଟରୁ ଜଣାପଡ଼ିଛି । ବ୍ୟାପକ ସରକାରୀ ପ୍ରୟାସ, ଭିତ୍ତିଭୂମିରେ ନିବେଶ ଏବଂ ନୀତିଗତ ସଂସ୍କାର ୫-ଜିର ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବ । ଏହି ପରିବର୍ତ୍ତନ ଭାରତକୁ ଏକ ଡିଜିଟାଲ-ପ୍ରଥମ ରାଷ୍ଟ୍ରରେ ପରିଣତ କରିବା ସହିତ ମୋବାଇଲ ପ୍ରଯୁକ୍ତିକୁ ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଓ ପ୍ରଶାସନ କ୍ଷେତ୍ରରେ ସୁଧାର ଆଣିବା ପାଇଁ ବ୍ୟବହାର କରାଯାଇପାରିବ।

୫-ଜି ପ୍ରଯୁକ୍ତି ୨୦୨୩ରୁ ୨୦୪୦ ମଧ୍ୟରେ ଭାରତୀୟ ଅର୍ଥବ୍ୟବସ୍ଥାରେ ପ୍ରାୟ ୩୬.୪ ଲକ୍ଷ କୋଟି ଟଙ୍କାର ଯୋଗଦାନ ଦେବ ଏବଂ ଏହା ୨୦୨୪୦ ସୁଦ୍ଧା ଦେଶର ଜିଡିପିରେ ୦.୬% ପ୍ରତିଶତରୁ ଅଧିକ ଅଂଶ ହାସଲ କରିବ । ଉତ୍ପାଦନ, ଖୁଚୁରା ବ୍ୟବସାୟ, ସ୍ୱାସ୍ଥ୍ୟସେବା ଏବଂ କୃଷି ଭଳି ପ୍ରମୁଖ କ୍ଷେତ୍ରଗୁଡିକ ୫-ଜି ଦ୍ୱାରା ଉପକୃତ ହେବେ, ଯାହା ନୂତନ ପରିଚାଳନା ମଡେଲ, ଉନ୍ନତ ଦକ୍ଷତା ଓ ସ୍ମାର୍ଟ ସିଟି ଏବଂ ଡିଜିଟାଲ ଗଭର୍ଣ୍ଣାନ୍ସ ଭଳି ଅଭିନବ ସେବାକୁ ସକ୍ଷମ କରିବାୟ । ୫-ଜିର ଦ୍ରୁତ କାର୍ଯ୍ୟକାରିତା ପାଇଁ ଭାରତ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍ୱଦଶୀ ଟେଲିକମ୍ ଷ୍ଟେକ୍ ପାଇଁ ଭାରତରାନ୍ ପ୍ରକଳ୍ପ ଅଧୀନରେ ଭାରତ ନିଜର ଓଆରଏଏନ୍ ଅନୁପାଳନକାରୀ ୫-ଜି ଉପକରଣ ସମେତ ୪-ଜି/୫-ଜି ଟେଲିକମ୍ ଷ୍ଟେକକୁ ବିକଶିତ କରିଛି । ଏହି ସ୍ଥାନୀୟ ଭିତ୍ତିଭୂମି ବିଦେଶୀ ଜ୍ଞାନକୌଶଳ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସହାୟକ ହୋଇଥାଏ, ଯାହା ଏକ ବିଶ୍ୱ ଟେଲିକମ୍ ଉତ୍ପାଦନ କେନ୍ଦ୍ର ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିଥାଏ । ସରକାରୀ ଅନୁଦାନରେ ୮ଟି ପ୍ରମୁଖ ଗବେଷଣା ଅନୁଷ୍ଠାନ ଗବେଷଣା ଓ ଉଦ୍ଭାବନକୁ ସମର୍ଥନ କରିବା ପାଇଁ ଏକ ସ୍ୱଦେଶୀ, ସମ୍ପୂର୍ଣ୍ଣ ପ୍ରୋଗ୍ରାମେବଲ୍ ୫-ଜି ଟେଷ୍ଟ ବେଡ୍ ତିଆରି କରିଛନ୍ତି । ୫-ଜି ଏବଂ ୬-ଜି ଅଗ୍ରଗତିକୁ ସମର୍ଥନ କରିବା ସହିତ ସେମାନଙ୍କର ପ୍ରୋଟୋଟାଇପ୍ ଏବଂ ସେବାଗୁଡିକୁ ବୈଧ କରିବାକୁ ଅନୁମତି ଦିଏଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସହରାଞ୍ଚଳ ପରିଚାଳନା ସମେତ ବିଭିନ୍ନ କ୍ଷେତ୍ରରେ ୫-ଜି ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ପାଇଁ ସରକାର ୧୦୦ କୋଟି ଟଙ୍କାର ବ୍ୟୟବରାଦ ସହ ସମଗ୍ର ଦେଶରେ ୧୦୦ଟି ଲ୍ୟାବ୍ ମଞ୍ଜୁର କରିଛନ୍ତି । ଡିଜିଟାଲ କମ୍ୟୁନିକେସନ୍ ଇନୋଭେସନ୍ ସ୍କୋୟାର (ଡିସିଆଇଏସ୍) ଏବଂ ଟେଲିକମ୍ ଟେକ୍ନୋଲୋଜି ଡେଭଲପମେଣ୍ଟ ଫଣ୍ଡ (ଟିଟିଡିଏଫ୍) ଯୋଜନା ମିଳିତ ଭାବେ ଦୂରସଞ୍ଚାର ଗବେଷଣା ଓ ବିକାଶରେ ଷ୍ଟାର୍ଟଅପ୍ ଏବଂ ଏମଏସଏମଇଗୁଡ଼ିକୁ ସମର୍ଥନ କରିଥାଏ, ସ୍ୱଦେଶୀ ୫ଜି ସମାଧାନ ବିକଶିତ କରିବା ପାଇଁ ପାଣ୍ଠି ଏବଂ ସମ୍ବଳ ପ୍ରଦାନ କରିଥାଏ । ୨୦୨୨ରେ ଆରମ୍ଭ ହୋଇଥିବା ଟିଟିଡିଏଫ ଗ୍ରାମୀଣ ଯୋଗାଯୋଗ ପ୍ରଯୁକ୍ତି ଉଦ୍ଭାବନ ପାଇଁ ବାର୍ଷିକ ୫୦୦ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଥାଏ ।

**୨୦୩୦ ସୁଦ୍ଧା ଦେଶର ଅର୍ଦ୍ଧାଧିକ ଜନସଂଖ୍ୟା ବ୍ୟବହାର କରିବେ ୫-ଜି ସେବା**

## ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କନସୁଲେଟ ଜେନେରାଲ

ଭୁବନେଶ୍ୱର,୮।୧୧(ମହାଭାରତ): ନ୍ୟୁଜିଲ୍ୟାଣ୍ଡସ୍ଥିତ ଅକଲ୍ୟାଣ୍ଡରେ କନସୁଲେଟ ଜେନେରାଲ ରୂପେ ଅବସ୍ଥାପିତ ହେବାକୁ ଥିବା ମଦନ ମୋହନ ସେଠୀ ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଲୋକସେବା ଭବନସ୍ଥ ସେମାନଙ୍କ କାର୍ଯ୍ୟାଳୟରେ ଭେଟିଛନ୍ତି।

ଏହି ଅବସରରେ ବିଦେଶରେ ଆମ ଓଡ଼ିଆ ଲୋକମାନେ ଉଚ୍ଚପଦପଦବୀରେ କାର୍ଯ୍ୟ କରୁଥିବା ଦେଖି ଖୁବ୍ ଖୁସି ଲାଗୁଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ। ସାକ୍ଷାତ ସମୟରେ ନ୍ୟୁଜିଲ୍ୟାଣ୍ଡରେ ଓଡ଼ିଆ ଲୋକଙ୍କ ସଂଖ୍ୟା ଏବଂ ଅନ୍ୟାନ୍ୟ ଜ୍ଞାନକୌଶଳ ଭିତ୍ତିକ ଏକ ଆଲୋଚନା ହୋଇଥିଲା ।

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଲୋକସେବା ଭବନସ୍ଥ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ କରିଥବାବେଳେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଶ୍ରୀ ସେଠୀଙ୍କୁ ଏକ ଉତ୍ତରୀୟ ଏବଂ ବୋଇତର ସ୍ମାରକୀ ପ୍ରଦାନ କରିଥିଲେ । ସଂପ୍ରତି ଓଡ଼ିଶାର ଉତ୍ପାଦକୁ ବିଶ୍ୱବଜାରରେ ପ୍ରଚାରପ୍ରସାର କରାଇବା ସହିତ ଓଡ଼ିଶାକୁ ଇଣ୍ଡଷ୍ଟ୍ରିଆଲ୍ ହବ୍ ଏବଂ ସ୍କିଲ୍ ହବ୍‌ରେ ପରିଣତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଲୋଚନା କରିଥିଲେ ଏବଂ ଆସନ୍ତା ଜାନୁଆରୀ ୨୦୨୫ରେ ଓଡ଼ିଶାରେ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା-୨୦୨୫' ପାଇଁ ନିଉଜଲ୍ୟାଣ୍ଡର ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କନ୍‌ସଲ୍ ଜେନେରାଲ୍ ଶ୍ରୀ ସେଠୀଙ୍କ ସହିତ ଆଲୋଚନା କରିଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏସ୍‌ସି/ଏସ୍‌ଟି ରୋଷେୟା ମହାସଂଘ

ଭୁବନେଶ୍ୱର,୮।୧୧(ମହାଭାରତ): ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ରାଜ୍ୟ ଆବାହକ ଦିଗମ୍ବର ଜେନାଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଗୋଟି ଜିଲ୍ଲାରୁ ପ୍ରତ୍ୟେକ କର୍ମକର୍ତ୍ତାମାନେ ଯୋଗଦେଇ ନିଜର ଦହନୀୟତା ପ୍ରକାଶ କରିଥିଲେ । ଦୀର୍ଘ ୨୫ ବର୍ଷ ଧରି ସରକାରଙ୍କ ଅଧିନରେ ଥିବା ସେବାଶ୍ରମ ହଷ୍ଟେଲ୍ ଗୁଡ଼ିକରେ ୨୪ ଘଣ୍ଟା ଧରି ରୋଷେୟାମାନେ କାର୍ଯ୍ୟ କରୁଛନ୍ତି । ବଡ଼ ଦୁଃଖର ବିଷୟ, ସେମାନଙ୍କର ଉଚିତ୍ ପ୍ରାପ୍ୟ ପାଇପାରୁ ନାହାଁନ୍ତି । ଶାନ୍ତିପୂର୍ଣ୍ଣ ଭାବରେ ବହୁବାର ସରକାରଙ୍କ ସହିତ ଆଲୋଚନା କରାଯାଇଛି । ପୂର୍ବ ସରକାର ସମସ୍ତ ସଂଗଠନକୁ ଅଳ୍ପେ ବହୁତ କରି କିଛି ପାରିଶ୍ରମିକ ଦାବି ପୂରଣ କରିଥିଲେ । ୨୪ ଘଣ୍ଟା ଧରି କାର୍ଯ୍ୟକରି ଅସହାୟ ଅବସ୍ଥାରେ ଥିବା ରୋଷେୟା ମାନଙ୍କୁ ଟଙ୍କାଟିଏ ମଧ୍ୟ ଦେବାରେ ବ୍ୟବସ୍ଥା କରିନଥିବାରୁ ରାଜ୍ୟ ଆବାହକ ଦିଗମ୍ବର ଜେନା କ୍ଷୋଭ ପ୍ରକାଶ କରିଛନ୍ତି । ମହାସଂଘର ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡା ଯୋଗଦେଇ ୮ ଦଫା ଦାବି ସମ୍ବନ୍ଧରେ ଆଲୋଚନା କରିଥିଲେ । ଦାବିଗୁଡ଼ିକ ହେଲା :-୧. ଆମ୍ଭେମାନେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଗୁଡ଼ିକର ଛାତ୍ରୀନିବାସମାନଙ୍କରେ ରୋଷେୟା ତଥା ସେବାୟତ ଭାବରେ ନିଯୁକ୍ତି ପାଇଅଛୁ । ଛାତ୍ରଛାତ୍ରୀମାନଙ୍କ ପାଇଁ ସୁଷମ ଖାଦ୍ୟ ପ୍ରସ୍ତୁତ କରିବା, ପରିବେଷଣ କରିବା, ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ତଥା ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆଦେଶ ଅନୁସାରେ ଆମେ ସମସ୍ତେ କାର୍ଯ୍ୟ ଅତି ନିଷ୍ଠାର ସହିତ ପାଳନ କରିଆସୁଅଛୁ । ତୁରନ୍ତ ଆମ୍ଭମାନଙ୍କୁ ନିୟମିତ କରାଯାଉ । ୨. ବିଡମ୍ବନାର ବିଷୟ ଓଡ଼ିଶା ସରକାରଙ୍କ ପ୍ରତି ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଧିନରେ ଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶ୍ୱାସନୀୟତାର ସହ କାର୍ଯ୍ୟ କରିବା ସତ୍ତ୍ୱେ ଆମ ପ୍ରତି ଉପେକ୍ଷା କରାଯାଉଛି । ଦୀର୍ଘ ୨୪/୨୫ ବର୍ଷ ହେଲା ଆମ୍ଭେ ସରକାରୀ ଅସ୍ଥାୟୀ କର୍ମଚାରୀ ହିସାବରେ କାର୍ଯ୍ୟ କରିଆସୁଛୁ । କିନ୍ତୁ ନିୟମିତ ହୋଇପାରୁ ନାହୁଁ । ଅତି ଦୟନୀୟ ଭାବରେ ଆମ୍ଭେ ଗୁଜୁରାଣ ମେଣ୍ଟାଉଛୁ । ଏତେ ବିଶ୍ୱାସନୀୟତା ସହ କୋମଳମତି ଛାତ୍ରୀମାନଙ୍କର ଯତ୍ନ ନେଉଥିଲେ ସୁଦ୍ଧା ସରକାରୀ ବାବୁମାନଙ୍କର ଆମ ପ୍ରତି ଦରଦ ନାହିଁ । ଆମ୍ଭମାନଙ୍କର ଚାକିରୀର ନିୟମିତକରଣ ପାଇଁ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ତତ୍ପରତା ପ୍ରକାଶ କରୁନାହିଁ । ଆମ୍ଭେମାନେ ଆପଣଙ୍କ ଶରଣାପନ୍ନ ହୋଇ ନିମ୍ନ ବିଷୟ ପ୍ରତି ଧ୍ୟାନ ଦେବା ସହ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ କରାଯାଉ ।



## ମହିଳା ଗୋଷ୍ଠୀ ବିଜେଡିର ଶକ୍ତି : ନବୀନ

ଭୁବନେଶ୍ୱର,୮।୧୧: ବିଜୁ ଜନତା ଦଳ ସରକାର ସମୟରେ ମହିଳା ସଶକ୍ତିକରଣ ପାଇଁ ପ୍ରଣୟନ କରାଯାଇଥିବା ଅନେକ ଯୁଗୋପଯୋଗୀ ଯୋଜନା ସମଗ୍ର ଦେଶରେ ମଡେଲ ଭାବରେ ଗ୍ରହଣ କରାଯାଇଛି। ଏହି ଯୋଜନା ଗୁଡିକ ଏକ ସୁବର୍ଣ୍ଣ ଯୁଗର ସ୍ୱର୍ଣ୍ଣିମ ଅକ୍ଷରରେ ସର୍ବଜନବିଦିତ।

ଏହି ସନ୍ଦର୍ଭରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିବା ପାଇଁ ଅଣ୍ଟା ଭିଡ଼ିଛି ବିଜୁ ମହିଳା ଜନତା ଦଳ । ରାଜ୍ୟରେ ୧ ଲକ୍ଷ ସକ୍ରିୟ ମହିଳା ସଦସ୍ୟ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହେବା ସହିତ ଅନଲାଇନ୍ ଏବଂ ଅଫଲାଇନ ଜରିଆରେ ୨୫ ଲକ୍ଷ ସାଧାରଣ ସଭ୍ୟ ସଂଗ୍ରହ ନିମନ୍ତେ ପ୍ରସ୍ତୁତି କରୁଛି ବିଜୁ ମହିଳା ଜନତା ଦଳ । ଆଜି ସମସ୍ତ ରାଜ୍ୟ ସ୍ତରୀୟ ଏବଂ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ମାନଙ୍କୁ ନେଇ ଆଭାସୀ ମାଧ୍ୟମରେ ଏକ କର୍ମଶାଳା ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନର ଆବାହକ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି ।

# ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୮।୧୧(ମହାଭାରତ): ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ୍ ଅନୁସାରେ ୬ ବର୍ଷ କାର୍ଯ୍ୟ ତୁଲାଇଥିବା ରୋଷେୟା ତଥା ସେବାୟତଙ୍କ ଚାକିରୀକୁ ନିୟମିତ କରାଯାଉ ପ୍ରତ୍ୟେକ ରୋଷେୟାମାନଙ୍କର ଇ.ପି.ଏଫ୍. କଟାଯାଉ । ଯେଉଁମାନଙ୍କର ଶିକ୍ଷାଗତ ଯୋଗ୍ୟତା +୨ ପାସ୍ ହୋଇଥିବା ସେମାନଙ୍କୁ ସିଟି ତାଲିମ୍ ଏବଂ କନିଷ୍ଠ ମେଟ୍ରନ ନିଯୁକ୍ତି ଦେବା ବ୍ୟବସ୍ଥା କରାଯାଉ । ଚାକିରୀ ସମୟରେ ଆକସ୍ମିକ ଦୁର୍ଘଟଣା ଘଟିଲେ ପରିବାରଙ୍କୁ ଅନୁକମ୍ପାମୂଳକ ପ୍ରୋତ୍ସାହନ ରାଶି ପ୍ରଦାନ, ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି କରାଯାଉ । ଦିନରାତି ସଚେତନ ରହି ଅବିଶ୍ରାନ୍ତ ଭାବେ ଦାୟିତ୍ୱ ବହନ କରୁଥିବା ବେଳେ ଅନେକ ରୋଷେୟାମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଦାୟୀ କରାଯାଇ ଚାକିରୀରୁ ବହିଷ୍କାର, ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ । ଚାକିରୀ ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ । ) ଭାରତ ରତ୍ନ ଲାଲକୃଷ୍ଣ ଆଡଭାନୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ । ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ଦେଶର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଭାରତ ରତ୍ନ ଆଦରଣୀୟ ଶ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା । ମହାପ୍ରଭୁ ଜଗନ୍ନାଥ ସ୍ୱାମୀଙ୍କ ନିକଟରେ ଆପଣଙ୍କ ସୁସ୍ଥତା ଓ ସୁଦୀର୍ଘ ଜୀବନ କାମନା କରୁଛି । ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମ ଲେଖା ଜାଲିଆତି ପ୍ରସଙ୍ଗରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ଏକ ରାଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀ ସୁରଜ ସୂର୍ଯ୍ୟବଂଶୀ ସେଠୀଙ୍କ ସରକାରୀ



ବାସଭବନ ପ୍ରଦେଶ ଛାତ୍ର କଂଗ୍ରେସ ଘେରାଉ କରିଥିଲା।

ଏହି ପ୍ରସଙ୍ଗରେ ଉଦିତ ପ୍ରଧାନ କହିଛନ୍ତି ଯେ, ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀ ସେଠୀ ସାମସ୍ ର୍‍ୟାଙ୍କିଙ୍ଗ ବ୍ୟବସ୍ଥା, ଯାହାକି ନାମଲେଖା ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିଥାଏ, ତାହାକୁ ସଂପୂର୍ଣ୍ଣ ଭାବେ ପ୍ରଭାବିତ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଲାଇବ୍ରେରି ଆଣ୍ଡ ଇନ୍‌ଫରମେସନ ସାଇନ୍‌ସ୍ ବିଭାଗରେ ନାମଲେଖା ପାଇଁ ଆବେଦନକାରୀ ଛାତ୍ର ଶ୍ରୀ ବିଜୟ ସାହୁ ସାମସ୍ ର୍‍ୟାଙ୍କିଙ୍ଗରେ ୧୩ ନମ୍ବର ସ୍ଥାନ ରଖିଥିଲେ। ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସାମସ୍ ର୍‍ୟାଙ୍କିଙ୍ଗରେ ୧୫ ନମ୍ବର ସ୍ଥାନ ରଖିଥିବା ଛାତ୍ରଙ୍କୁ ନାମଲେଖା ପାଇଁ ସୁଯୋଗ ଦେଲେ। ୧୩ ନମ୍ବର ସ୍ଥାନ ରଖିଥିବା ଛାତ୍ର ଶ୍ରୀ ବିଜୟ ସାହୁଙ୍କୁ ସଂପୃକ୍ତ ବିଭାଗ ପକ୍ଷରୁ ରିପୋର୍ଟିଂ ପରେ ଆଡ଼ମିସନ ପାଇଁ ଟେଲିଫୋନ କରାଯାଇଥିଲା। ଶ୍ରୀ ସାହୁ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ତାଙ୍କର ସିଏଲ୍‌ସି ଆଣି ଯଥାସମୟରେ ଆଡ଼ମିସନ ଫର୍ମ ପୂରଣ କରି ଆବଶ୍ୟକୀୟ ଡକୁମେଂଟ ସହ ସଂପୃକ୍ତ ବିଭାଗରେ ଦାଖଲ କଲେ। ମାତ୍ର ସେହି ବିଭାଗର କୋଅର୍ଡ଼ିନେଟର ଶ୍ରୀ ରୁଦ୍ରନାରାୟଣ ମହାପାତ୍ର ଆବେଦନକାରୀ ଛାତ୍ରଙ୍କୁ କହିଲେ ଯେ, 'ତୁମର ସବୁ ଯୋଗ୍ୟତା ଥାଇ ଆମେ ତୁମର ନାମ ଲେଖାଇ ପାରିବୁ ନାହିଁ, କାରଣ ଆମ ଉପରେ ଚାପ ରହିଛି, ଯଦି ଆମେ ଏହି ଚାପକୁ ନ ମାନିବୁ ତେବେ ଅସୁବିଧାରେ ପଡ଼ିବୁ'। ଏହି ପ୍ରସଙ୍ଗ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଏବଂ ଛାତ୍ର କଂଗ୍ରେସ ପକ୍ଷରୁ କୁଳପତି ଶ୍ରୀମତୀ ସବୀତା ଆଚାର୍ଯ୍ୟ ଏବଂ ପିଜି. କାଉନ୍‌ସିଲ ଅଧ୍ୟକ୍ଷ ନବନୀତା ରଥ ଦୃଷ୍ଟିକୁ ଅଣାଯାଇଥିଲା। ନାମଲେଖାର ଜାଲିଆତି ଭଳି ସାଂଘାତିକ ଅଭିଯୋଗକୁ କୁଳପତି ଏବଂ କାଉନ୍‌ସିଲ ଅଧ୍ୟକ୍ଷ ନବନୀତା ରଥ ବିଚାରକୁ ନେଲେ ନାହିଁ। କୋଅର୍ଡ଼ିନେଟର ଯେଉଁ ଭାଷାରେ ବୁଝାଇଥିଲେ କୁଳପତି ଏବଂ ପି.ଜି. କାଉନ୍‌ସିଲ ଅଧ୍ୟକ୍ଷ ମଧ୍ୟ ସେହି ଭାଷାରେ ଉପେକ୍ଷିତ ଛାତ୍ରକୁ ବୁଝାଇଲେ। ଏହି ପ୍ରସଙ୍ଗ ଛାତ୍ର କଂଗ୍ରେସ ପକ୍ଷରୁ ମାନ୍ୟବର ରାଜ୍ୟପାଳ ଯିଏକି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି, ଉଚ୍ଚଶିକ୍ଷା ବିଭାଗର ସଚିବଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ମାତ୍ର କୌଣସି ସୁଫଳ ମିଳିଲା ନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟର କିଛି ସାଧୁ ବା ସଚ୍ଚୋଟ କର୍ମଚାରୀ ଆମକୁ ଖବର ଦେଲେ ଯେ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୁରଜ ସୂର୍ଯ୍ୟବଂଶୀ ସେଠୀଙ୍କ ନିର୍ଦ୍ଦେଶରେ ଏହି ନାମ ଲେଖା କରାଯାଇଛି।

## ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀଙ୍କୁ ଗୃହ ନିର୍ମାଣ ପାଇଁ ଅଗ୍ରୀମ ଟଙ୍କା

ଭୁବନେଶ୍ୱର,୮।୧୧(ମହାଭାରତ): ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀଙ୍କୁ ଘର ପାଇଁ ଅଗ୍ରୀମ ଟଙ୍କା ମିଳିବ। ନୂଆ ଜମି କିଣିବା ଲାଗି ମଧ୍ୟ ଅଗ୍ରୀମ ଦିଆଯିବ। ପୁରୁଣା ଜମିରେ ନୂଆ କୋଠା ନିର୍ମାଣ ଏବଂ ନିର୍ମିତ ହୋଇଥିବା କୋଠା କିଣିବା ଲାଗି ମଧ୍ୟ ଅଗ୍ରୀମ ଅର୍ଥ ମିଳିବ। ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଚିଠି କରାଯାଇଛି। ଏସବୁ ପାଇଁ ଆବେଦନକାରୀଙ୍କୁ ତଥ୍ୟ ପ୍ରଦାନ ପାଇଁ କୁହାଯାଇଛି । ନୂଆ ଜମି କ୍ରୟ ପାଇଁ ଆବେଦନ କରିଥିବା ଶିକ୍ଷକ ତଥ୍ୟ ଦେବେ । -ଜମିର ମୂଲ୍ୟ ଓ ବିକ୍ରେତାଙ୍କ ଏଗ୍ରିମେଂଟକୁ ମଧ୍ୟ ଦାଖଲ କରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

# ଆଡ଼ଭାନୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର,୮।୧୧(ମହାଭାରତ): କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।ଶ୍ରୀ ପ୍ରଧାନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଲେଖିଛନ୍ତି, 'ଭାରତୀୟ ଜନତା ପାର୍ଟିର ବରିଷ୍ଠ ସଦସ୍ୟ, ପୂର୍ବତନ ଉପ ପ୍ରଧାନମନ୍ତ୍ରୀ, ଭାଜପାର ଆଧାର ସ୍ତମ୍ଭ ଏବଂ ସମସ୍ତ କାର୍ଯକର୍ତା ମାନଙ୍କର ମାର୍ଗଦର୍ଶକ, ଭାରତରତ୍ନ ଲାଲକୃଷ୍ଣ ଆଡ଼ବାଣୀଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା।'ଆଡ଼ଭାଣୀ ଜୀ ନିଜର ସଂକଳ୍ପ, ଦୂରଦର୍ଶିତା ଓ ନିଷ୍ଠାପର ଦେବା ଦ୍ୱାରା କେବଳ ଭାଜପାକୁ ସୁଦୃଢ କରିଥିଲେ ନୁହେଁ, ଦେଶର ଉନ୍ନତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ରାଷ୍ଟ୍ରସେବା ପ୍ରତି ତାଙ୍କର ଅବଦାନ ଓ ଭାବନାମାନଙ୍କୁ ଆମ ପାଇଁ ନିତ୍ୟ ଅନୁପ୍ରେରଣାର ଉତ୍ସ ଭାବରେ ରହିବ । ମହାପ୍ରଭୁ ଜଗନ୍ନାଥଙ୍କ ଠାରୁ ଆଡ଼ବାଣୀ ଜୀଙ୍କ ଉତମ ସୁସ୍ଥ ଓ ଦୀର୍ଘାୟୁ ହେବା ନିମନ୍ତେ ପ୍ରାର୍ଥନା କରୁଛି।

## ରାଜ୍ୟପାଳଙ୍କ ଛଟ୍ ମହାପର୍ବ ଶୁଭେଚ୍ଛା

ଭୁବନେଶ୍ୱର,୮।୧୧(ମହାଭାରତ): ଛଟ୍ ମହାପର୍ବର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ । ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ଉଦିତ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ ଦେବା ସହିତ ହିଁ ଚାରିଦିନର ମହାପର୍ବ ଛଟ୍ ପୂଜାର ପାରଣ ହୋଇଥାଏ । ସମସ୍ତ ଛଟ୍‌ବ୍ରତଧାରୀଙ୍କ ତପକୁ ପ୍ରଣାମ । ଛଟିମାଆ ଓ ଭଗବାନ ସୂର୍ଯ୍ୟ ସମସ୍ତଙ୍କ ମନୋସ୍କାମନା ପୂରଣ କରନ୍ତୁ ।

## ଲାଲକୃଷ୍ଣ ଆଡଭାନୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୧୧(ମହାଭାରତ): ଭାରତ ରତ୍ନ ଲାଲକୃଷ୍ଣ ଆଡଭାନୀଙ୍କୁ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତର ସପ୍ତମ ଉପ-ପ୍ରଧାନମନ୍ତ୍ରୀ ତଥା ବିଜେପିର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାରତ ରତ୍ନ ଶ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଜନ୍ମଦିନରେ ଶୁଭେଚ୍ଛା ଓ ଶୁଭକାମନା। ଦେଶର ବିକାଶ ପାଇଁ ତାଙ୍କ ଯୋଗଦାନ ଏବଂ ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ ପାଇଁ ହୋଇଥିବା ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ କାମନା କରୁଅଛି।

## ପିଏମ୍‌ଜିରେ ଏସଏଚଜି ମହିଳା ମହାସଂଘର ଧାରଣା

ଭୁବନେଶ୍ୱର,୮।୧୧(ମହାଭାରତ): ରାଜଧାନୀରେ ଓଡ଼ିଶା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘର ଧାରଣା । ଓଡ଼ିଶା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘ ଆଜି ଲୋୟର ପିଏମଜିରେ ଆନ୍ଦୋଳନ କରୁଛି। ବିଭିନ୍ନ ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ମହିଳା। ମିଶନ ଶକ୍ତିର ମନ ମୁଖୀ ଶାସନକୁ ବିରୋଧ କରିଛି ସଂଘ। ସବୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଭତା ପ୍ରଦାନ, ନୂଆ କମିଟି ଗଠନ, ବିଧିବଦ୍ଧ ଭାବେ ସଭା ସମିତି ଗଠନ, ଗ୍ରୁପଠାରୁ ଆଦାୟ କରାଯାଉଥିବା ଅର୍ଥର ହିସାବ ସବୁ ମେମ୍ବର ମାନଙ୍କୁ ଦିଆଯାଉ ବୋଲି ଦାବି ରଖିଛନ୍ତି। ଏହା ସହ ସରକାରଙ୍କ ମାଆ ମାନଙ୍କ ପାଇଁ ହେଉଥିବା ଯୋଜନା ଏବଂ ସମସ୍ତ ତଥ୍ୟ କାହିଁକି ଲୁଚା ଯାଉଛି ତାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି।

# ବାଲ୍ୟ ବିବାହ ବ୍ୟାଧି

ଏହା ନିସନ୍ଦେହ ଯେ, ଦେଶରେ ବାଲ୍ୟବିବାହକୁ ନିୟନ୍ତ୍ରଣ କରିବା ପାଇଁ ନିକଟରେ ସୁପ୍ରିମକୋର୍ଟ ବାଲ୍ୟ ବିବାହ ନିଷିଦ୍ଧ ଆଇନ-୨୦୦୬କୁ କଡାକଡି ଭାବେ କାର୍ଯ୍ୟକାରି କରିବା ସହ ପାର୍ଲିଆମେଂଟ ଏ ଦିଗରେ କଠୋର ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେବା ନିଶ୍ଚିତ ଭାବେ ଏକ ସମୟୋଚିତ ନିର୍ଦ୍ଦେଶ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ବ୍ରିଟିଶ ଶାସନ ଅମଳରେ ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ପ୍ରୟାସ କ୍ରମେ ଦେଶରେ ସତୀଦାହ ଏବଂ ବାଲ୍ୟ ବିବାହକୁ ନିଷିଦ୍ଧ କରାଯାଇଥିଲା। କେବଳ ଏତିକି ନୁହେଁ, ଗତ ୨୦୦୬ ମସିହାରେ ଦେଶରେ ବାଲ୍ୟ ବିବାହ ନିଷିଦ୍ଧ ଆଇନ ମଧ୍ୟ ପ୍ରଣୟନ ହୋଇଛି। ସବୁଠୁ ପରିତାପର ବିଷୟ ଯେ, ଦେଶ ସ୍ୱାଧୀନ ହେବାର ଆଠ ଦଶନ୍ଧି ପୁରିବାକୁ ଯାଉଥିବାବେଳେ ଏବେ ବି ଦେଶରେ ପ୍ରତି ୪ଜଣରେ ଜଣେ ମହିଳା ବାଲ୍ୟ ବିବାହ କରୁଥିବା ସରକାରୀ ତଥ୍ୟ କହେ। ଆହୁରି ମଧ୍ୟ ପୁଅଙ୍କ ବିବାହ ବୟସ ୨୫ବର୍ଷ ଓ ଝିଅଙ୍କ ବିବାହ ବୟସ ୨୧ବର୍ଷକୁ ବୃଦ୍ଧି କରିବା ପାଇଁ ସରକାର ପ୍ରୟାସ କରୁଥିବାବେଳେ ଦେଶରେ ଯେପରି ବାଲ୍ୟବିବାହ ବଢିଚାଲିଛି, ଏହା କେବଳ ଆଇନକୁ ଆଖିଠାର ବ୍ୟତୀତ ଅନ୍ୟ କିଛି ନୁହେଁ। ଏହା ନିସନ୍ଦେହ ଯେ, ବାଲ୍ୟ ବିବାହକୁ ରୋକିବାରେ ଆଇନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଲୋକ ପରମ୍ପରା ଏବଂ ସୁବିଧା ଅସୁବିଧାକୁ ଆଳ କରି ବାଲ୍ୟ ବିବାହ ଯେପରି ବଢିଚାଲିଛି, ତାହା କେବଳ ଆଇନର ଦୁର୍ବଳତା, ତ୍ରୁଟିକୁ ଦର୍ଶାଉନାହିଁ, ସାମାଜିକ କୁସଂସ୍କାରକୁ ପରୋକ୍ଷରେ ଉତ୍ସାହିତ କରୁଛି ବୋଲି କୁହାଯାଇପାରେ। ଆହୁରି ମଧ୍ୟ ବାଲ୍ୟ ବିବାହର ପରିଣତ ସ୍ୱାସ୍ଥ୍ୟଗତ ସଂକଟକୁ ବୃଦ୍ଧି କରାଇବାରେ ସହାୟକ ହେଉଛି। ଦେଶରେ ଶିଶୁ ମାତୃ ମୃତ୍ୟୁ ହାର ଏବେ ବି ଉଦ୍‌ବେଗଜନକ ସ୍ଥିତିରେ ରହିଥିବାବେଳେ ଅପରିପକ୍ୱ ବୟସରେ ଗର୍ଭଧାରଣ ଏହାର ଏକ ପ୍ରମୁଖ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଉଲ୍ଲେଖଯୋଗ୍ୟ, ଆମ ରାଜ୍ୟର ଦୁର୍ଗମ ପାହାଡିଆ ଅଂଚଳର ବାଲ୍ୟ ବିବାହ ଉତ୍କଟ ଆକାର ଧାରଣ କରିଥିବା ସରକାରୀ ରିପୋର୍ଟ କହେ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ନରବଙ୍ଗପୁର ଜିଲ୍ଲାରେ ସର୍ବାଧିକ ବାଲ୍ୟବିବାହ ହେଉଛି। ଜିଲ୍ଲାରେ ୧୫ରୁ ୧୯ବର୍ଷ ବୟସ ମଧ୍ୟରେ ଗର୍ଭବତୀ ଏବଂ ମାତୃତ୍ୱଲାଭ କରିଥିବା କିଶୋରୀଙ୍କ ସଂଖ୍ୟା ଦେଶରେ ଢେ ବାଲ୍ୟ ବିବାହର ୮.୩ ପ୍ରତିଶତ ରହିଥିବା ରିପୋର୍ଟରୁ ଜଣାଯାଇଛି। ସେହିପରି ଜିଲ୍ଲାରେ ଗତ ଏପ୍ରିଲ ମାସରୁ ଏପର୍ଯ୍ୟନ୍ତ ଅର୍ଥାତ ୭ମାସ ମଧ୍ୟରେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୩,୬୦୪ ଜଣ ଗର୍ଭବତୀ ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ନାବାଳିକା ଗର୍ଭବତୀଙ୍କ ସଂଖ୍ୟା ଯାହାକି ୭.୩ ପ୍ରତିଶତ। କେବଳ ଆମ ରାଜ୍ୟ ନୁହେଁ, ସାରା ଦେଶରେ ଲୋକ ପରମ୍ପରା ଓ ସୁବିଧା-ଅସୁବିଧା ଆଳରେ ବାଲ୍ୟବିବାହ ଦୁର୍ଭାଗ୍ୟଜନକ ସ୍ଥିତି ସୃଷ୍ଟି କରିଛି। ବାଲ୍ୟ ବିବାହ ସମ୍ପୂର୍ଣ୍ଣ ନିଷିଦ୍ଧ ଓ କଠୋର ଦଣ୍ଡବିଧାନ ନେଇ ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦାୟର ଏକ ପିଟିସନର ଶୁଣାଣୀ କରି ସୁପ୍ରିମକୋର୍ଟ ତିନିଜଣିଆ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଯାହା କହିଛନ୍ତି, ତାହା ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ। ଖଣ୍ଡପୀଠ କହିଛନ୍ତି ଯେ, ବାଲ୍ୟବିବାହ ନିଷିଦ୍ଧ ଆଇନକୁ ବ୍ୟକ୍ତିଗତ ଆଇନ ଜରିଆରେ ବ୍ୟାଧି କରାଯାଇପାରିବ ନାହିଁ। ସେହିପରି ବାଲ୍ୟବିବାହ ଦ୍ୱାରା ନିଜ ଇଚ୍ଛାନୁସାରେ ଜୀବନ ସାଥି ବାଛିବାକୁ ରହିଥିବା ସ୍ୱାଧୀନତାକୁ ଉଲଂଘନ କରେ। କେବଳ ଏତିକି ନୁହେଁ, ବାଲ୍ୟ ବିବାହ ଜୀବନ ସମ୍ବିଧାନର ୨୧ଧାରାରେ ପ୍ରଦତ ଜୀବନ ଓ ସ୍ୱାଧୀନତାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଶିଶୁ ଅବସ୍ଥାରେ ବିବାହ ଦ୍ୱାରା ଶିକ୍ଷା ଅଧିକାର, ସ୍ୱାଧୀନ ଭାବେ ବାଛିବା ଓ ସ୍ୱତନ୍ତ୍ରତାର ଅଧିକାର ଏବଂ ଭବିଷ୍ୟତ ବିକାଶର ଅଧିକାରକୁ ଧୂଳିସାତ୍ କରୁଛି। ସେହିପରି ସେମାନଙ୍କରୁ ସ୍ୱାସ୍ଥ୍ୟ ସୁରକ୍ଷା ଅଧିକାରକୁ ମଧ୍ୟ ଉଲଂଘନ କରୁଛି ବୋଲି ଅଦାଲତ ଦର୍ଶାଇଛନ୍ତି। ବାଲ୍ୟବିବାହ ନିଷେଧ ଆଇନରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବ୍ୟକ୍ତିଗତ ଆଇନ ଗୁଡିକରେ ସମ୍ପର୍କ ନିଷ୍ପତି ନେବା ପ୍ରସଙ୍ଗ ପାର୍ଲିଆମେଂଟର ବିଚାରାଧୀନ ଥିବା ବେଳେ ବାଲ୍ୟବିବାହ ନିର୍ବନ୍ଧକୁ ବେଆଇନ ଘୋଷଣା କରିବା ପାଇଁ ସଂସଦ କଠୋର ଆଇନ ପ୍ରଣୟନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଏଥିସହ ଅଦାଲତ ମଧ୍ୟ କେତେକ ଗାଇଡ ଲାଇନ ଜାରି କରିଛନ୍ତି। ଜିଲ୍ଲାସ୍ତରରେ ବାଲ୍ୟ ବିବାହ ନିଷେଧ ଅଫିସରମାନଙ୍କୁ ନିଯୁକ୍ତି ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ଶିଶୁ ବିବାହକୁ ରୋକିବା ପାଇଁ ମାଜିଷ୍ଟ୍ରେଟମାନେ 'ଗଣବିବାହ' ବିବାହ ପାଇଁ ଶୁଭ ତିଥି ଉପରେ ଗୁରୁତ୍ୱଦେବା ଜରୁରୀ। ସେହିପରି ଶିଶୁ ବିବାହ ଉପରେ ରିପୋର୍ଟ ପାଇଁ ଏକ ସ୍ୱତନ୍ତ୍ର ପୋର୍ଟାଲ ଖୋଲିବା ସହ ପ୍ରତି ୧୫ଦିନରେ ଜିଲ୍ଲାସ୍ତରର ସ୍ୱତନ୍ତ୍ର ଅଫିସରମାନେ ରିପୋର୍ଟ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶିକ୍ଷାର ପ୍ରସାର, ସାମାଜିକ କୁସଂସ୍କାର ତଥା ଅପରିପକ୍ୱ ବୟସରେ ଶିଶୁ ବିବାହକୁ କୁପରିଣତ ସମ୍ପର୍କରେ ବ୍ୟାପକ ଜନସଚେତନତା ଲୋଡା। ଯାହାକି ଗଣ ଆନ୍ଦୋଳନରେ ପରିଣତ ଦରକାର। ଯାହାକି ବାଲ୍ୟ ବିବାହକୁ ରୋକିପାରିବ।

# ଛଅ ଦୁର୍ଗୁଣ

## ଦେବଦତ୍ତ ବିଶ୍ୱାଳ

ଆମ୍ଭେମାନେ ନିତିଦିନିଆ ଜୀବନରେ ଆମ୍ଭମାନଙ୍କର ଜୀବନ ଚେତନାକୁ ନେଇ ଅନେକ ସମୟରେ ଅନେକ ଆହ୍ୱାନକୁ ସାମ୍ନା କରିଥାଉ। ଜୀବନରେ ସଦ୍ ଗୁଣ ଓ ଦୁର୍ଗୁଣ ଆମେ ସବୁ ଜାଣି ମଧ୍ୟ ଦୁର୍ଗୁଣର ରାସ୍ତାରେ ଅନେକାଂଶରେ ଚାଲିଥାଉ। ଆମ୍ଭେମାନେ ଖୁବ ସୁଖରେ ବଞ୍ଚିବା ପାଇଁ ଇଚ୍ଛା କରିଥାଉ। ଦୁନିଆର ତମାମ ପ୍ରାଚୁର୍ଯ୍ୟ ଆମ ହାତ ପାହାନ୍ତାରେ ରହୁ ଏହା ଅନେକ ଲୋକଙ୍କ ଇଚ୍ଛା। ଭଗବାନ ଆମ ମାନଙ୍କୁ ମାର୍ଗଦର୍ଶନରେ କହିଛନ୍ତି ଯେ ଯେଉଁ ମାନଙ୍କ ହୃଦୟରେ ସାଂସାରିକ ଓ ପାର୍ଥିବ କାମନା ଭିତ୍ତି ହୋଇଛି ସେମାନେ ପରମ କର୍ତ୍ତାଙ୍କ ପବିତ୍ର ସତ୍ତାକୁ ଅନୁଭବ କରିପାରିବେ ନାହିଁ। ସାଂସାରିକ କର୍ତ୍ତବ୍ୟ ଓ ସାଧନାପୂର୍ଣ୍ଣ ଜୀବନ ଭିତରେ ବ୍ରହ୍ମଜ୍ଞାନ ଜଣଙ୍କୁ ସତପଥ ଦେଖାଇଥାଏ ଏହି ଆଧ୍ୟାତ୍ମିକ ଚେତନା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ। ତେବେ ଆମ୍ଭମାନଙ୍କ ଜୀବନରେ ରହିଥିବା ଛଅଟି ଦୁର୍ଗୁଣ ସମ୍ପର୍କରେ ଆଜିର ଆଧ୍ୟାତ୍ମିକ ଆଲୋଚନାଟି ଉପସ୍ଥାପନ କରୁଛୁ     ଦର୍ପ : ସମ୍ପତ୍ତି, ସୌନ୍ଦର୍ଯ୍ୟ, ସ୍ୱାସ୍ଥ୍ୟ ଓ ଶକ୍ତି ମଣିଷକୁ ଗର୍ବୀ ଅହଂକାରୀ କରେ। ଏଗୁଡ଼ିକ କ୍ଷଣସ୍ଥାୟୀ ଓ ବିନାଶକାରୀ। ନିଜକୁ ଅହଂକାରମୁକ୍ତ ରଖ।     ଦମ୍ଭ : ଉଚ୍ଚ ସ୍ୱରରେ କହି, ନିଜକୁ ଅଧିକ ସାବ୍ୟସ୍ତ କରି ଏବଂ କପଟତାପୂର୍ଣ୍ଣ ଆଚରଣ ଦ୍ୱାରା କେତେକ ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରନ୍ତି। ନିଜକୁ ଧାର୍ମିକ ଓ ଠିକ୍ କହି ଛଳନା କରନ୍ତି। ଏଭଳି ଦାମ୍ଭିକତାପୂର୍ଣ୍ଣ ଆଚରଣ ପରିତ୍ୟାଗ କର, ନଚେତ ନିଜର ସର୍ବନାଶ ଘଟିବ।     ଅଭିମାନ : ଆତ୍ମ କୈନ୍ଦ୍ରିକ ଭାବନାକୁ ଅଭିମାନ ଆସେ। ଜଣେ ନିଜକୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ମନେକରିବା ଦ୍ୱାରା ଅଭିମାନୀ ହୁଏ। ଏଭଳି ଭାବନା ନିଜର କ୍ଷତି ଘଟାଏ। ଅଭିମାନରୁ ନିଜକୁ ଦୂରେଇ ରଖ।     କ୍ରୋଧ : ଲୋଭ ଓ କାମନାରୁ କ୍ରୋଧ ଜାତ। କ୍ରୋଧ ମନୁଷ୍ୟର ହିତାହିତଜ୍ଞାନ ହରଣ କରିନିଏ। ଏହା ପ୍ରାଣ ବିନାଶକାରୀ। ମନରେ କ୍ରୋଧ ଆଣିବା ତଥା ପ୍ରକାଶ କରିବା କ୍ଷତିକାରକ। କ୍ରୋଧର କାରଣ ଜାଣ ଓ ସତର୍କ ରହ।     କଠୋରତା : କଠୋରତା ଆଚରଣ ହାନିକାରକ। ଏହାଦ୍ୱାରା ହିଂସା ବଢ଼େ। ଏଣୁ ଦୟାଶୀଳ ହୁଅ। ମଧୁର ବଚନ କହ। ଉତ୍ତମ ଆଚରଣ କର। ଦୁନିଆରେ କେହି ତୁମର ଶତ୍ରୁ ହେବେନାହିଁ।ଅଜ୍ଞାନତା : ଅଜ୍ଞାନତା ସବୁ ଦୁର୍ଗୁଣର ମୂଳ ଜ୍ଞାନ ହିଁ ଆଲୋକ। ସତ୍ୟ ଓ ବାସ୍ତବତା ସମ୍ପର୍କରେ ଥରେ ଜ୍ଞାନ ଉଦୟ ହେଲେ ଅଜ୍ଞାନତା ଲୋପ ପାଇବା ସତ୍ୟକୁ ଅନୁଭବ କଲେ, ଜୀବନ ମଧୁମୟ ହେବ।


ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ : ୯୮୬୧୯୪୪୫୯୪
E-mail : deba1976biswal@gmail.com


# ଶ୍ରୀ ରତନ ଟାଟାଙ୍କ ବ୍ୟକ୍ତିତ୍ୱ ଅନେକ ପିଢ଼ି ପାଇଁ ପ୍ରେରଣା



## ଶ୍ରୀ ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଶ୍ରୀ ରତନ ଟାଟା ଆମକୁ ଛାଡ଼ି ଚାଲିଯିବାର ଗୋଟିଏ ମାସ ବିତିଗଲାଣି। କୋଳାହଳପୂର୍ଣ୍ଣ ମହାନଗର ଓ ଛୋଟ ସହର ଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ, ତାଙ୍କର ଅନୁପସ୍ଥିତି ସମାଜର ପ୍ରତ୍ୟେକ ସ୍ତରରେ ଅନୁଭୂତ ହେଉଛି।ବିଶିଷ୍ଟ ଶିଳ୍ପପତି, ଯୁବ ଉଦ୍ୟୋଗୀ ଏବଂ କଠିନ ପରିଶ୍ରମ କରୁଥିବା ପେସାଦାରମାନେ ତାଙ୍କ ବିୟୋଗରେ ଶୋକାଭିଭୂତ ହୋଇପଡ଼ିଛନ୍ତି। ପରିବେଶକୁ ନେଇ ଯତ୍ନଶୀଳ ଏବଂ ଦାନପୂଣ୍ୟରେ ଆଗ୍ରହୀ ଥିବା ଲୋକମାନେ ମଧ୍ୟ ଅନୁରୂପ ଭାବେ ଦୁଃଖିତ। ତାଙ୍କର ଅନୁପସ୍ଥିତି କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଗଭୀର ଭାବେ ଅନୁଭୂତ ହେଉଛି।

ଯୁବପିଢ଼ିଙ୍କ ପାଇଁ ଶ୍ରୀ ରତନ ନାନା ଏକ ପ୍ରେରଣା ଥିଲେ। ସ୍ୱପ୍ନକୁ ସାକାର କରିବା ସମ୍ଭବ ଏବଂ କରୁଣା ଓ ବିନମ୍ରତାର ସହ ସଫଳତା ହାସଲ କରାଯାଇପାରିବ, ଏହା ସେ ଶିଖାଇଥିଲେ୍ୟ ଅନ୍ୟମାନଙ୍କ ପାଇଁ ସେ ଭାରତୀୟ ଉଦ୍ୟୋଗ ଜଗତର ଶ୍ରେଷ୍ଠ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିଲେ। ସଚ୍ଚୋଟତା, ଉତ୍କର୍ଷ ଏବଂ ସେବା ମୂଲ୍ୟବୋଧ ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପାଇଁ ସେ ପରିଚିତ। ତାଙ୍କ ନେତୃତ୍ୱରେ, ଟାଟା ଗ୍ରୁପ୍ ନୂଆ। ଉଚ୍ଚତା ଛୁଇଁଥିଲା ଏବଂ ସାରା ବିଶ୍ୱରେ ସମ୍ମାନ, ସଚ୍ଚୋଟତା ଓ ବିଶ୍ୱସନୀୟତାର ପ୍ରତୀକ ପାଲଟିଥିଲା। ଏହା ସତ୍ତ୍ୱେ ସେ ବିନମ୍ରତା ଓ ଉଦାରତା ସହିତ ନିଜର ସଫଳତାକୁ ଅତି ହାଲୁକା ଭାବେ ନେଇଥିଲେ।

ଅନ୍ୟମାନଙ୍କ ସ୍ୱପ୍ନ ପ୍ରତି ଶ୍ରୀ ରତନ ଟାଟାଙ୍କ ଅତୁଟ ସମର୍ଥନ ତାଙ୍କର ସବୁଠୁ ଶ୍ରେଷ୍ଠ ଗୁଣ ଥିଲା। ଗତ କିଛି ବର୍ଷ ମଧ୍ୟରେ ସେ ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ମାର୍ଗଦର୍ଶନ କରିଥିଲେ ଏବଂ ଅନେକ ସମ୍ଭାବନାପୂର୍ଣ୍ଣ ଉପକ୍ରମରେ ନିବେଶ କରିଥିଲେ।ସେ ଯୁବ ଉଦ୍ୟୋଗୀଙ୍କ ଆଶା ଓ ଆକାଂକ୍ଷାକୁ ବୁଝିଥିଲେ ଏବଂ ଭାରତର ଭବିଷ୍ୟତକୁ ଆକାର ଦେବାରେ ସେମାନଙ୍କର କ୍ଷମତାକୁ ଜାଣିପାରିଥିଲେ। ସେମାନଙ୍କ ପ୍ରୟାସକୁ ସମର୍ଥନ କରି ସେ ସ୍ୱପ୍ନ ଦେଖୁଥିବା ନୂଆ ପିଢ଼ିକୁ ସାହସିକ ପଦକ୍ଷେପ ନେବା ଏବଂ ଚିରାଚରିତ ସୀମା ଠାରୁ ଆଗକୁ ବିବା ପାଇଁ ସଶକ୍ତ କରିଥିଲେ। ତାଙ୍କର ସମର୍ଥନ ନବସୃଜନ ଓ ଉଦ୍ୟମିତାର ସଂସ୍କୃତି ଗିବାରେ ଏକ ଲମ୍ବା ରାସ୍ତା ନିର୍ଦ୍ଧାରଣ କରିସାରିଛି।

ଆଗାମୀ ଦଶନ୍ଧିରେ ଭାରତ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ମୋର ବିଶ୍ୱାସ ରହିଛି। ସେ କ୍ରମାଗତ ଭାବରେ ଉତ୍କର୍ଷତାକୁ ସମର୍ଥନ କରିଥିଲେ ଏବଂ ଭାରତୀୟ ଉଦ୍ୟୋଗଗୁଡ଼ିକୁ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରିବାକୁ ଅନୁରୋଧ କରୁଥିଲେ। ମୁଁ ଆଶା କରୁଛି ଯେ ଏହି ଦୃଷ୍ଟିକୋଣ ଆମର ଭବିଷ୍ୟତର ନେତାମାନଙ୍କୁ ଭାରତକୁ ବିଶ୍ୱସ୍ତରୀୟ ଗୁଣବତ୍ତାର ସମକକ୍ଷ କରିବା ପାଇଁ ପ୍ରେରଣା ଯୋଗାଇବ।



କେବଳ ବୋର୍ଡ ରୁମ୍ କିମ୍ବା ସାଥୀ ମଣିଷଙ୍କୁ ସାହାଯ୍ୟ କରିବାରେ ତାଙ୍କର ମହାନତା ସୀମିତ ନଥିଲା। ତାଙ୍କର କରୁଣାଭାବ ସମସ୍ତ ଜୀବଜଗତଙ୍କ ପାଇଁ ବିସ୍ତାରିତ ହୋଇଥିଲା। ପ୍ରାଣୀମାନଙ୍କ ପ୍ରତି ତାଙ୍କର ଗଭୀର ଭଲପାଇବା ବିଷୟରେ ସମସ୍ତେ ଜାଣନ୍ତି ଏବଂ ପ୍ରାଣୀଙ୍କ କଲ୍ୟାଣ ଉପରେ କେନ୍ଦ୍ରିତ ପ୍ରତ୍ୟେକ ସମ୍ଭାବ୍ୟ ପ୍ରୟାସକୁ ସେ ସମର୍ଥନ କରିଥିଲେ। ସେ ପ୍ରାୟତଃ ତାଙ୍କ ପୋଷା କୁକୁରମାନଙ୍କର ଫଟୋ ସେୟାର କରନ୍ତି, ଯେଉଁମାନେ ଯେକୌଣସି ବ୍ୟବସାୟିକ ଉଦ୍ୟୋଗ ପରି ତାଙ୍କ ଜୀବନର ଏକ ଅଂଶ ଥିଲେ। ପ୍ରକୃତ ନେତୃତ୍ୱ କେବଳ କାହାର ସଫଳତା ଦ୍ୱାରା ନୁହେଁ, ବରଂ ସବୁଠାରୁ ଦୁର୍ବଳ ଲୋକଙ୍କ ପ୍ରତି ଧ୍ୟାନ ଦେବାର ଦକ୍ଷତା ଆଧାରରେ ମାପ କରାଯାଇଥାଏ, ତାଙ୍କ ଜୀବନ ଆମ ସମସ୍ତଙ୍କୁ ଏହି ଶିକ୍ଷା ଦେଇଥିଲା। କୋଟି କୋଟି ଭାରତୀୟଙ୍କ ପାଇଁ ଶ୍ରୀ ରତନ ଟାଟାଙ୍କ ଦେଶପ୍ରେମ ସଙ୍କଟ ସମୟରେ ଉଜ୍ଜ୍ୱଳ ହୋଇ ଉଠିଥିଲା। ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ସେ ତୁରନ୍ତ ମୁମ୍ବାଇର ତାଜ୍ ହୋଟେଲ୍ ଖୋଲିଥିଲେ। ଦେଶ ଆଗରେ ରହିଥିବା ଆହ୍ୱାନର ସେ ଦୃଢ଼ ଜବାବ ଦେଇଥିଲେ। ଭାରତ ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇଲା ନାହିଁ ନିଜର ଏକତା ଶକ୍ତି ପ୍ରଦର୍ଶନ କଲା।

ବ୍ୟକ୍ତିଗତ ଦୃଷ୍ଟିକୋଣରୁ କହିବାକୁ ଗଲେ, ବର୍ଷ ବର୍ଷ ଧରି ତାଙ୍କୁ ଅତି ନିକଟରୁ ଜାଣିବାର ସୌଭାଗ୍ୟ ମୁଁ ପାଇଥିଲି। ଆମେ ଗୁଜରାଟରେ ଘନିଷ୍ଠ ଭାବରେ କାମ କରିଥିଲୁ, ଯେଉଁଠାରେ ସେ ବ୍ୟାପକ ପୁଞ୍ଜିନିବେଶ କରିଥିଲେ ଏବଂ ଅନେକ ପ୍ରକଳ୍ପକୁ ନେଇ ସେ ବହୁତ ଉତ୍ସାହୀ ଥିଲେ। କିଛି ସପ୍ତାହ ତଳେ, ମୁଁ ସ୍ପେନ୍ ରାଷ୍ଟ୍ରପତି ଶ୍ରୀ ପେଡ୍ରୋ ସାଞ୍ଚେଜ୍‌ଙ୍କ ସହ ଭଦୋଦରାରେ ଥିଲି ଏବଂ ଆମେ ମିଳିତ ଭାବେ ଏକ ବିମାନ କମ୍ପ୍ଲେକ୍ସ ଉଦଘାଟନ କରିଥିଲୁ। ଏହି ସ୍ଥାନରେ ହିଁ ପ୍ରଥମ ଥର ପାଇଁ ଭାରତରେ ସି-୨୯୫ ବିମାନ ନିର୍ମିତ ହେବ। ଶ୍ରୀ ରତନ ଟାଟା ହିଁ ଏହା ଉପରେ କାମ ଆରମ୍ଭ କରିଥିଲେ। କହିବା ବାହୁଲ୍ୟ ଯେ ଶ୍ରୀ ରତନ ଟାଟାଙ୍କ ଅନୁପସ୍ଥିତି ଏଠାରେ ଖୁବ୍ ଗଭୀର ଭାବେ ଅନୁଭୂତ ହୋଇଥିଲା।

ନିୟମିତ ଭାବେ ଚିଠି ଲେଖୁଥିବା ଜଣେ ବ୍ୟକ୍ତି ଭାବେ ମୁଁ ଶ୍ରୀ ରତନ ଟାଟାଙ୍କୁ ସ୍ମରଣ କରୁଛି। କେବେ ଶାସନ ପ୍ରସଙ୍ଗରେ ହେଉ କିମ୍ବା ସରକାରୀ ସହାୟତାକୁ ପ୍ରଶଂସା କରି ହେଉ ଅଥବା ନିର୍ବାଚନ ବିଜୟ ପରେ ଅଭିନନ୍ଦନ ଜଣାଇବା ହେଉ, ସେ ମୋତେ ବିଭିନ୍ନ ପ୍ରସଙ୍ଗରେ ନିୟମିତ ଚିଠି ଲେଖୁଥିଲେ।

ମୁଁ କେନ୍ଦ୍ରକୁ ଆସିବା ପରେ ଆମର ଘନିଷ୍ଠ ସମ୍ପର୍କ ଜାରି ରହିଲା ଏବଂ ସେ ଆମ ରାଷ୍ଟ୍ର ନିର୍ମାଣ ପ୍ରୟାସରେ ଜଣେ ପ୍ରତିଶ୍ରୁତିବଦ୍ଧ ଅଂଶୀଦାର ଥିଲେ। ବିଶେଷ କରି, ସ୍ୱଚ୍ଛ ଭାରତ ମିଶନ ପାଇଁ ଶ୍ରୀ ରତନ ଟାଟାଙ୍କ ସମର୍ଥନ ମୋ ହୃଦୟର ଅତି ନିକଟତର ଥିଲା। ସ୍ୱଚ୍ଛ ଭାରତ ମିଶନ ପାଇଁ ଶ୍ରୀ ରତନ ଟାଟାଙ୍କ ସମର୍ଥନ ମୋ ହୃଦୟର ଅତି ନିକଟତର ଥିଲା। ଭାରତର ପ୍ରଗତି ପାଇଁ ସ୍ୱଚ୍ଛତା, ପରିଚ୍ଛନ୍ନତା ଏବଂ ପରିମଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରି ସେ ଏହି ଜନ ଆନ୍ଦୋଳନର ଜଣେ ଦୃଢ଼ ସମର୍ଥକ ଥିଲେ। ଅକ୍ଟୋବର ଆରମ୍ଭରେ ସ୍ୱଚ୍ଛ ଭାରତ ମିଶନର ଦଶମ ବାର୍ଷିକୀ ଅବସରରେ ତାଙ୍କ ହୃଦୟସ୍ପର୍ଶୀ ଭିଡିଓ ବାର୍ତ୍ତା ମୋର ଆଜି ବି ମନେ ଅଛି। ଏଥିରେ ଶେଷଥର ପାଇଁ ସେ ସର୍ବସମ୍ମୁଖକୁ ଆସିଥିଲେ।

ଆଉ ଏକ ମହତ କାର୍ଯ୍ୟ ତାଙ୍କ ହୃଦୟର ନିକଟତର ଥିଲା, ତାହା ହେଉଛି ସ୍ୱାସ୍ଥ୍ୟସେବା। ବିଶେଷ କରି କର୍କଟ ବିରୋଧୀ ସଂଗ୍ରାମରେ ଯୋଗଦାନ ପାଇଁ ସେ ସବୁଦିନ ସ୍ମରଣୀୟ ହୋଇରହିବେ। ମୋର ମନେ ଅଛି, ଦୁଇ ବର୍ଷ ପୂର୍ବେ ଆସାମରେ ହୋଇଥିବା କାର୍ଯ୍ୟକ୍ରମ, ଯେଉଁଠାରେ ଆମେ ମିଳିତ ଭାବେ ରାଜ୍ୟର ଏକାଧିକ କର୍କଟ ଚିକିତ୍ସାଳୟକୁ ଉଦଘାଟନ କରିଥିଲୁ। ସେହି ସମୟରେ ସେ ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ ଭାବେ କହିଥିଲେ ଯେ ସେ ତାଙ୍କର ଶେଷ ବର୍ଷଗୁଡ଼ିକୁ ସ୍ୱାସ୍ଥ୍ୟସେବା ପାଇଁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି। ସ୍ୱାସ୍ଥ୍ୟସେବା ଓ କର୍କଟ ଚିକିତ୍ସାକୁ ଶସ୍ତା ଓ ସୁଲଭ କରିବା ପାଇଁ ତାଙ୍କର ପ୍ରୟାସ ପଛରେ ମୂଳ ଉଦ୍ଦେଶ୍ୟ ଥିଲା- ରୋଗ ସହ ଲଢୁଥିବା ଲୋକଙ୍କ ପ୍ରତି ଗଭୀର ସହାନୁଭୂତି ପ୍ରଦର୍ଶନ କରିବା। ସବୁଠାରୁ ଅସୁରକ୍ଷିତ ଲୋକଙ୍କ ସହ ଛିଡ଼ା ହୋଇଥିବା ସମାଜ ହିଁ ପ୍ରକୃତରେ ନ୍ୟାୟପୂର୍ଣ୍ଣ ସମାଜ ବୋଲି ସେ ବିଶ୍ୱାସ କରୁଥିଲେ।

ଆଜି ଆମେ ଯେତେବେଳେ ତାଙ୍କୁ ସ୍ମରଣ କରୁଛୁ, ତାଙ୍କ ପରିକଳ୍ପିତ ସମାଜ କଥା ଆମ ମନକୁ ଆସୁଛି, ଯେଉଁଠି ବ୍ୟବସାୟକୁ କଲ୍ୟାଣର ଶକ୍ତି ରୂପେ ବିନିଯୋଗ କରିହେବ, ପ୍ରତ୍ୟେକ ବ୍ୟକ୍ତିର ସମ୍ଭାବନାକୁ ଗୁରୁତ୍ୱ ମିଳୁଥିବ ଏବଂ ସମସ୍ତଙ୍କ କଲ୍ୟାଣ ଓ ଖୁସିର ମାପଦଣ୍ଡ ଆଧାରରେ ପ୍ରଗତିକୁ ମାପିବା ସମ୍ଭବ ହୋଇପାରିବ। ତାଙ୍କ ସଂସ୍ପର୍ଶରେ ଆସିଥିବା ଅଗଣିତ ଲୋକଙ୍କ ଜୀବନରେ ଏବଂ ତାଙ୍କ ଦ୍ୱାରା ପ୍ରୋତ୍ସାହିତ ଅନେକ ସ୍ୱପ୍ନରେ ସେ ସବୁବେଳେ ଜୀବନ୍ତ ରହିବେ। ଭାରତକୁ ଅଧିକ ଉନ୍ନତ, ଦୟାପୂର୍ଣ୍ଣ ଏବଂ ଆଶାବାଦୀ ସ୍ଥାନରେ ପରିଣତ କରିଥିବାରୁ ଅନେକ ପିଢ଼ି ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବେ।

# ବ୍ରିକ୍ସର ସଦସ୍ୟତାରୁ ବାହାରେ ରଖି ଭାରତ ଦେଲା ତୁର୍କୀକୁ ବଡ ଝଟକା

## ଡ. ସମନ୍ୱୟ ନନ୍ଦ

ଭାରତ ତୁର୍କୀକୁ ବଡ ଝଟକା ଦେଇଛି। ତୁର୍କୀର ରାଷ୍ଟ୍ରପତି ଏର୍ଦୋଗନ ବ୍ରିକ୍ସର ସଦସ୍ୟତା ପାଇଁ ଆବେଦନ କରିଥିଲେ। ହେଲେ ଭାରତର ବିରୋଧ କାରଣରୁ ତୁର୍କୀକୁ ଏହି ସଫଳତା ମିଳି ପାରି ନାହିଁ। ତୁର୍କୀର ଲଗାତାର ଭାରତ ଓ ହିନ୍ଦୁ ବିରୋଧ ପାଇଁ ଭାରତ ତୁର୍କୀକୁ ଏହି ବଡ ଝଟକା ଦେଇଛି।

ତୁର୍କିର ରାଷ୍ଟ୍ରପତି ଏର୍ଦୋଗନ ବର୍ତମାନ ମଧ୍ୟ ମୁସଲମାନ ମାନଙ୍କର ଖଲିଫା ହେବାର ସ୍ୱପ୍ନ ଦେଖୁଛନ୍ତି। ସେ ତାଙ୍କ ଦେଶର ନାମକୁ ବଦଳାଇ ତୁର୍କିଏ କରିବା ସହ ବିଭିନ୍ନ ଇସଲାମୀ ଦେଶର ନେତୃତ୍ୱ ନେବାକୁ ଚେଷ୍ଟା କରୁଛନ୍ତି। ଇସଲାମୀ ଦେଶ ଗୁଡିକର ନେତୃତ୍ୱ କିଏ ନେବ ତାକୁ ନେଇ ଆରବ ଦେଶ ମାନଙ୍କ ସହ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଏହା ବର୍ତମାନ କରୁଛନ୍ତି ତାହା ନୁହେଁ ବରଂ ଅନେକ ବର୍ଷ ଧରି କରି ଆସୁଛନ୍ତି। କାଶ୍ମୀର ପ୍ରସଙ୍ଗରେ ସେ ଖୋଲାଖୋଲି ଭାବେ ପାକିସ୍ତାନର ସମର୍ଥନ କରି ଆସୁଛନ୍ତି ଓ ବିଭିନ୍ନ ଆନ୍ତର୍ଜାତିକ ମଂଚ ମାନଙ୍କରେ ଏହି ପ୍ରସଙ୍ଗରେ ଭାରତକୁ କାଠଗଡାରେ ଠିଆ କରାଇବାକୁ କେବେ ହେଲେ ପଛେଇ ନାହାନ୍ତି। ସାଉଦୀ ଆରବ, ୟୁଏଇ ପରି ଦେଶ ମାନେ ମଧ୍ୟ ପୂର୍ବରୁ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନର ପକ୍ଷ ନେଉଥିବା ବେଳେ ବର୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୂଟନୀତି କାରଣରୁ ଆରବର ଏହି ମୁସଲମାନ ଦେଶ ମାନେ ଏବେ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନର ପକ୍ଷ ନେଉ ନାହାନ୍ତି। ହେଲେ ତୁର୍କୀ ପାକିସ୍ତାନର ପକ୍ଷ ଏବେ ବି ନେଉଛି। ତେବେ ଏବେ ସଦ୍ୟ ସମାପ୍ତ ହୋଇଥିବା ବ୍ରିକ୍ସ ସମ୍ମିଳନୀରେ ଭାରତ ଏହି କାରଣକୁ ନେଇ ତୁର୍କିକୁ ବଡ ଝଟକା ଦେଇଛି। ତୁର୍କୀ ବ୍ରିକ୍ସର ସଦସ୍ୟ ହେବାକୁ ଆବେଦନ କରିଥିବାବେଳେ ଭାରତର ବିରୋଧ କାରଣରୁ ତାକୁ ବ୍ରିକ୍ସର ସଦସ୍ୟତା ମିଳି ପାରି ନାହିଁ। ତୁର୍କୀ ଓ ଏର୍ଦୋଗନଙ୍କୁ ଭାରତ ଏକ ବଡ ଝଟକା ଦେବାରେ ସଫଳ ହୋଇଛି।

ବର୍ତ୍ତମାନ ଦୃଷ୍ଟି ପକାଇବା ତୁର୍କିଏର ବ୍ୟବହାର କିଭଳି ଭାରତ ବିରୋଧୀ ରହି ଆସିଛି। ଯେପରିକି ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ସମସ୍ତ ମୁସଲମାନ ଦେଶ ମାନଙ୍କର ଖଲିଫା ହେବାର ସ୍ୱପ୍ନ ଦେଖୁଥିବା ଏର୍ଦୋଗନ ସାରା ବିଶ୍ୱର ମୁସଲମାନ ଓ ମୁସଲମାନମାନଙ୍କର ତ୍ରାଣକର୍ତା ଭାବେ ନିଜକୁ ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି। ତେଣୁ କାଶ୍ମୀର ପ୍ରସଙ୍ଗରେ ସେ ପାକିସ୍ତାନକୁ ସମର୍ଥନ କରି ଆସୁଛନ୍ତି।

୨୦୧୯ ମସିହା ଅଗଷ୍ଟ ମାସରେ ଯେତେବେଳେ ଭାରତୀୟ ସଂସଦରେ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଗଲା ସେତେବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଭାବଶାଳୀ କୂଟନୀତି କାରଣରୁ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ସମର୍ଥନରେ ସବୁବେଳେ ବାହାରୁ ଥିବା ସାଉଦୀ ଆରବ ପରି ଅନ୍ୟ ଆରବ ଦେଶ ମାନେ ମଧ୍ୟ ପାକିସ୍ତାନକୁ ସମର୍ଥନ ଦେଇ ନ ଥିଲେ। କେବଳ ଦୁଇଟି ଇସଲାମୀ ଦେଶ ତୁର୍କୀ ଓ ମାଲେସିଆ ହିଁ ପାକିସ୍ତାନ ସମର୍ଥନରେ ଭାରତ ବିରୁଦ୍ଧରେ ବାହାରିଥିଲେ।ମାଲେସିଆର ପ୍ରଭାବ ସେତେ ନ ଥିଲା ହେଲେ ତୁର୍କୀ ଏହି ପ୍ରସଙ୍ଗରେ ଅତ୍ୟନ୍ତ ଜୋରସୋରରେ ବକ୍ତବ୍ୟ ଦେଇ ଭାରତକୁ କାଠଗଡାରେ ଠିଆ କରାଇବାକୁ ଚେଷ୍ଟା କରିଥିଲା।

ପାକିସ୍ତାନ ଓ ଆଇଏସଆଇ ମିଥ୍ୟା ତଥ୍ୟ ଆଧାରରେ କାଶ୍ମୀର ପ୍ରସଙ୍ଗକୁ ନେଇ ପାଶ୍ଚାତ୍ୟ ଦେଶ ମାନଙ୍କ ମଧ୍ୟରେ ଏକ ଭାରତ ବିରୋଧୀ ନ୍ୟାରେଟିଭ ସ୍ଥାପିତ କରିବାରେ ଚେଷ୍ଟା କରି ଆସିଛନ୍ତି। ସେମାନେ ଏହି ପ୍ରସଙ୍ଗକୁ ନେଇ ଆମେରିକା ଓ ୟୁରୋପର ବିଭିନ୍ନ ଦେଶରେ ଲବି କରିବା ସହ ବଡ ବଡ ଆନ୍ତର୍ଜାତିକ ସେମିନାର ଓ ଅନ୍ୟ ଏକାଡେମିକ କାର୍ଯ୍ୟ ମଧ୍ୟ କରାଇ ଆସୁଥିଲେ। ଭାରତୀୟ ସଂସଦରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ସେହି ନ୍ୟାରେଟିଭକୁ ବଂଚାଇ ରଖିବାକୁ ସମର୍ଥ ହୋଇ ପାରୁ ନ ଥିଲେ। ଠିକ ଏହି ପରିସ୍ଥିତିରେ ତୁର୍କି ପାକିସ୍ତାନର ସହଯୋଗ କରିଥିଲା। ତୁର୍କୀ ତାର ସମସ୍ତ ସାମର୍ଥ୍ୟ ଓ ଶକ୍ତି ବ୍ୟବହାର କରି ଅନୁଚ୍ଛେଦ ୩୭୦ ହଟିବାର ପାଖା ପାଖି ୨ ବର୍ଷ ପରେ ବୋସନିଆ- ହର୍ଜଗୋଭିନାର ରାଜଧାନୀ ସରୋୟୋଭୋ ଠାରେ ଏକ ବଡ କନଫ୍ରେନ୍ସର ଆୟୋଜନ କରିଥିଲା। ଏଥିରେ ବିଭିନ୍ନ ଦେଶରେ ରହୁଥିବା ଭାରତ ଓ ହିନ୍ଦୁ ମାନଙ୍କୁ ଘୃଣା କରୁଥିବା କାଶ୍ମୀରୀ ମୁସଲମାନ ଆକ୍ଟିଭିଷ୍ଟ ମାନଙ୍କୁ ସାରା ବିଶ୍ୱରୁ ବିଶେଷ ଭାବେ ପାଶ୍ଚାତ୍ୟ ଦେଶ ମାନଙ୍କରୁ ଏକାଠି କରାଯାଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅଂଚଳ ପୂର୍ବରୁ ତୁର୍କୀର ଖଲିଫାର ଶାସନାଧୀନ ଥିଲା ଓ ଏହା ହେଉଛି ଏକ ମୁସଲମାନ ବହୁଳ ଅଂଚଳ। ୟୁରୋପର କେନ୍ଦ୍ରରୁ ଯେତେ ପାଖରେ ସମ୍ଭବ ସେତେ ପାଖରେ କରିବାକୁ ଯାଇ ତୁର୍କୀ ତାର ସମସ୍ତ ପ୍ରଭାବ ପ୍ରୟୋଗ କରି ପାକିସ୍ତାନ ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ତେଣୁ ତୁର୍କୀ କେବଳ ପାକିସ୍ତାନକୁ କୂଟନୈତିକ ଭାବେ ବିଭିନ୍ନ ମଂଚ ମାନଙ୍କରେ ସମର୍ଥନ ହିଁ ଦେଉ ନ ଥିଲା ବରଂ ଭାରତକୁ ବିରୋଧ କରି ପାକିସ୍ତାନ ପାଇଁ ତା ପାଇଁ ଯାହା କରିବା ସମ୍ଭବ ତାହା କରି ଆସୁଥିବାର ପ୍ରମାଣ ଦେଇଥିଲା।

କେବଳ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନୁହେଁ. ଭାରତର ସଂସଦ ଯେତେବେଳେ ସିଏଏ ପ୍ରଣୟନ କଲା ସେତେବେଳେ ଦେଶ ସାରା ଅନେକ ସ୍ଥାନରେ ଆନ୍ଦୋଳନ ହୋଇଥିଲା। ଦିଲ୍ଲୀରେ ଏହି ପ୍ରସଙ୍ଗକୁ ନେଇ ହିଂସା ମଧ୍ୟ ହୋଇଥିଲା ଯେଉଁଥିରେ ୫୦ରୁ ଉର୍ଦ୍ଧ ଲୋକ ପ୍ରାଣ ହରାଇଥିଲେ। ଭାରତୀୟ ଜାଂଚ ଏଜେନ୍ସି ଓ ଗୁଇନ୍ଦା ଏଜେନ୍ସୀ ମାନଙ୍କର ଜାଂଚ ରିପୋର୍ଟ ଅନୁସାରେ ଏହି ଆନ୍ଦୋଳନର ଫଣ୍ଡିଂ ପଛରେ ତୁର୍କୀ ରହିଥିଲା। ସେହିପରି ସରକାରଙ୍କ ଗୁଇନ୍ଦା ରିପୋର୍ଟ ଅନୁସାରେ କାଶ୍ମୀର ଓ କେରଳରେ ମୁସଲମାନ ମାନଙ୍କ ମନରେ ବିଷ ଭରି ଭାରତ ବିରୋଧୀ କରିବାକୁ ଅନେକ ମୁସଲମାନ ସଂଗଠନ କାମ କରୁଛନ୍ତି ଓ ତୁର୍କୀ ଏମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରୁଛି। ପାକିସ୍ତାନ ପରେ ତୁର୍କୀ ସବୁଠାରୁ ବଡ ଭାରତ ବିରୋଧୀ ଆଡ୍ଡାରେ ପରିଣତ ହୋଇଛି। ତେଣୁ ଆଜିର ସ୍ଥିତିରେ ତୁର୍କୀ ଭାରତର ସବୁଠାରୁ ବଡ ଖୋଲା ଖୋଲି ଭାବେ ଶତ୍ରୁ ଏଥିରେ ସନ୍ଦେହ ନାହିଁ।

ଭାରତରେ ଇସଲାମୀ କଟ୍ଟରତାକୁ ବଢାଇବା ପଛରେ ତୁର୍କୀର ହାତ ଥିବା ଭାରତର ବିଭିନ୍ନ ଗୁଇନ୍ଦା ଏଜେନ୍ସୀ ମାନଙ୍କର ନିକଟରେ ପ୍ରମାଣ ରହିଛି। ତୁର୍କୀ ଭାରତରେ କାର୍ଯ୍ୟରତ ଇସଲାମିକ ସଂଗଠନ ଓ ଇସଲାମିକ ଏନଜିଓ ଜରିଆରେ ଭାରତର ମୁସଲମାନ ମାନଙ୍କର ମଧ୍ୟରେ କଟ୍ଟରତାର ପ୍ରବେଶ କରାଉଛି।ତୁର୍କୀର ଏଭଳି ଭାରତ ଓ ହିନ୍ଦୁ ବିରୋଧୀ ଆଭିମୁଖ୍ୟ ଲଗାତାର ଜାରୀ ରହିବା ସତ୍ତ୍ୱେ ଯେତେବେଳେ ୨୦୨୩ ମସିହାରେ ତୁର୍କୀରେ ଭୀଷଣ ଭୂମିକମ୍ପ ହେଲା ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବପ୍ରଥମେ ଭାରତୀୟ ଉଦ୍ଧାରକାରୀ ଦଳକୁ ସେଠାକୁ ପହଂଚାଇଥିଲେ ଓ ହଜାର ହଜାର ତୁର୍କୀର ନାଗରିକଙ୍କର ଭାରତ ଜୀବନ ରକ୍ଷା କରିଥିଲା। ତୁର୍କୀର ଲୋକ ମାନେ ସେତେବେଳେ ଭାରତକୁ ଧନ୍ୟବାଦ ମଧ୍ୟ ଦେଇଥିଲେ। ବିପତି ସମୟରେ ଭାରତ ତୁର୍କୀର ଏହି ଭାରତ ବିରୋଧୀ ଘୃଣାକୁ ଭୁଲି ମାନବିକତା ଆଧାରରେ ଯାହା କରାଯାଇ ପାରିବ ତାହା କରିଥିଲା। ଏହା ସତ୍ତ୍ୱେ ତୁର୍କୀର ଭାରତ ଓ ହିନ୍ଦୁ ବିରୋଧୀ ଆଭିମୁଖ୍ୟରେ କୌଣସି ପ୍ରକାର ପରିବର୍ତନ ଆସି ନ ଥିଲା। ତୁର୍କୀ ତାର ଭାରତ ଓ ହିନ୍ଦୁ ବିରୋଧୀ ଷଡଯନ୍ତ୍ର ତା ପରେ ମଧ୍ୟ ଲଗାତାର ଜାରୀ ରଖି ଆସିଛି।

ମିଳିତ ଜାତିସଂଘର ସାଧାରଣ ସଭା ବୈଠକରେ ତୁର୍କିଏର ରାଷ୍ଟ୍ରପତି ଏର୍ଦୋଗନ ୨୦୧୯ ମସିହା ପର ଠାରୁ କାଶ୍ମୀର ପ୍ରସଙ୍ଗକୁ ବାରମ୍ବାର ଉଠାଇଛନ୍ତି। ସେ ୨୦୧୯ ମସିହା ପରେ ୨୦୨୦, ୨୦୨୧,୨୦୨୨ ମସିହାରେ ସେ କାଶ୍ମୀର ପ୍ରସଙ୍ଗ ଜାତିସଂଘରେ ଉଠାଇଥିଲେ। ୨୦୨୩ ମସିହାରେ ଭୂମିକମ୍ପରେ ଭାରତ ଦ୍ୱାରା ସହାୟତା କରାଯିବା ପରେ ଆଶା କରାଯାଉଥିଲା ଯେ ତୁର୍କୀର ରାଷ୍ଟ୍ରପତି ଏର୍ଦୋଗନ ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ଉଠାଇବେ ନାହିଁ। ମାତ୍ର ତୁର୍କୀ ସେତେବେଳେ ମଧ୍ୟ ଭାରତକୁ ନିରାଶ କରିଥିଲା। ଏର୍ଦୋଗନ ୨୦୨୩ରେ ମଧ୍ୟ ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ଉଠାଇ ଭାରତ ବିରୋଧରେ କହିଥିଲେ।

ତେବେ ଚଳିତ ଥର ଅର୍ଥାତ ୨୦୨୪ ମସିହାରେ ତାଙ୍କର ଜାତିସଂଘର ଭାଷଣରେ କାଶ୍ମୀର ପ୍ରସଙ୍ଗର ଉଲ୍ଲେଖ ନ ଥିଲା। ଏହା ପାକିସ୍ତାନ ପାଇଁ ମଧ୍ୟ ଆଶ୍ଚର୍ଯ୍ୟଜନକ ଥିଲା। କାଶ୍ମୀର ପ୍ରସଙ୍ଗରେ ବର୍ତମାନ ସମୟରେ ଖୋଲାଖୋଲି ଭାବେ ପାକିସ୍ତାନ ସମର୍ଥନରେ ବାହାରୁଥିବା ତୁର୍କୀ ମଧ୍ୟ ଶେଷରେ ତାର ହାତ ଛାଡି ଦେଲା ବୋଲି ପାକିସ୍ତାନୀ ନେତୃତ୍ୱ ଅନୁଭବ କରିଥିଲେ। ତେବେ ସେତେବେଳେ ବିଶେଷଜ୍ଞ ମାନଙ୍କ ବିଶ୍ଳେଷଣ ଥିଲା ଯେ ତୁର୍କୀର ବ୍ରିକ୍ସର ସଦସ୍ୟତା ନେବାର ଆକାଂକ୍ଷା ରହିଛି। ଏହି ଆକାଂକ୍ଷା ପୂରଣ ହେବା ପାଇଁ ଭାରତର ସମର୍ଥନ ଆବଶ୍ୟକ ରହିଛି। କାରଣ ବ୍ରିକ୍ସରେ କେଉଁ ମାନେ ନୂଆ ସଦସ୍ୟ ହେବେ ତାହା ପ୍ରତିଷ୍ଠାତା ଦେଶ ମାନଙ୍କର ବିନା ସହମତିରେ ହୋଇ ପାରିବ ନାହିଁ। ତେଣୁ ବ୍ରିକ୍ସରେ ସଦସ୍ୟତା ହାସଲ କରିବା ଇଚ୍ଛାକୁ ପୂରଣ କରିବାକୁ ଯାଇ ଓ ଭାରତକୁ ଅସନ୍ତୁଷ୍ଟ ନ କରିବାର ଲକ୍ଷ୍ୟ ନେଇ ଜାତିସଂଘର ୨୦୨୪ ଭାଷଣରେ ଏର୍ଦୋଗନ କାଶ୍ମୀର ପ୍ରସଙ୍ଗକୁ ଜାତିସଂଘରେ ଉଠାଇ ନ ଥିଲେ।

ତୁର୍କୀର ରାଷ୍ଟ୍ରପତି ଏର୍ଦୋଗନଙ୍କ ମନରେ ଥିଲା ଯେ ଚଳିତ ଥର ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ନ ଉଠାଇ ଚୀନ ଓ ରୁଷ ଭଳି ଦେଶଙ୍କୁ ରାଜି କରି ବ୍ରିକ୍ସର ସଦସ୍ୟତା ପାଇ ପାରିବେ। ମାତ୍ର ଭାରତ ବ୍ରିକ୍ସର ସଦସ୍ୟତା ପାଇଁ ତୁର୍କୀର ପ୍ରଚେଷ୍ଟାକୁ ଝଟକା ଦେଇଛି। ଭାରତ ତୁର୍କୀକୁ ଝଟକା ଦେବାକୁ ସଠିକ ସମୟ ବାଛିଛି। କାରଣ ଏର୍ଦୋଗନ ନିଜେ ଋଷର ନିମନ୍ତ୍ରଣରେ ଏହି କଜାନ ସମ୍ମିଳନୀରେ ଉପସ୍ଥିତ ଥିଲେ। ତାଙ୍କର ଉପସ୍ଥିତିରେ ଭାରତ ତୁର୍କୀକୁ ଏକ ମଲ୍ଟି ଲେଟେରାଲ ଫୋରମରେ ଝଟକା ଦେଇଛି। ଭାରତ ଏପରି କରି ତାର ବୈଦେଶିକ ନୀତି ପରିପକ୍ୱ ତାର ପ୍ରମାଣ ଦେଇଛି। ଭାରତ ବୈଶ୍ୱିକ ସ୍ତରରେ ତାର ବଡ ଭୂମିକା ନେବା ପାଇଁ ଧୀରେ ଧୀରେ ପ୍ରସ୍ତୁତ ହେଉଛି ଏହା ହିଁ ଏହି ଘଟଣା ପ୍ରମାଣିତ କରୁଛି।


ଯୋଗାଯୋଗ -
samanwaya.nanda@gmail.com



# ମହାଭାରତ
# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଶନିବାର ୯ ନଭେମ୍ବର ୨୦୨୪




## ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ



କେନ୍ଦ୍ରାପଡ଼ା, (ମହାଭାରତ) : ଶୁକ୍ରବାର ଅପରାହ୍ଣ ୫.୩୦ ମିନିଟ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାପାଳ ସ୍ମୃତି ରନ ପ୍ରଧାନ ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର କାର୍ଡ ବଣ୍ଟନ କରିଛନ୍ତି । ୧୩୨ ଜଣ ଯୋଗ୍ୟ ଇନସୁରାନ୍ସ କାର୍ଡଧାରୀଙ୍କ ମଧ୍ୟରୁ ମୋଟ ୨୩ ଜଣ ଉପସ୍ଥିତ ରହି ଆଜି ସେମାନଙ୍କ କାର୍ଡ ସଂଗ୍ରହ କରିଛନ୍ତି । ସମ୍ବାଦିକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ନେଇଥିବା ଏହି ମହତ ପଦକ୍ଷେପର ଭୂୟସି ପ୍ରଶଂସା ଏହି ଅବସରରେ ସାମ୍ବାଦିକମାନେ କରିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ଆବେଦନ କରିଥିବା ସାମ୍ବାଦିକଙ୍କ ମଧ୍ୟରୁ ମୋଟ ୧୩୨ ଜଣ ସାମ୍ବାଦିକଙ୍କ କାର୍ଡକୁ ନବୀକରଣ କରାଯାଇ ଏହି ବର୍ଷ ସେମାନଙ୍କୁ ସେମାନଙ୍କର କାର୍ଡ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି । ନୂତନ ଭାବେ ଆବେଦନ କରିଥିବା ସାମ୍ବାଦିକମାନଙ୍କ କାର୍ଡ ଏ ପର୍ଯ୍ୟନ୍ତ ସୂଚନା । ଲୋକସମ୍ପର୍କ କାର୍ଯ୍ୟାଳୟରେ ହସ୍ତଗତ ହୋଇନାହିଁ । ଏହି ବ□ନ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ବିଭିନ୍ନ ଗଣମାଧମର ପ୍ରତିନିଧି, ଏସଆରଏ ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଆକ୍ସନ ମୁଡ୍ ରେ ବନବିଭାଗ, ଗୋଟେ ପରେ ଗୋଟେ ବୋଟ ସିଜ୍



ଅସ୍ତରଙ୍ଗ,(ମହାଭାରତ): ଅଲିଭ୍ ରିଡଲ୍ କଇଁଛ ସୁରକ୍ଷା ନିମନ୍ତେ କଟକଣା ଲାଗିଥିଲା ବେଳେ ପେଟ୍ରୋଲିଙ୍ଗ ଟିମ୍ ଦ୍ୱାରା ଆଜି ଶୁକ୍ରବାର ଦିନ ପୁଣି ଏକ ଟ୍ରଲର ଜବତ ହୋଇଛି ଯେଉଁଥିରେ ୧୩ ଜଣ କର୍ମଚାରୀ ଲକ୍ଷାଧିକ ଟଙ୍କାର ମାଛ ରହିବା ଖବର ମିଳିଛି । ମୁହାଣ ନିକଟରୁ ଏହି ଟ୍ରଲର ଜବତ ପରେ ବନବିଭାଗ ହେପାଜତରେ ନୂଆଗଡ ସ୍ଥିତ ସାମୁଦ୍ରିକ ଜେଠି କୁ ଆଣି ସାମୁଦ୍ରିକ ମତ୍ସ୍ୟବିଭାଗକୁ ହସ୍ତାନ୍ତର କରାଯାଇଛି । ସେଥିରୁ ମାଛ ବାହାର କରି ନିଲାମ ପ୍ରକ୍ରିୟା ଜାରିରହିବା ଓ ଖବର ଲେଖା ହେବା ପର୍ଯ୍ୟନ୍ତ ମାଛର ପରିମାଣ ସମ୍ପର୍କରେ ସୂଚନା ମିଳିପାରିନି, କିନ୍ତୁ କିଛି କ୍ରୀୟୁ ସଦସ୍ୟ ଙ୍କ କହିବା ମୁତାବକ ସେମାନେ ଧାମରା, କେନ୍ଦ୍ରାପଡ଼ା ସମୁଦ୍ର ତଟ ରେ ୯ ଦିନ ହେବ ମାଛ ଧରି ଷ୍ଟକ ରଖିଛନ୍ତି । ଯେଉଁ ମାଛ ର ପରିମାଣ ୬ କ୍ୱିଣ୍ଟାଲ ହାରାହାରି,କାଗଜପତ୍ର ମୁତାବକ ଜବତ ଟ୍ରଲର ନାମ ସର୍ ମଙ୍ଗଳା -୭, ଏହା ବାଲେଶ୍ୱର ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଓ ଏହାର ମାଲିକ କେନ୍ଦ୍ରାପଡା ଅ ଞ୍ଚଳର ଶିବାନୀ ମୈତି ବୋଲି ଜଣାପଡିଛି । ସୂଚନାନୁସାରେ ଅଲିଭ୍ ରିଡଲ୍ କଇଁଛ ସୁରକ୍ଷା ନିମନ୍ତେ ସମୁଦ୍ର କୂଳରରୁ ୨୦ କିମି ପର୍ଯ୍ୟନ୍ତ ପରିସୀମାକୁ ନିଷିଦ୍ଧାଞ୍ଚଳ ଘୋଷଣା କରି ୧ ନଭେମ୍ବରରୁ ୩୧ ମେ ପର୍ଯ୍ୟନ୍ତ ମାଛ ଧରିବା ଉପରେ କଟକଣା ଲାଗୁହୋଇଛି । ଏହି ସମୟରେ ବନବିଭାଗ,ମସ୍ତ୍ୟ ବିଭାଗ ଓ ତଟରକ୍ଷୀ ବାହିନୀ ମିଳିତ ଆନୁକୂଲ୍ୟରେ ଜଳପଥରେ ପେଟ୍ରୋଲିଙ୍ଗ ଜାରିରହିଛି । କିନ୍ତୁ ନିୟମକୁ ନମାନି ଅବାଧରେ ଟ୍ରଲର ଚଳାଚଳ ହେବାରୁ ଆଜି ପୁଣି ଏକ ଟ୍ରଲର ଜବତ ହେବା ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ଆଜିର ଜବତ ଟ୍ରଲରରୁ ୨୫ ରୁ ଅଧିକ ଟ୍ରେ ମାଛ ରହିଥିବା ଓ ଯାହାର ପରିମାଣ ୫ରୁ ୬ କୁଇଣ୍ଟାଲ ହେବ ବୋଲି ସାମୁଦ୍ରିକ ମତ୍ସ୍ୟବିଭାଗ ଅଧିକାରୀ ସତ୍ୟଜି ଦାଶ ପ୍ରାରମ୍ଭିକ ସୂଚନା ଦେଇଛନ୍ତି । ଏହି କଟକଣା ଓ ଅଲିଭରିଡିଲେ କଇଁଛ ଙ୍କ ସୁରକ୍ଷା ପାଇଁ ଅସ୍ତରଙ୍ଗ ବନ ବିଭାଗ ର ଏହିଭଳି ପଦକ୍ଷେପ କୁ ବୁଦ୍ଧିଜୀବୀ ମହଲ ରେ ପ୍ରଶଂସା କରାଯାଇଛି ।

## ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ପଞ୍ଚମ ସନ୍ଧ୍ୟାରେ 'ପର ଆପଣାର' ନାଟକ ମଞ୍ଚସ୍ଥ



ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୁଲ୍ୟରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ ୨୦୨୪ ର ପଞ୍ଚମ ସନ୍ଧ୍ୟାରେ ପାରାଦୀପ ବନ୍ଦର ବ୍ୟବହାରକାରୀ ସଂସ୍ଥାର କର୍ମଚାରୀ ତଥା ସେମାନଙ୍କ ପରିବାରର ସଦସ୍ୟମାନେ ଗୁରୁ ପ୍ରଭାତ ମହାରଣାଙ୍କ ରଚନା ଓ ନିର୍ଦ୍ଦେଶନାରେ ଜୟଦେବ ସଦନ ଠାରେ ମଞ୍ଚସ୍ଥ କରିଥିଲେ ନାଟକ 'ପର ଆପଣାର' । ନାଟକରେ ପାରାଦୀପ ବନ୍ଦର ବ୍ୟବହାରକାରୀ ମାନଙ୍କ ପକ୍ଷରୁ ଗୋବର୍ଦ୍ଧନ ମହାପାତ୍ର, ନିଳୀମା ମହାପାତ୍ର, ଅମ୍ବିକା ସୁତାର, ମନୋଜ ସାମନ୍ତରାୟ, ମନୋରଞ୍ଜନ ମିଶ୍ର, ଆଶିଷ ଦାସ, କୀର୍ତ୍ତି ଦାସ, ତାପସ ସାହୁ, ରମାକାନ୍ତ ପରିଡ଼ା, ସୁବ୍ରତ ପ୍ରଧାନ, ଲକ୍ଷ୍ମୀ ରାୟଗୁରୁ, କାଞ୍ଚନ ଦାସ ଆଦି କଳାକାର ମାନେ ଉଚ୍ଚକୋଟି ର ଅଭିନୟ କରିଥିଲେ। ସମୟ ସୁଅରେ କେତେବେଳେ ଆନନ୍ଦର ଉନ୍ମାଦନା ତ ଆଉ କେତେବେଳେ ମରୁଭୂମିର ଘୂର୍ଣ୍ଣିଝଡ । ଏଠି କିଏ କେତେବେଳେ ଖୁବ୍ ନିଜର ତ ଆଉ କେତେବେଳେ ଶତ୍ରୁ ଠାରୁ ବି ଅଧିକ ପର । ପର ଆପଣାର ଦୋ ଛକିରେ ସାମାଜିକ ମୂଲ୍ୟବୋଧର ମୂଲ୍ୟାଙ୍କନ କରିବାଟା କଷ୍ଟସାଧ ଯ ଜୀବନ ଜିଁବାର ରାସ୍ତାଟା ଏତେ ବଙ୍କା ତେଢ଼ା ଆଉ ଖାଲଢ଼ିପ ଯେ ଲକ୍ଷ ସ୍ଥଳରେ ପହଞ୍ଚିବା ବେଳେ ଦୁଃସାଧ ଜଣାପଡେ । ତଥାପି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେବ । ଯେତେବଡ ପରିସ୍ଥିତି ଆସୁ, ଅହଙ୍କାରର ଆବରଣକୁ ଦୂରେଇ ଦେଇ ପରକୁ ଆପଣାର କରି ପାରିଲେ ପୋଡ଼ା ଅଙ୍ଗାରଟା ବି ସୁନା ମୁଣ୍ଡା ପାଲଟିଯିବ । ସ୍ୱର୍ଗ ନର୍କର ପରିକଳ୍ପନା ତ ସବୁ ଆମରି ହାତରେ । ଜୀବନ ଯନ୍ତ୍ରଣାକୁ ଉପସମ କରିବାର ଗୋଟିଏ ପ୍ରସସ୍ଥ ମାର୍ଗ, ବସୁଧୈବ କୁଟୁମ୍ବକମ, ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା । ଏଠି ସମସ୍ତେ ମୋର, ଖୁବ୍ ଆପଣାର ଭାବିଲେ ତେବେ ଯାଇ ଜୀବନ ହେବ ମଧୁମୟ, ବିଶ୍ ହେବ ମଧୁମୟ । ସମସ୍ତଙ୍କୁ ଆପଣାର କରି ସୁନ୍ଦର ଓ ସୁଖମୟ ଜୀବନ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସର୍ବତ୍ର ଶାନ୍ତି ପ୍ରତିଷ୍ଠା କରିବାର ବାର୍ତ୍ତାକୁ ଦର୍ଶକ ମାନଙ୍କ ସମ୍ମୁଖରେ କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟ ମାଧ୍ୟମରେ ରଖିବାରେ ସଫଳ ହୋଇଥିଲେ ଯାହାକି ଦର୍ଶକ ମାନଙ୍କର କରତାଳିରୁ ବାରି ହୋଇ ପଡୁଥିଲା ।

## ଯୁବ ସାମ୍ବାଦିକ ହିରଣ୍ୟ ବେହେରାଙ୍କୁ ଦେବଗିରି ବାର୍ତ୍ତା ସମ୍ମାନ



କୋକସରା, (ମହାଭାରତ ) : ରାଜ୍ୟସ୍ତରୀୟ କୁମାର ସ୍ୱାମୀ ମହୋତ୍ସବ ଅବସରରେ ଯୁବ ସାମ୍ବାଦିକ ହିରଣ୍ୟ ବେହେରାଙ୍କୁ ମର୍ଯ୍ୟାଦାଜନକ 'ଦେବଗିରି ବାର୍ତ୍ତା ସମ୍ମାନ-୨୦୨୪' ପ୍ରଦାନ କରାଯିବୟ କୋକସରା ବ୍ଲକ ଅନ୍ତର୍ଗତ କୁସୁମଖୁଣ୍ଟିର ଯଶୋଦା ବେହେରା ଓ ଯୋଗିନ୍ଦ୍ର ବେହେରାଙ୍କ ସୁପୁତ୍ର ହିରଣ୍ୟ ୨୦୧୭ ମସିହାରୁ ବ□ମାନ ପର୍ଯ୍ୟନ୍ତ ଓଡ଼ିଆ ବାର୍ତ୍ତାର କୋକସରା ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟରତୟ ଏହାସହ ହିରାଞ୍ଚଳ ଖବର କାଗଜର ପ୍ରତିନିଧି ଭାବେ ଜନତାଙ୍କ ସ୍ୱରକୁ ପ୍ରଶାସନ ପାଖରେ ପ୍ରଭାବି ଢଙ୍ଗରେ ଉପସ୍ଥାପନ କରି ଆସୁଛନ୍ତିୟ ଉତ୍କୃଷ୍ଟ ମାନର ସମ୍ବାଦ ସହ ଗ୍ରାମାଞ୍ଚଳ ଓ ଉପାନ୍ତ ଅ□ଳର ଖବର ପରିବେଷଣ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ମାନିତ ହୋଇଛନ୍ତି । ଏହାସହ ଜଣେ ଯୁବ ସଂଗଠକ ଭାବେ ସେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ହୋଇ ଆସୁଛନ୍ତି । ଦୁର୍ଘଟଣାଗ୍ରସ୍ତ ଦୁର୍ଗତ ଜନତାଙ୍କ ସାଥି ଭାବେ ସେ କୋକସରା ଅଞ୍ଚଳରେ ସେ ସୁପରିଚିତୟ ଜଣେ କ୍ରିଡ଼ା ଉଦଘୋଷକ ଭାବରେ ମଧ ତାଙ୍କର ସୁନାମ ରହିଛି । ଆସନ୍ତା ନଭେମ୍ବର ୧୩ରୁ ୧୫ ତାରିଖ ଯାଏଁ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦରଠାରେ ହେବାକୁ ଥିବା ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଅବସରରେ ଗୋସିଙ୍ଗ ଦୈତ୍ୟ ଦରବାରରେ ଶ୍ରୀ ବେହେରାଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝୀ ଓ ସାଧାରଣ ସଂପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତି ।

## ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କେନ୍ଦ୍ରାପଡା,(ମହାଭାରତ): ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଶିଶୁ ହସିଲେ ଦେଶ ହସିବ ଓ ଗାଁ ଗହଳିରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଅନ୍ୱେଷଣ କରିବା ଓ ତାହାକୁ ବିକଶିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଶିଶୁ ମହୋତ୍ସବ "ସୁରଭି" । ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, କେନ୍ଦ୍ରାପଡାର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ଅଧକ୍ଷତା କରିଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ପ୍ରଦୀପ କୁମାର ନାଗ ଯୋଗ ଦେଇଥିଲା ବେଳେ ମହାକାଳପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ଦଳାଇ, ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତରାୟ, ମାର୍ଶାଘାଇ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷା ଅଧିକାରୀ ହରିହର ଦଳାଇ, ରାଜନଗର ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ, ଏସସିଏସଟି ପ୍ରକଳ୍ପ ସଂଯୋଜକ କିରଣ ତୃଷ୍ଣା ସାହୁ ପ୍ରମୁଖ ସମ୍ମାନନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସୁରଭି ମହୋତ୍ସବର ଉଦଘାଟନ ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଜିଲ୍ଲାର ସମସ୍ତ ବ୍ଲକରୁ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସୁରଭି ପ୍ରତିଯୋଗିତାରେ ଭାଗ ନେଇଥିଲେ । ସୁରଭି ମହୋତ୍ସବ ନିମନ୍ତେ ଆୟୋଜିତ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡିଆ ହସ୍ତାକ୍ଷର ଓ ଶ୍ରୁତିଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ବିଷୟ ଆଧାରିତ ଚିତ୍ରକଳା ଓ ଶିଳ୍ପକଳା ଆଦି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଅପରାହ୍ଣର ଅନୁଷ୍ଠିତ ଉଦଯାପନୀ ସମାରୋହରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ । ସମ୍ମାନନୀତ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଆତ୍ମବିଶ୍ୱାସର ବିକାଶ ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚରିତ୍ରବାନ, ନିଷ୍ଠାପର ହେବା ସହ ପରିବେଶ ପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ବିଭିନ୍ନ ବ୍ଲକର ସିଆରସିସି, ବିଆରସିସି, ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର ୮୭ ଜଣ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ଅନନ୍ତ କୁମାର ପରିଜା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷକ ବିଷ୍ଣୁ ଚରଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ସୁରଭି ମହୋତ୍ସବକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, କେନ୍ଦ୍ରାପଡାର ଅଧିକାରୀ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

## ବିଷ ପିଇ ମହିଳା ମୃତ

କରଞ୍ଜିଆ(ମହାଭାରତ) ଠାକୁରମୁଣ୍ଡା ଥାନା ଅର୍ନ୍ତଗତ ଭରାଣ୍ଡିଆ ଗାଁର ପାତ୍ରସାହିର ଜଣେ ମହିଳା ବିଷ ପିଇ ମୃତ୍ୟୁ ବରଣ କରି ଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ଭରାଣ୍ଡିଆ ପାତ୍ର ସାହିର ବୁଧୁ ଚତରା ର ସ୍ତ୍ରୀ ସାବିତ୍ରୀ ଚତାର ନିଜ ସ୍ୱାମି ଘରେ ନଥିବା ଅବସ୍ଥାରେ କୌଣସି କାରଣ ବଶତଃ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ।ଗତ କାଲି ସନ୍ଧ୍ୟା ସମୟରେ ମା ବିଷ ପିଇ ଥିବା ଜାଣି ପାରି ବଡ଼ ଝିଅ ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ତାହାର ତିନୋଟି ସନ୍ତାନ ଥିଲା ଅଛନ୍ତି , ୧୧ ବର୍ଷ ର ରାଣୀ ଚତାର ୯ ବର୍ଷ ର ସୁକୁର୍ମୁନି ଚତାର ଓ ୬ ବର୍ଷ ର ରାଇମନଣୀ ଚତାର ମା କୁ ହରାଇ ଦୁଃଖରେ ଥିଲାବେଳେ ଗାଁ ରେ ସକର ଛାୟା ଖେଳିଯାଇଛି । ଠାକୁରମୁଣ୍ଡା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ କୁ ପଠାଇଛି ତଦନ୍ତ କରୁଛି ।

## କଳିଙ୍ଗା ରାମମନ୍ଦିର ପ୍ରାଙ୍ଗଣରେ ମହାରାଜ ସତ୍ୟ ଚୈତନ୍ୟଙ୍କ ଦ୍ୱାରା ଭାଗବତ ପାରାୟଣ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ କଳିଙ୍ଗା ରାମମନ୍ଦିର ପ୍ରାଙ୍ଗଣରେ ଭାଗବତ କଥା ଆଜକୁ ଚାରି ଦିନ ହେବ ଚାଲୁରହିଛି । ରାମମନ୍ଦିର କମିଟି ଦ୍ୱାରା ପିତ୍ର କାର୍ତ୍ତିକ ମାସ ଉପଲକ୍ଷେ ଏହି ଭାଗବତ କଥାବସ୍ତୁ ଉପରେ ଆଲୋଚନା କରାଯାଉଛି । ଏହା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୭ଟା ରୁ ୯ଟା ପର୍ଯ୍ୟନ୍ତ ଭାଗବତ କଥା ପ୍ରବକ୍ତା ବ୍ରହ୍ମଚାରୀ ସତ୍ୟଚୈତନ୍ୟ ମହାରାଜଙ୍କ ଦ୍ୱାରା ଭାଗବତ ବିଷୟବସ୍ତୁ ଉପରେ ଆଲୋଚନା ହେଉଅଛି । ଭାଗବତ ବିଷୟସ୍ତୁକୁ ଶ୍ରବଣ କରିବା ପାଇଁ ଶ୍ରଦ୍ଧାଳୁ ମାନଙ୍କ ଭିଡ ଜମୁଛି । କମିଟି ତରଫରୁ ଆଜିର କଥା ଅବସରରେ ଏ ଭୌତିକ ସଂସାର ରେ ହରି କଥା ଶ୍ରବଣ କରିବା, କୀର୍ତ୍ତନ କରିବା ଓ ଜପ କରିବା ଦ୍ୱାରା ମନୁଷ୍ୟ ଜୀବନ ସାର୍ଥକ ହୋଇପାରିବ ବୋଲି ମହାରଜ ସତ୍ୟଚୈତନ୍ୟ ଶ୍ରଦ୍ଧାଳୁ ମାନଙ୍କୁ ଉପଦେଶ ଦେବା ସହ ମନୁଷ୍ୟ ତାର ପରିବାର ଠାରୁ ଆରମ୍ଭ କରି ରାଜ୍ୟ ଦେଶ ଓ ସାରା ପୃଥିବୀରେ ସମସ୍ତେ ନିଜ ଜୀବନ ସହିତ ଭାଗବତ, ଗୀତା,ଓ ରାମାୟଣ ଅଧ୍ୟୟନ କରିବା ସହିତ ତାକୁ ନିଜର ଜୀବନ ଶୈଳୀରେ ବିନିଯୋଗ କରିପାରିଲେ ପରିବାର ସହିତ ପୃଥିବୀରେ ସମସ୍ତେ ଏ ଭୌତିକ ସଂସାରରେ ନିଜକୁ ଏକ ଉଚ୍ଚ କୋଟିର ମଣିଷ ତିଆରି କରିପାରିବ । ଯାହା ସାରା ପୃଥିବୀ ରେ ଶାନ୍ତି ସ୍ଥାପନ ର ଏକ ମାତ୍ର ମାର୍ଗ ବୋଲି ମତ ରଖିଥିଲେ ।

## ସମ୍ପର୍କରେ ଲାଗଲା ଦାଗ ଅନୈତିକ ସମ୍ପର୍କକୁ ନେଇ ଖୁଡ଼ିକୁ ହତ୍ୟା କଲା ପୁତୁରା

ଆସିକା /ଧରାକୋଟ (ମହାଭାରତ): ଖୁଡି ପୁତୁରା ପରି ଏକ ପବିତ୍ର ସମ୍ପର୍କ ରେ ଲାଗିଲା ଦାଗ ଖୁଡିକୁ ବିଭତ୍ସ ହତ୍ୟା କଲା ପୁତୁରା ।ଏହି ଘଟଣା ଦେଖିବାକୁ ମିଳିଛି ଧରାକୋଟ ଥାନା ଅନ୍ତର୍ଗତ ବରଡାବିଲି ଗ୍ରାମରେ । ଘରେ ଏକେଲା ଥିବାର ସୁଯୋଗ ନେଇ ବେକକୁ ଛୁରୀ କାଟି ନିର୍ମମଭାବେ ହତ୍ୟା କରିଛି ପୁତୁରା । ହତ୍ୟାର ଶିକାର ହୋଇଥିବା ଖୁଡି ଜଣକ ହେଲେ ୩୨ ବର୍ଷୀୟ ସସ୍ମିତା ସାହୁ ।ଏନେଇ ଧରାକୋଟ ଥାନାରେ ୩୬୬/ ୨୪ରେ ମାମଲା ରୁଜୁ ହୋଇଛି ।ପ୍ରକାଶ ଥାଉକି ଧରାକୋଟ ଥାନା ବରଡ଼ାବିଲି ଗ୍ରାମର ସସ୍ମିତା ବିଧବା ଥିବା ବେଳେ ତାଙ୍କର ଗୋଟିଏ ମାତ୍ର ୧୦ ବର୍ଷ ର ଝିଅ ଅଛି । କିଛି ବର୍ଷପୂର୍ବେ ତାଙ୍କ ସସ୍ମିତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଉକ୍ତ ଗ୍ରାମର ସମ୍ପର୍କୀୟ ପୁତୁରା ବଳରାମ ସାହୁଙ୍କ ସହ ଅନୈତିକ ସମ୍ପର୍କ ଗଢି ଉଠିଥିଲା । ଉକ୍ତ ସମ୍ପର୍କ କୁ ନେଇ ହତ୍ୟା କରାଯାଇଥିବା ସନ୍ଦେହ ରହିଛି । ହତ୍ୟା ର ପ୍ରକୃତ କାରଣ ଅସ୍ପଷ୍ଟ । ହତ୍ୟା କାରୀ ବଳରାମ ସାହୁ କୁ ଧରାକୋଟ ପୋଲିସ କାବୁ କରିଛି ।ମୃତ ସସ୍ମିତାର ଶବ ଜବତ କରି ବ୍ୟବଛେଦ ପାଇଁ ବ୍ରହ୍ମପୁର ପଠାଇ ଥିବା ବେଳେ ଅଧିକ ତଦନ୍ତ ଜାରିରହିଛି ।

## ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଘାଟିତ ହୋଇ ଯାଇଛି

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪ ଅନୁଷ୍ଠିତ ହୋଇ ଯାଇଛିୟ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ ରିବନକାଟି ଶୁଭ ଉଦଘାଟନ କରିଥିଲେ । ଅତିଥି ମାନେ ବିଭିନ୍ନ ବିଭାଗର ଷ୍ଟଲ ଗୁଡିକ ପରିଦର୍ଶନ କରିଥିଲେ । ପରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲ ।

## କେନ୍ଦ୍ରାପଡା ବ୍ଲକ ବିଜୁ ଜନତା ଦଳର ବୈଠକ
# ନଭେମ୍ବର ୧୨ ଓ ୧୩ରେ ଜନସମ୍ପର୍କ ଯାତ୍ରା



କେନ୍ଦ୍ରାପଡ଼ା,(ମହାଭାରତ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଆଜି ବିଜୁ ଜନତା ଦଳର କର୍ମୀ ବୈଠକ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ସଭାପତି ଆଲୋକ ସାହୁ ସଭାପତିତ୍ୱ କରିଥିଲେ । ଏହି ବୈଠକରେ ଦଳର ସଂଗଠନକୁ କିଭଳି ଭାବରେ ଅଧିକରୁ ଅଧିକ ମଜବୁଦ କରାଯାଇପାରିବ ସେଥିପ୍ରତି ବିଧାୟକ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ କେତୋଟି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା । ସେଗୁଡିକ ହେଉଛି, ବାତ୍ୟା ଦାନା ପ୍ରଭାବିତ ସମସ୍ତ ଚାଷୀଙ୍କୁ ଫସଲର କ୍ଷତିପୂରଣ, ଘର ଭାଙ୍ଗି ଯାଇଥିବା ପ୍ରତ୍ୟେକ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇବା, ଗାନ୍ଧୀ ମୂର୍ତ୍ତି ନଥିବା ପଞ୍ଚାୟତମାନଙ୍କରେ ବିଜେଡି ନିର୍ବାଚିତ ପ୍ରତିନିଧିଙ୍କ ଉଦ୍ୟମରେ ଗାନ୍ଧୀ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ । ନଭେମ୍ବର ୧୨ରେ ଜିଲ୍ଲା ପରିଷଦ ଜୋନ ନଂ. ୫ ଓ ୭କୁ ସାମିଲ କରି ଚନ୍ଦନପୁର, ସାନମାଣଡିଆ. ଘାଗରା, ଚାରିଗାଁ, ଧୂମାତ ଓ ଇନ୍ଦୁପୁରରେ ଜନସମ୍ପର୍କ ଯାତ୍ରା ଓ ନଭେମ୍ବର ୧୩ରେ ଜିଲ୍ଲା ପରିଷଦ ଜୋନ ନଂ. ୬ ଓ ୮କୁ ସାମିଲ କରି ଭରତପୁର, ଶ୍ୟାମସୁନ୍ଦରପୁର, ବଗଡା ଓ କଳପଡାରେ ଜନସମ୍ପର୍କ ଯାତ୍ରା ଆୟୋଜନ କରିବା ପାଇଁ ନିଷ୍ପ□ ନିଆଯାଇଥିଲା । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୨୭ ପଞ୍ଚାୟତ ଅଧିନସ୍ଥ ସମସ୍ତ ୪୨୯ଟି ୱାର୍ଡରେ ସଭ୍ୟ ସଂଗ୍ରହ କରାଯିବ । ଡିଜିଟାଲ ମୋଡ୍‌ରେ ମଧ ସମସ୍ତ ପଞ୍ଚାୟତମାନଙ୍କୁ ସାମିଲ କରି ସଭ୍ୟ ସଂଗ୍ରହ କରାଯିବ ବୋଲି ବିଧାୟକ ଶ୍ରୀ ବେହେରା ସୂଚନା ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲିଳିତା ଦାସ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଶିବପ୍ରସାଦ ବଳ, କଳାକାର ମଲ୍ଲିକ, ବ୍ଲକ ଉପାଧକ୍ଷ ପ୍ରତାପ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ମୋହନ ଚରଣ ଆଚାର୍ଯ୍ୟ, ଚିତ୍ରସେନ ପରିଡା, ମମତା ରାଉତ, ବ୍ଲକ ମହିଳା ସଭାନେତ୍ରୀ ସୁମିତ୍ରା ପାଢୀ, ଗାୟତ୍ରୀ ମହାନ୍ତି, ଲୋପାମୁଦ୍ରା ବାରିକ, ଧିରେନ୍ଦ୍ର ଦାସ, ବିଚିତ୍ର ଲେଙ୍କା, ନେତ୍ରାନନ୍ଦ ରାଉତ, କଳ୍ପତରୁ ନାୟକ, ରାଜୁ କୁବେର, ବ୍ଲକ ଛାତ୍ର ସଭାପତି ପ୍ରକାଶ ସାହୁ, ପୀତବାସ ବେହେରା, ସନ୍ତୋଷ କୁମାର ଦାସ, ଗୌରାଙ୍ଗ ଚରଣ ଲେଙ୍କା, ଅକ୍ଷୟ ମଲ୍ଲିକ, ଶରତ ନାୟକ, ଅଦ୍ୱୈତ ବଲ୍ଲଭ ଜେନା, ପ୍ରଭାତ ଉଡାଣସିଂ, ଅଶ୍ୱିନୀ ପାତ୍ର, ପ୍ରମୋଦ କୁମାର ଲେଙ୍କା, ଏମ୍‌ଡି ଇର୍ସାକ୍, ନାରାୟଣ ଚନ୍ଦ୍ର ପରିଡା, ଅଜୟ କୁମାର ମହାନ୍ତି, ପ୍ରସାଦ ଜେନା, ଲକ୍ଷ୍ମୀଧର ପଲେଇ, ସୁରେଶ କୁମାର ସାହୁ, ପ୍ରଦୀପ ସୂତାର, ଅକ୍ଷୟ ବାରିକ, ବିଶ୍ୱଜିତ ମହାନ୍ତି, ବାବାଜୀ ମଲ୍ଲିକ, ମୁରଲୀଧର ବେହେରା, ସୁଦାମ ମଲ୍ଲିକ, ଜୟପ୍ରକାଶ ଗିରି, ସିରାଜ ଖାନ୍, ଅଶୋକ ବରାଳ, ଲୋହିତ ମହାନ୍ତି, ରଞ୍ଜିତ ରଞ୍ଜନ ରାଉତ, ନନ୍ଦକିଶୋର ସେଠୀ, ସୁବିକାଶ ନାୟକ, ଏସ୍‌କେ ରିୟାଜତ୍, ସୁଜିତ୍ କୁମାର ବେହେରା, ବାସୁଦେବ ଜେନା, ଦୀପକ ପାତ୍ର, ରମାକାନ୍ତ ମଲ୍ଲିକ, ଈଶ୍ୱର କୁମାର ନାଥ, ଦୟାନିଧି ପରିଡା, ସ୍ୱରାଜ କେତନ ରାଉତ, ମୃତ୍ୟୁଞ୍ଜୟ ସାହୁ, ଅଯୋଧ୍ୟା ବିଶ୍ୱାଳ, ଜିତେନ୍ଦ୍ର କୁମାର ସାହୁ, ଆଶୀଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବ୍ଲକ ଯୁବ ସଭାପତି ସଙ୍ଗମ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତୟ

ଭବାନୀପାଟନା (ମହାଭାରତ) : କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲାୟ ବୈଠକରେ ମାନ୍ୟବର ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଜୋଶୀ,ମାନ୍ୟବର ଭବାନୀପାଟନା ସଦର ବିଧାୟକ ସାଗର ଚରଣ ଦାସ, ମାନ୍ୟବର ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ନର୍ଲା, ଲାଞ୍ଜିଗଡ ଓ ଜୁନାଗଡ ବିଧାୟକ ଙ୍କ ପ୍ରତିନିଧି ସହ କଳାହାଣ୍ଡି ସାଂସଦ ଙ୍କ ପ୍ରତିନିଧି ଯୋଗ ଦେଇ ଥିଲେ । ଏତଦବ୍ୟତୀତ ସମସ୍ତ ଲାଇନ ବିଭାଗର ଅଧିକାରୀ , ଚାଷୀ ପ୍ରତିନିଧି ଏବଂ ମିଲର ପ୍ରତିନିଧି ମଧ ଉପସ୍ଥିତ ଥିଲେ । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ୨୦୨୪ -୨୫ ବର୍ଷ ଖରିଫ ଫସଲ ପାଇଁ ଜିଲ୍ଲାରେ ୧୧୪୭୫୮ ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବୈଠକରେ ପ୍ରକାଶ କରାଯାଇଥିଲା । ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ଗତ ବର୍ଷ ଖରିଫ ର କ୍ରୟ ଓ ଚଳିତ ବର୍ଷ ଖରିଫର ଲକ୍ଷ ଧାର୍ଯ୍ୟ , ଧାନ ର ସର୍ବନିମ୍ନ ମୂଲ୍ୟ , ବୋନସ ମଣ୍ଡି ପରିଚାଳନା ଓ ଧାନ କ୍ରୟ ପ୍ରକ୍ରିୟାରେ ସାମିଲ ବିଭିନ୍ନ ସଂସ୍ଥାର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ମଣ୍ଡି-ନୋଡାଲ ଅଫିସର , ମଣ୍ଡି-ତଦାରଖ ଅଫିସର ନିଯୁକ୍ତି ସମ୍ପର୍କରେ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କୁ ଅବଗତ କରାଇଥିଲେ । ଏହି ଋତୁରେ ଡିଜିଟାଲ ଧାନ ବିଶ୍ଳେଷକ ବ୍ୟବହାର ନିମନ୍ତେ ୧୩୫ ଜଣ ତାଲିମ ପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତ କରାଯିବା ସମ୍ପର୍କକରେ ଜିଲ୍ଲାପାଳ ସୂଚନା ଦେଇ ଥିଲେ । ଚଳିତ ବର୍ଷ ୭ ଗୋଟି ନୂଆ ମଣ୍ଡି ସ୍ଥାପନ ନିମନ୍ତେ ବୈଠକରେ ସହମତି ପ୍ରକାଶ ପାଇଥିଲା । ଧର୍ମଗଡ଼ ବିଧାୟକ ଚଳିତ ଖରିଫ ଋତୁରେ ଧାନର ବିକ୍ରୟ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ସରକାର ଧାର୍ଯ୍ୟ କରି ଥିବାରୁ ସମସ୍ତଙ୍କ ସହଯୋଗରେ ଧାନ କିଣା ପ୍ରକ୍ରିୟାକୁ ସୂଚାରୁ ରୂପେ ପରିଚାଳନା ନିମନ୍ତେ ଗୁରୁତ୍ୱ ଆରୋପ କରିଥିଲେୟ ବୈଠକରେ ଧାନ କ୍ରୟ ରେ ଭାଗ ନେଉ ଥିବା ମହିଳା ସ୍ୱୟ ସହାୟିକା ଗୋଷ୍ଠୀ ମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆଲୋଚନା କରାଯାଇଥିଲା । ସେଥିମଧ୍ୟରୁ ବିଭିନ୍ନ କାରଣରୁ ୭ ଗୋଟି ଡବ୍ଲୁଏଚଏ କୁ ଧାନ କ୍ରୟ ପ୍ରକ୍ରିୟରୁ ବାଦ ଦିଆଯାଇଥିବାର ଜିଲ୍ଲାପାଳ ବୈଠକରେ ପ୍ରକାଶ କରିଥିଲେ । ଧାନ ସଂଗ୍ରହ ପ୍ରକ୍ରିୟା ୨୯.୧୧.୨୦୨୪ ଠାରୁ ଆରମ୍ଭ ହୋଇ ପର୍ଯ୍ୟାୟ କ୍ରମେ ୦୪.୧୨.୨୦୨୪ ସୁଦ୍ଧା ଜିଲ୍ଲା ସମସ୍ତ ବ୍ଲକମାନଙ୍କରେ ମଣ୍ଡି ଖୋଲିବା ପାଇଁ ବୈଠକରେ ସ୍ଥିରୀକୃତ ହେଲା । ସରକାରଙ୍କ ନିୟମ ଅନୁଯାୟୀ ଚାଷୀ ଯେପରି ନିଜର ଧାନ ବିକ୍ରୟ କରି ଠିକ୍ ସମୟରେ ଉପଯୁକ୍ତ ମୂଲ୍ୟ ପାଇପାରିବେ ।

## ଜିଲ୍ଲାସ୍ତରୀୟ କବାଡି ଚୟନ ଶିବିର

ଦେବଗଡ଼ (ମହା ଭାରତ).: ୭୨ତମ ରାଜ୍ୟ ସ୍ତରୀୟ ସିନିୟର୍ କବାଡି ଚମ୍ପିୟାନସିପ୍ ( ପୁରୁଷ ଓ ମହିଳା ) ବିଭାଗ ୨୦୨୪-୨୫ ଗଞ୍ଜାମ ଜିଲ୍ଲା ର ଆସିକା ହରିହର ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଆସନ୍ତା ତା.୧୪.୧୧.୨୦୨୪ ଠାରୁ ତା.୧୭.୧୧.୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଜ୍ୟ ସ୍ତରୀୟ କବାଡି ଚମ୍ପିୟାନସିପ୍ ରେ ଦେବଗଡ ଜିଲ୍ଲା ମଧ ଭାଗ ନେବାର କାର୍ଯ୍ୟକ୍ରମ ରହିଅଛି । ଏଥି ନିମନ୍ତେ ଜିଲ୍ଲା ସ୍ତରୀୟ କବାଡି ଟିମ ଗଠନ ନିମନ୍ତେ ଜିଲ୍ଲା ର ସମସ୍ତ ଇଚ୍ଛୁକ କବାଡି ଖେଳାଳି ମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ଆସନ୍ତା ୧୦ ତାରିଖ ଦିନ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାର ସକାଳ ୯ ଘଟିକା ସମୟରେ ନିଜର ୩ ଗୋଟି ପାସପୋର୍ଟ ଫୋଟ ଓ ଆଧାର କାର୍ଡ ସହିତ ଉପସ୍ଥିତ ରହି ଏହି ଚୟନ ପ୍ରକ୍ରିୟା ରେ ଭାଗ ନେବାର ସୁଯୋଗ ପାଇଁ ପାରିବେ ବୋଲି ସାଧାରଣ ସମ୍ପାଦକ ଜିଲ୍ଲା କ୍ରୀଡା ସଂସଦ ଜଣାଇଛନ୍ତି।

## ବୈତରଣୀ ନଦୀ ର ସୁନାମନୀ ଠାରେ ଫୋଟ ଉଠାଇବା ହେଲା କାଳ; ନଦୀରେ ବୁଡି ଯାଇ ଛାତ୍ର ମୃତ



କରଞ୍ଜିଆ,(ମହାଭାରତ) ଆଜି ସକାଳୁ ୬ ଜଣ ବାଳକ ସାଙ୍ଗ ହୋଇ ବୈତରଣୀ ନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସୁନାମୁନି ବୁଲି ବାକୁ ଆସି ଜଣେ ବାଳକ ନଦୀର ପାଣି ସ୍ରୋତ ରେ ଭାସି ଯାଇ ମୃତୁ ଘଟିଥିବା ଜଣାପଡିଛି। ସୂଚନା ଅନୁଯାୟୀ କରଞ୍ଜିଆ ଏନଏସି ଅନ୍ତର୍ଗତ କରଡ଼ିହା ର ରବି ଯାଦବ ଙ୍କ ପୁଅ ମନୋଜ ଯାଦବ (୧୪) ବର୍ଷ ବିକାଶ କନଭେ□ ସ୍କୁଲ ରେ ଅଷ୍ଟମ ଶ୍ରେଣୀର ଛାତ୍ରୟ କରଞ୍ଜିଆ ରୁ ୬ ଜଣ ସାଙ୍ଗ ସହିତ ମନୋଜ ଠାକୁରମୁଣ୍ଡା ବ୍ଲକ ସୀମାନ୍ତ କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ଥାନା ଅନ୍ତର୍ଗତ ମୋନହରପୁର ପଞ୍ଚାୟତ ବୈତରଣୀ ନଦୀର ସୁନାମୁନି କୁ ବୁଲିବା ପାଇଁ ସକାଳ୮ଟାରେ ଆସି ପହଞ୍ଚିଥିଲେ।ସୁନାମୁନି ରେ ପହଁଚିବା ପରେ ମନୋଜ ଫୋଟ ଉଠାଇବାକୁ ନଦୀର ପାଣି ଭିତରେ ପଶିଥିଲେ।ଏହି ସମୟରେ ନଦୀର ପାଣି ସ୍ରୋତ ତାଙ୍କୁ ଭସାଇ ନେଇ ଯାଇଥିଲା। ପ୍ରଥମେ ସାଙ୍ଗ ମାନେ ଉଧାର ଚେଷ୍ଟା କରିଥିଲେ କିନ୍ତୁ ପହଁରା ଜାଣିନଥିବାରୁ ନଦୀ ସ୍ରୋତରେ ଭାସି ଯାଇଥିଲା । ପରେ ଖବର ପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଘଟଣାସ୍ଥଳ ରେ ପହଞ୍ଚି ନଦୀ ପାଣି ଭିତରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ।କିନ୍ତୁ ଡ଼ାକ୍ତର ମନୋଜ କୁ ମୃତ ଘୋଷଣା କରିଥିଲେୟ ଠାକୁରମୁଣ୍ଡା ପୋଲିସ କେସ୍ ନଂ ୨୦/୨୦୨୪ ଏକ ଅପମୃତ୍ୟୁ ମାମଲା ରୁଜୁ କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି ପୋଲିସ।

## ଅଭିଯୁକ୍ତକୁ ଗିରଫ ଦାବିରେ ଗ୍ରାମବାସୀ ଥାନାର ଦ୍ୱାରସ୍ଥ

ରାଇଘର,(ମହାଭାରତ) ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅଧୀନସ୍ଥ କୁମୁମପୁର ଆଦିବାସୀ ଗ୍ରାମର ମହାଙ୍ଗୁ ଗଣ୍ଡଙ୍କ ଝିଅ ସୁମିତ୍ରା ଗଣ୍ଡ(୨୪) ଙ୍କ ମୃତଦେହ ଗତମାସ ୨୭ ତାରିଖରେ ଉଦ୍ଧାର ହୋଇଥିଲା। ଏହା ଆତ୍ମହତ୍ୟା ନୁହେଁ ବରଂ ହତ୍ୟା ମାମଲା ବୋଲି ପରିବାରବର୍ଗ ଅଭିଯୋଗ କରିଥିଲେୟ ଘଟଣାର ୧୦ ଦିନ ପରେ ପୁଣି ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇ ଅଭିଯୁକ୍ତକୁ ଗିରଫ କରିବାକୁ ଦାବି କରିଛନ୍ତି। ତେବେ ପୋଲିସର ତଦନ୍ତ ପ୍ରକ୍ରିୟା ଉପରେ ସମସ୍ତଙ୍କନଜର ରହିଛି। ସୂଚନାଯୋଗ୍ୟ ଯେ, ଗତମାସ ୨୬ ତାରିଖ ରାତିରେ ସୁମିତ୍ରା ପରିବାର ସଦସ୍ୟଙ୍କ ସହିତ ଖାଇ ସାରିବା ପରେ ଶୋଇ ପଡ଼ିଥିଲେ। କିନ୍ତୁ ବିଳମ୍ବିତ ରାତିରେ ଘରୁ ବାହାରି କେଉଁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ଘରୁ ପୋଲିସ ସୁମିତ୍ରାଙ୍କ ଶବ ପାଇନଥିଲେ। ୨୭ ତାରିଖ ସକାଳେ ସୋନପୁର ଆଦିବାସୀ ଗ୍ରାମ ନିକଟରେ ଥିବା ସୁବାସ ଗଣ୍ଡଙ୍କ ଚାଷ ଜମିର ଏକ କୁଡିଆ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲାୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ୨୮ ତାରିଖ ସକାଳେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ ରାଇଘର ଥାନାରେ କେଶ ନମ୍ବର ୮୧/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଘଟଣା ପଛରେ ଅନେକ ରହସ୍ୟ ଲୁଚି ରହିଥିବା ବେଳେ ନିରପେକ୍ଷ ତଦନ୍ତ ପାଇଁ ଦାବି ହୋଇଛି ୟ ଏ ସମ୍ପର୍କରେ ଥାନା ଅଧିକାରୀ ରଘୁନାଥ ମାଝୀଙ୍କୁ ପଚାରିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ସହ ପରିବାର ବର୍ଗ ଓ ଗ୍ରାମବାସୀ ଅଭିଯୋଗ ଉପରେ ତଦନ୍ତ ପ୍ରକ୍ରିୟାକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତଦନ୍ତ ଚାଲିଥିବା।

## ସହରରେ ବଢୁଛି ଲୁଟେରାଙ୍କ ଦୌରାତ୍ମ୍ୟ

# ସ୍ୱଷ୍ଟ ଦିବାଲୋକରେ ଝାମ୍ପି ନେଉଛନ୍ତି ଚେନ୍, ମୋବାଇଲ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ସହରରେ ଏବେ ଲୁଟେରାଙ୍କୁ ନେଇ ଆତଙ୍କ। କିଛି ଦିନ ତଳେ ଘରେ ପଶି ରାହାଜାନି କରୁଥିବା ତିନି ଜଣ ଯୁବକଙ୍କୁ ଗିରଫ କରିବା ପରେ ସହରବାସୀ ଶାନ୍ତିରେ ଥିଲେ। ମାତ୍ର କିଛି ଦିନ ହେବ ସହରର ଭିଡ଼ ସ୍ଥାନରେ ଏହି ଲୁଟେରା ମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛ। ଗତ ସପ୍ତାହରେ ସହରର ଜଣେ ଆଇନଜୀବୀଙ୍କ ପତ୍ନୀଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିବା ବେଳେ ଗତ ଦୁଇଦିନ ତଳେ କୋୟନା ଢାବା ଗଳି ରାସ୍ତାରୁ ଜଣେ ବୟୋଜ୍ୟେଷ୍ଠ ଲୋକଙ୍କଠାରୁ ମୋବାଇଲ ଲୁଟି ନେଇଛନ୍ତି। କେବଳ ସେତିକି ନୁହେଁ, ଗତ ସପ୍ତାହରେ ଜଣେ ଦମ୍ପ□ଙ୍କୁ ଲୁଟ୍ କରିବା ପାଇଁ ପିଟିଏସ୍ ରାସ୍ତାରେ ଦୁଇ ଜଣ ଯୁବକ ବହୁ ସମୟ ପର୍ଯ୍ୟନ୍ତ ଗୋଡ଼ାଇଥିବା ଥାନାରେ ଅଭିଯୋଗ ହୋଇଥିଲା ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାହାର ଜିଲ୍ଲାର କେତେ ଜଣ ଲୁଟେରା କିଛି ସ୍ଥାନୀୟ ଯୁବକ ମାନଙ୍କୁ ସାଥୀରେ ଧରି ଏହି କାଣ୍ଡ କରୁଥିବା ପୁଲିସ ଜାଣିବାକୁ ପାଇଛି। ଏବେ ସେମାନଙ୍କୁ କାବୁ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ଗତ ଦୁଇ ତାରିଖରେ ଆଇନଜୀବୀ ନୃସିଂହ ପଟ୍ଟନାୟକଙ୍କ ପତ୍ନୀ ରଞ୍ଜିତା ମଧ୍ୟାହ୍ନରେ ତାଙ୍କ ପୁଅ ସହ ସ୍କୁଟିରେ ବଜାରକୁ ଆସିଥିଲେ। ଖଣ୍ଡପଡ଼ା ରାସ୍ତାରେ ମା' ପୁଅ ଦୁଇ ଜଣ ଯାଉଥିବା ବେଳେ ହଠା୍ ଦୁଇ ଜଣ ଯୁବକ ବାଇକ୍ରେ ଆସି ରଞ୍ଜିତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିଲେ। ଏହି ସମୟରେ ମା' ପୁଅ ଦୁଇ ଜଣ ବାଇକରୁ ତଳକୁ ଖସିପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଚେନ୍ ଝାମ୍ପି ନେଇଥିବା ଯୁବକ ମାନେ ଦ୍ରୁତ ବେଗରେ ସେଠାରୁ ଖସି ପଳାଇଥିଲେ। ଗତ ଦୁଇଦିନ ତଳେ ମଧ ସମାନ ଢଙ୍ଗରେ ଜଣେ ବୟୋଜେଷ୍ଠ ବ୍ୟକ୍ତି ସ୍କୁଟିରେ ଯାଉଥିବା ବେଳେ ତାଙ୍କ ସାର୍ଟ ପକେଟରେ ସେ ମୋବାଇଲ୍ ରଖିଥିଲେ। ଦୁଇ ଜଣ ଯୁବକ ଗୋଡ଼ାଇ ଗୋଡ଼ାଇ ଆସି ତାଙ୍କ ମୋବାଇଲଟିକୁ ଝାମ୍ପି ନେବା ବେଳେ ସେ ସ୍କୁଟିରୁ ତଳକୁ ପଡ଼ି ଯାଇଥିଲେ। ଏହି ସୁଯୋଗରେ ବାଇକ୍ରୁ ଜଣେ ଯୁବକ ଓହ୍ଲାଇ ଜୋରଜବରଦସ୍ତ ତାଙ୍କ ମୋବାଇଲ୍ ଛଡ଼ାଇ ନେଇଛି। ଏହି ଘଟଣା ନିକଟରେ ଲାଗିଥିବା ଏହି ସିସିଟିଭିରେ କଏଦ ହୋଇଛି। ସୁନା ଚେନ୍ ଛିନତାଇ ମାମଲାରେ ପୁଲିସ ଲୁଟେରା ମାନଙ୍କୁ କାବୁ କରି ସାରିଛି। ଗିରଫ ଅଭିଯୁକ୍ତ ମାନଙ୍କୁ କିଛି ସ୍ଥାନୀୟ ଯୁବକ ସହଯୋଗ କରୁଥିବା ପୁଲିସ ପ୍ରମାଣ ପାଇଛି। ଫଳରେ ସେ ସମସ୍ତଙ୍କ ସମ୍ପର୍କରେ ପ୍ରମାଣ ଯୋଗାଡ଼ କରିବା ପାଇଁ ପୁଲିସ ଏବେ ଜୋରଦାର ପ୍ରୟାସ ଜାରି ରଖିଛି। ସହରରେ ନିଜ ନେଟୱାର୍କ ବିସ୍ତାର କରି ଚାଲିଥିବା ଏହି ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ଟାଉନ ଥାନା ପୁଲିସ ଜୋରଦାର ପ୍ରୟାସ ଜାରି ରଖିଛି।

## ବିଭିନ୍ନ ଦାବୀ ନେଇ ଏଏମ/ଏନଏସ୍ ଆଗରେ ଧାରଣା



ପାରାଦୀପ(ମହାଭାରତ): ପାରାଦୀପ ଉପକଣ୍ଠରେ ଥିବା ଆର୍ସେଲର ମିତ୍ତଲ/ନିପ୍ପନ ଷ୍ଟିଲ୍ କମ୍ପାନୀ (ଏଏମ/ଏନଏସ)ଆଗରେ ଶୁକ୍ରବାର ଦିନ ଠିକା କର୍ମଚାରୀମାନେ ଧାରଣା ଦେଇଛନ୍ତି। କମ୍ପାନୀ ନିର୍ମାଣ ପାଇଁ ଜମି ଦେଇ ଏବେ ଭିଟାମାଟି ଛାଡିବେ ସ୍ଥାନୀୟ ଜମିହରା । ହେଲେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ନିଯୁକ୍ତି ନାମରେ ଶୋଷଣ କରୁଥିବା ନେଇ ଅଭିଯୋଗ କରିଛନ୍ତି। ଧାରଣାରେ ବସିଥିବା ସତ୍ୟପ୍ରକାଶ ସାମଲ । କମ୍ପାନୀର ଏହି ଅନ୍ୟାୟ କାର୍ଯ୍ୟ ଓ ମନମାନୀକୁ ବିରୋଧ କରି ଧାରଣା ଦେଇଛୁ ବୋଲି କହିଛନ୍ତି। ପୂଜା ସ୍ୱାଇଁ । ଗୋଟେ ପଟେ ଦରଦାମ ଅହେତୁକ ବାବେ ବୃଦ୍ଧି ପାଇଥିବା ବେଳେ ଏଏମ/ଏନଏସ କମ୍ପାନୀ ମାତ୍ର ବାର ହଜାର ଟଙ୍କା ଦରମା ଦେଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ୨୦୦୬-୦୭ ମସିହାରେ ଏସାର ଷ୍ଟିଲ କମ୍ପାନୀ ସ୍ଥାନୀୟ ଲୋକଙ୍କ ଠାରୁ ଜମି ନେଇ କିଛି ନାମମାତ୍ର ଲୋକଙ୍କୁ ନିଯୁକ୍ତି ଦେଇଥିଲେ ବି ଆହୁର ଅନେକ ଜମିହାର ଓ ବିସ୍ଥାପିତଙ୍କୁ ଏଯାଏ ନିଯୁକ୍ତି ମିଳିଲା ନାହିଁ । ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଲା ନାହିଁ। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ବଦଳରେ ଠିକା ସଂସ୍ଥା ଅଧିନରେ ନିଯୁକ୍ତି ଦିଆଗଲା । ଏଏମ/ଏନଏସ କମ୍ପାନୀ ଏସାର ଷ୍ଟିଲ କମ୍ପାନୀକୁ ଅଧିଗ୍ରହଣ କରିବା ପରେ ମଧ ଦରମା ବୃଦ୍ଧି ହେଲାନାହିଁ । ବାରମ୍ବାର ଏସମ୍ପର୍କରେ ଏଏମ/ଏନଏସ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇ ଥିଲେ ମଧ ଏଏମ/ଏନଏସ କମ୍ପାନୀ କୌଣସି ପଦକ୍ଷେପ ନେଉନାହାନ୍ତି। ମାତ୍ର ବାର ହଜାର ଟଙ୍କାରେ ଚଳିବା ଅସମ୍ଭବ ହୋଇ ପଡିବାରୁ ଧାରଣା ଦେଇଥିବା ସତ୍ୟପ୍ରକାଶ ସାମଲ, ପୂଜା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ କହିଛନ୍ତି । ଏଏମ/ଏନଏସ କମ୍ପାନୀ କର୍ତ୍ତୃପକ୍ଷ ଯଦି ସେମାନଙ୍କ ଦାବୀ ପୂରଣ ନକରନ୍ତି ତେବେ ସେମାନେ ଆଗାମୀ ଦିନରେ ପରିବାର ସହିତ ଧାରଣା ଦେବା ସହିତ କମ୍ପାନୀର ଗେଟ୍ ବନ୍ଦ କରିବେ ବୋଲି କହିଛନ୍ତି ।

## ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ ଦୁର୍ଘଟଣା, ଜଣଙ୍କର ମୃତ୍ୟୁ

ଅନୁଗୋଳ ,(ମହାଭାରତ):ନାଲକୋ ଥାନା ଅନ୍ତର୍ଗତ ନାଲକୋ ସ୍ମେଲଟର ପ୍ଲାଣ୍ଟ ଭିତରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନାଲକୋ ର କର୍ମଚାରୀ ଛବିଳ ନାଏକୟ ସେ ପରିବାର ସହିତ ନାଲକୋ କଲୋନୀ ର କ୍ୱାଟର ନମ୍ବର ବି ୨୧୧୯ ରହୁଥିଲେ । ସେ ଗତକାଲି ୯.୩୦ ରେ ନାଲକୋ ପ୍ଲାଣ୍ଟ ଭିତରକୁ ପ୍ରବେଶ କରିଥିଲେ । ରାତି ରେ କାର୍ଯ୍ୟରତ ଥିବା ୧୦.୨୦ ସମୟରେ କ୍ରେନ୍ ର ହୁକ୍ ଚେଞ୍ଜ କରୁଥିବା ସମୟରେ ପ୍ଲାଣ୍ଟ ଟି.ଭି.ଏସ ଷ୍ଟାଣ୍ଡ ରୁ ଖସି ପଡ଼ିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ନାଲକୋ ମେଡ଼ିକାଲ କୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲ କୁ ପଠାଯାଇଥିଲା । ଘରୋଇ ହସ୍ପିଟାଲ ପହଞ୍ଚିବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଥିଲା । ତେବେ ନାଲକୋ ମେଡ଼ିକାଲ ସମ୍ମୁଖରେ ଶବକୁ ରଖି ବିଭିନ୍ନ ସଂଘଠନ ପକ୍ଷରୁ ଉପସ୍ଥିତ ରହି କ୍ଷତିପୂରଣ ଦାବି କରିଥିଲେ । ନାଲକୋ ପକ୍ଷରୁ ଜିଏମ ଶୁଭେନ୍ଦୁ ନାୟକ ଙ୍କ ଅଧ୍ୟକ୍ଷତାରେ ସମସ୍ତ ୟୁନିୟନ୍ ଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରର ଜଣକୁ ନିଯୁକ୍ତି ଏବଂ ନାଲକୋ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ନାଲକୋ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦେବାପରେ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଶବ ବ୍ୟବଚ୍ଛେଦପାଇଁ ପଠାଇଥିଲେ । ତେବେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ନାଲକୋ ମଧରେ ସୁରକ୍ଷା ବ୍ୟବସ୍ଥା କୁ ନେଇ ପ୍ରଶ୍ନ ଉଠାଇଛନ୍ତି , ବାରମ୍ବାର ସୁରକ୍ଷା ରେ ଅବହେଳା ପାଇଁ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରିଛନ୍ତି ।

## ମନାଇପାଦରେ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନି ଓ ବିଜ୍ଞାନ ମେଳା



ପାଟଣାଗଡ଼ ( ମହାଭାରତ ) ବଲାଙ୍ଗୀର ପାଟଣାଗଡ଼ ବ୍ଲକ ମନାଇପାଦ ଆଦିବାସୀ ହାଇସ୍କୁଲ ଠାରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନି ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ବିଡ଼ିଓ ସୁମନ୍ତ ମିଞ୍ଜ ମୁଖ୍ୟ ଅତିଥି , ମୂଖ୍ୟ ବକ୍ତା ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠୀ ମୁଣ୍ଡୋମହୁଲ ସରପ□ ସୁଦର୍ଶନ ମହାନନ୍ଦ,ଓଷ୍ଟା ଜିଲ୍ଲା ସଂପାଦକ କୁଶଧ୍ୱଜ ସାହୁପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ଆବାହକ ଶ୍ୟାମ ସୁନ୍ଦର ବିଶ୍ୱାଳ, ସାଂଗଠନିକ ସଂପାଦକ ଗରୁଡ କୁମାର ସାମଲ, ସଂଯୋଜକ ଓମକାର ରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଧାରଣିୟ ଭବିଷ୍ୟତ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଫଳ ଉପରେ ମୁଖ୍ୟ ଅତିଥି ଓ ମୂଖ୍ୟ ବକ୍ତା ଭାବରେ ତାଙ୍କର ବହୁ ମୂଲ୍ୟ ବକ୍ତବ୍ୟ ପ୍ରଦାନ କରି ବାଲ ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ରେ ୨ ଶହ ବିଦ୍ୟାଳୟରୁ ମୋଟ ୧୯୦ ଜଣ ଛାତ୍ରଛାତ୍ରୀ, ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ରେ ପ୍ରତିଯୋଗିତାରେ ଉତ୍ସାହର ସହିତ ଭାଗ ନେଇଥିବା ବେଳେ ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ରେ କୃତିଅର୍ଜନ କରିଥିବା କୃତି କୁନି ବୈଜ୍ଞାନିକ ଓ ପ୍ରତିଯୋଗୀଙ୍କୁ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଶିକ୍ଷକ ରାମଚନ୍ଦ୍ର ଧରୁଆ ପରିଚାଳନା କରିଥିବା ବେଳେ ଆଦିବାସୀ ଉଚ୍ଚ ବିଦ୍ୟାଳୟ ର ସହ ଶିକ୍ଷକ ଓଁଙ୍କାର ରଞ୍ଜନ ମିଶ୍ର, ଭେଙ୍କଟେଶ୍ୱର ଦାସ , ମନୋଜ ମେହେର,ଅର୍ଯ୍ନ କୁମାର ସାହୁ,ଢୁଲାମଣି ସାହୁ, ପ୍ରଦୀପ କୁମାର ଦ□ , ମନ୍ମଥ ପଟେଲ, ବିନୋଦ କୁମାର ମହାନ୍ତି, କାର୍ତ୍ତିକ ମାଝୀ, ପ୍ରଦୀପ ଭୋଇ , ସ୍କୁଲ ପରିଚାଳନା କମିଟି ସଭାପତି ପଙ୍କଜ ଭୋଇ ,ଶିକ୍ଷକ, ଶିକ୍ଷୟିତ୍ରୀ ,ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ମା ଭୁ ବାସିନୀ ଚରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଗ୍ରାମୀଣ ଉଜ୍ୱଳ ଆଲୋକ ବ୍ୟବସ୍ଥା

ବାଲିପାଟଣା:(ମହାଭାରତ)ରାଜ୍ୟ ସରକାର ଓ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ସୋଲାର ଲାଇଟ୍ ଯୋଜନା ହେଉ କି ସାଂସଦ ,ବିଧାୟକଙ୍କ ଅନୁଦାନ ପାଣ୍ଠିରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ପ୍ରତି ବ୍ଲକର ପ୍ରତ୍ୟେକ ଗ୍ରାମରେ ବିଭିନ୍ନ ଉନ୍ନତି ମୂଳକ କାମ କରୁଛନ୍ତି ବୋଲି ଡିନ୍ଦୀମ ପିଟୁଛନ୍ତି। କିନ୍ତୁ ଖୋଦ୍ ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ପମ୍ପାଲ ଗ୍ରାମ ପଞ୍ଚାୟତ ୧୪ ନମ୍ବର୍ ୱାର୍ଡ କୁଳନ୍ତିରା ବାଗିଲ କିନ୍ତୁ ଏହି ସବୁ ଯୋଜନାରୁ ବାଦ୍ ପଡ଼ିଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଛୋଟ ଛୋଟ ପିଲାମାନେ କୋଚିଙ୍ଗସାରି ଫେରିଲା ବେଳକୁ ନିସାଡ଼ିଙ୍କ ଉପଦ୍ରବ,,ବିଭିନ୍ନ ଅସାମାଜିକ ଯୁବକଙ୍କ ଭୟ ଓ ସରୀସୃପ ଙ୍କ ଭୟ ବିଭିନ୍ନ ସମୟରେ ଲାଗି ରହୁଥିଲା । କିଛି ବର୍ଷତଳେ ପ୍ରାୟ ୧୨ଲକ୍ଷ୍ୟ ଟଙ୍କା ଅଟକଳ ପରିମାଣରେ ପମ୍ପାଲ ପଞ୍ଚାୟତରେ ସୋଲାର ଲାଇଟ୍ ଲାଗିଥିଲା କିନ୍ତୁ ସେସବୁ ରାଜନୈତିକ ଆକ୍ରୋଶ ରଖି ବଡ଼ ବଡିଆ ବାବୁ ମାନଙ୍କ ଦୁଆରେ ଲାଗିଥିଲା। ବାରମ୍ବାର ଅଭିଯୋଗ କରିବା ପରେ ବି ଏହି ଗ୍ରାମରେ ଗୋଟିଏ ବି ଲାଇଟ୍ ଲାଗି ପାରି ନଥିଲା। ଶେଷରେ ମା ଭୁ ବାସିନୀ ଚରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟ ର ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁ ଙ୍କ ନିର୍ଦ୍ଦେଶ ରେ ଗ୍ରାମରେ ୫ ଟି ଷ୍ଟ୍ରିଟ୍ ଲାଇଟ୍ ଲାଗିଚି।ଯାହାଦ୍ୱାରା ଗ୍ରାମର ବୁଦ୍ଧିଜୀବୀ ମହଲରେ ଏକ ପ୍ରକାର ଖୁସିର ମାହଲ ହେବା ସହିତ ଅନ୍ୟ ଯୁବକ ବା ଗ୍ରାମବାସୀ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଟ୍ରଷ୍ଟର ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁ ଙ୍କ ସହିତ ପ୍ରଦୀପ ଭୋଳ,ଶଙ୍କର ଭୋଳ,ସୁଶାନ୍ତ ଭୋଳ,ବିଶ୍ୱଜିତ୍ ଭୋଳ,ଜୀବନ ଜ୍ୟୋତି ପଣ୍ଡା,ଓ ମା ଭୁ ବାସିନୀ ଚରି ଟେବୁଲ୍ ଟ୍ରଷ୍ଟ ର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

## ଥାନା ଅଧିକାରୀ ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସହ ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ

ନାରାୟଣପାଟଣା,(ମହାଭାରତ): ନାରାୟଣପାଟଣା ଥାନା ଅଧିକାରୀ ସୁଷମା କୋଅଂର ଙ୍କୁ ନାରାୟଣପାଟଣା ଗ୍ରାମ ବାସୀ ତଥା ବୁଢୀ ଠାକୁରାଣୀ ପୁଜା କମିଟି ଏବଂ ସାମ୍ବାଦିକ ବନ୍ଧୁ ଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା କରାଯାଇଛି । ସମ୍ବର୍ଧନା ଶୋଭାରେ ବୁଢୀ ଠାକୁରାଣୀ ପୁଜା କମିଟି ର ସଭାପତି ଗୋଲାଦି ତ୍ରିନାଥ,ସମ୍ପାଦକ ଦୟା ପ୍ରଧାନ,କ୍ୟାରିୟର ରମେଶ ଚନ୍ଦ୍ର ଦାସ , କୋଷାଧକ୍ଷ ପି ନବୀନ ସୁବୁଦ୍ଧି ଙ୍କ ଉପସ୍ଥିତି ରେ ଥାନା ଅଧିକାରୀ ଙ୍କ ଏକ ବର୍ଷର ଗୁଣ ଗାରିମା ବର୍ଣ୍ଣନା କରିଥିଲେ ୟବର୍ଷ ଦାଇତ୍ୱ ରେ ରହି ବ୍ଲକ ରେ ଶାନ୍ତି ଶୃଙ୍ଖଳା ଭାଇଚାରା ଆଇନ୍ ଶୃଙ୍ଖଳା ରଖି ସମସ୍ତ ପରାମର୍ଶ ନେଇ ବ୍ଲକ ରେ ସୁନାମ ଅର୍ଜନ କରିଥିଲେ।ବ୍ଲକ ରେ ଯେ କୌଣସି ଆଇନ ଶୃଙ୍ଖଳାର ଆବଶ୍ୟକ ରହୁଥିଲା ଜନସାଧାରଣ ଙ୍କ ପରାମର୍ଶ ନେଇ ଛୋଟ ଛୋଟ ମାମଲା କୁ ଆପୋଷ ବୁଝାମଣା ରେ ସମାଧାନ କରିଆସୁଥିଲେ ।ପୁଜା ପର୍ବ ଜାନି ଯାତ୍ରା ତଥା ବ୍ଲକ ମୁଖ୍ୟ ଅଧିଷ୍ଠାତ୍ରୀ ଦେବୀ ଙ୍କ ଠାକୁରାଣୀ ଯାତ୍ରା ରେ ଆଇନ ଶୃଙ୍ଖଳାକୁ ସୁରକ୍ଷିତ ଭାବେ ପାଳନ କରିଥିବା ଯୋଗୁ ପୁଜା କମିଟିର ସମସ୍ତ ସଦସ୍ୟ ଏସବୁ ଗ୍ରାମବାସୀ ଥାନା ଅଧିକାରୀ ଙ୍କୁ ଦେବୀଙ୍କ ଫୋଟ ମାନକୈଢ ଦେଇ ସମ୍ମାନୀତ କରି ବିଦାୟକାଳୀନ ସମ୍ବର୍ଦ୍ଧନା କରିଥିଲେ ।ପ୍ରଥମ ମହିଳା ଥାନା ଅଧିକାରୀ ଭାବେ ବ୍ଲକ ରେ ଯୋଗ ଦେଇ ନିଜ କାର୍ଯ୍ୟକଳାପ କୁ ସୁଚାରୁରୂପେ ତୁଲାଇ ଏଇ ଭାଇଚାରା ର ପରିଚୟ ଦେଇଥିଲେ ।ବ୍ଲକ ବାସୀଙ୍କ ତରଫରୁ ଧନ୍ୟବାଦ ଦେଇ ଆଗାମି ଚାକିରି କାର୍ଯ୍ୟ କଳାପ ଭଲ ରେ କଟୁ ପ୍ରମୋଶନ ହେଉ ଯେଉଁଠି କୁ ଯାଆନ୍ତୁ ପଦବୀର ଅପବ୍ୟବହାର ନକରି ଜନସାଧାରଣ ଙ୍କୁ ନିଜର କରି କାର୍ଯ୍ୟ ନିର୍ବାହ କରନ୍ତୁ ବୋଲି ଠାକୁରାଣୀ ଙ୍କ ନିକଟରେ ପ୍ରାର୍ଥନା କରି ବିଦାୟ ଜଣାଇଥିଲେ ।ଏଥିସହ ବର୍ଷ କୁ ଭିତରେ ବ୍ଲକ ରେ ବ୍ଲକ ବାସୀଙ୍କ ସମର୍ଥନ ଥାନା ପରାଚାଳନା ଯୋଗୁଁ କୈଣସି ଅପ୍ରିତିକର ପରିସ୍ଥିତି ଘଟିଥିବାରୁ ବ୍ଲକ ବାସୀ ଙ୍କ ଭଲପାଇବା ,ସ୍ନେହ ମମତା କୁ ଭୂଶୀୟ ପ୍ରଶଂସା କରି ଗ୍ରାମବାସୀ ପୁଜା କମିଟି ତଥା ସାମ୍ବାଦିକଙ୍କୁ ଧନ୍ୟବାଦ ଜଣାଇଥିଲେ । ନାରାୟଣପାଟଣା ଗ୍ରାମ ରେ ଭାଇଚାରା ରହିଥିବାରୁ ବର୍ଷକ ଭିତରେ ଯେଉଁୟ ସହଯୋଗ ଭଲପାଇବା ମିଳିଛି ମତେ ଅନ୍ୟ ମୋ ଚାକିରି କାଳରେ ଅନ୍ୟ କୌଣସି ଥାନା ରେ ଏପରି ପ୍ରଶଂସା ଓ ସମ୍ମାନ ମିଳିନଥିବା କହିଥିଲେ ।ମୁ ଯେଉଠି ବି ଯାଏଁ ନାରାୟଣପାଟଣା ବ୍ଲକ ବାସୀଙ୍କ ଭଲ ପାଇବା କେବେ ବି ଭୁଲିପାରିବି ନାହିଁ।ମତେ ଯେବେ ଯେଉଁ ସାହାଯ୍ୟ ଆବଶ୍ୟକ ମୁଁ ସହଯୋଗ କରିବାକୁ ପ୍ରସ୍ତୁତ ରହିବି ବୋଲି କହିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସାମ୍ବାଦିକ ବନ୍ଧୁୟ ଅନୀଲ ସୁବୁଦ୍ଧି,ଏନ୍ . ସନ୍ତୋଷ କୁମାର ,ଦିଲିପ୍ ଦାସ ,ପି. ଗୋବିନ୍ଦ ରାଜୁ ସୁବୁଦ୍ଧି ,କେ ଶାୟା ରାଜୁ ,ଗିରିଧର ଖରା ପ୍ରମୁଖ ଉପହାର ଦେଇ ବିଦାୟ ଦେଇଥିଲେ ।ଏଥିରେ ଥାନା ଅଧିକାରୀ ପ୍ରତ୍ୟକ ସାମ୍ବାଦିକ ଙ୍କୁ ଏକ କଲମ ପ୍ରତିଉପହାର ଦେଇ କଲମର ବଳ ଜନସାଧାରଣ ଙ୍କୁ ନ୍ୟାୟ ଦୁର୍ନିତି ଭ୍ରଷ୍ଟାଚାର ଉପରେ ଚାଲୁ ରଖିବାକୁ ଅନୁରୋଧ କରିଥିଲେ ୟଏହାଶହ ନାରାୟଣପାଟଣା ଥାନାରେ ନୂତନ ଅଧିକାରୀ ଭାବେ ପ୍ରମଦ କୁମାର ନାୟକ ଆଜି ଯୋଗଦାନ କରିଛନ୍ତି । ଏଥି ପୂର୍ବରୁ ସେ କୋରାପୁଟ ଥାନାରେ ଜଣେ ଦକ୍ଷ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଛନ୍ତି । ନାରାୟଣପାଟଣା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସାଙ୍ଗକୁ ଲୋକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସେବା ଯୋଗାଇ ଦେବେ ବୋଲି ଶ୍ରୀ ପ୍ରମଦ କୁମାର ନାୟକ କହିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମକୁ ଏସ୍ ଶ୍ରୀନାଥ ପରିଚାଳନା କରିଥିବା ବେଳେ ବ୍ୟବସାୟୀ ପି ଜେନାର୍ଦ୍ଦନ ସୁବୁଦ୍ଧି ,ଏସ୍ ଗୋବିନ୍ଦା ,ପର୍ଶୁରାମ ତାଡିଙ୍ଗି ପି ଧର୍ମା ,ବୀର ପଣ୍ଡୁ ,ନାନୁ ଚୈଧୁରୀ ,ଜାମି ସୁରିଆ ,ଜାମି ସତ୍ୟ ନାରାୟଣ,ଗୋଲାଦି ଶଙ୍କର ,ଇଛାପୁର ରାମ ,ଇଛାପୁର ଶ୍ୟାମ ,ରଘୁମଣି ପାଢ଼ୀ ,ସନ୍ଦିପ ପାଲାମା ,ଗୋକୁଳ ରାଉତ ,କୁନିପିଲି ବୁଝୋ,ମନ୍ଦିର ପୁଜାରୀ ବୋଇନା ଗୈରୀ ,ହିରେନ୍ଦ୍ର ଗରଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଛେଳିଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୃତ୍ୟଦଳ ରାଜ୍ୟସ୍ତରକୁ ମନୋନୀତ



ଗଜପତି (ମହାଭାରତ): ଛେଳିଗଡ଼ ସରକାରୀ ଉ ପ୍ରା ବିଦ୍ୟାଳୟର ନୃତ୍ୟ ଦଳ ଗତକାଲି ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ଆଗାମୀ ୧୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟର ଛାତ୍ରୀ ମାନଙ୍କର ନୃତ୍ୟରେ ମଞ୍ଚାସିନ ବିଚାରକ ମଣ୍ଡଳୀ ଅଭିଭୂତ ହୋଇପଡ଼ିଥିଲେ। ଛାତ୍ରୀ ମାନଙ୍କର ନାଚ ପ୍ରତି ଆଗ୍ରହ ଥିବା ଜାଣି ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାଙ୍କୁଡ ଓ ଶିକ୍ଷକ ବୃନ୍ଦ ଦୀର୍ଘ ଏକ ମାସ ତାଙ୍କୁ ଶିକ୍ଷା ଦେଇ ଅଭ୍ୟାସ କରାଇଥିଲେ ଆଜି ରାଜ୍ୟ ସ୍ତରକୁ ମନୋନୀତ ହେବା ଶୁଣି ବିଦ୍ୟାଳୟ, ଗାଁ ଓ ଅଞ୍ଚଳରେ ଆନନ୍ଦ ଖେଳିଯାଇଛି ଏ ଅବସରରେ ପ୍ରଧାନ ଶିକ୍ଷକ ମହାଙ୍କୁଡ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ଅଖ୍ୟାତ ପଲ୍ଲୀ ସୁଗୁବା ଭଳି ଏକ ଉପାନ୍ତ ଅଞ୍ଚଳର ସପ୍ତମ ଶ୍ରେଣୀର ଛାତ୍ର ନୀଳାଞ୍ଚଳ ଦଳାଇ ଏକ ଦେଶାତ୍ମବୋଧକ ଗୀତ ଗାଇ ବିଚାରକ ମଣ୍ଡଳୀ ତଥା ଦର୍ଶକ ମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରିଦେଇଛି ପିଲାଟିର କଣ୍ଠ ସଂଗୀତ ପ୍ରତି ଆଗ୍ରହ ଥିବା ଜାଣି ପ୍ରଧାନ ଶିକ୍ଷକ ରଘୁନାଥ ନାହାକଙ୍କ ପରାମର୍ଶ କ୍ରମେ ଶିକ୍ଷକ ଲୋକନାଥ ଦଳାଇ ଅଭ୍ୟାସ କରାଇଥିଲେ ସେ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ତା ସଙ୍ଗେ ସଙ୍ଗେ ଛେଳିଗଡ଼ ଆଦର୍ଶ ବିଦ୍ୟାଳୟର ଦୁଇଜଣ ଛାତ୍ରୀ ଶୁଣ୍ଡୁରୁବା ଆଶ୍ରମ ବିଦ୍ୟାଳୟର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଯୋଗୁଁ ରା ଉଦୟଗିରି ଗୋଷ୍ଠୀ ଶିକ୍ଷ୍ୟାଧିକାରୀ ବୀରେନ୍ଦ୍ର କୁମାର ମଣ୍ଡଳଙ୍କ ସହ ରା ଉଦୟଗିରି ବ୍ଲକର ଶିକ୍ଷାବି□ ଓ ବୁଦ୍ଧିଜୀବୀଗଣ ଶୁଭେଚ୍ଛା ଜଣାଇବା ସହ ଉଚ୍ଚ ପ୍ରଶଂସା କରିଛନ୍ତି।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଭାବବିହ୍ୱଳ ହେଲେ ପ୍ରଧାନ ବିଚାରପତି

**ନୂଆଦିଲ୍ଲୀ,୮।୧୧(କେଏନଏସ):** ଆଜି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କର ଶେଷ କାର୍ଯ୍ୟଦିବସ ଥିଲା । ଶେଷ କାର୍ଯ୍ୟ ଦିବସରେ ଅବସରକାଳୀନ ବାର୍ତ୍ତା ବେଳେ ଭାବବିହ୍ୱଳ ହୋଇଛନ୍ତି ପ୍ରଧାନ ବିଚାରପତି । ସେ କହିଛନ୍ତି, କାଲିଠାରୁ ମୁଁ ଆଉ ନ୍ୟାୟ ପ୍ରଦାନ କରିପାରିବି ନାହିଁ । କିନ୍ତୁ ଏତିକିରେ ମୁଁ ସନ୍ତୁଷ୍ଟ ବୋଲି କହିଛନ୍ତି ବିଦାୟୀ ପ୍ରଧାନ ବିଚାରପତି। ବିଦାୟୀ ବାର୍ତ୍ତା ବେଳେ ସିଜେଆଇ ଚନ୍ଦ୍ରଚୂଡ଼ କୋର୍ଟରେ କେବେ କାହା ମନରେ ଦୁଃଖ ଦେଇଥିଲେ ସେଥିପାଇଁ କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ । ସେ କହିଥିଲେ, ଯଦି ମୁଁ କେବେ କୋର୍ଟରେ କାହା ମନକୁ ଆଘାତ ଦେଇଛି, ଦୟାକରି ମୋତେ କ୍ଷମା କରନ୍ତୁ । କାରଣ ମୋର ଭାବନା କେବେ କାହାକୁ ଦୁଃଖ ଦେବା ନଥିଲା । ପ୍ରଧାନ ବିଚାରପତି ଏହି ସମୟରେ 'ମିଛାମି ଦୁକ୍କଡମ୍' ବାକ୍ୟାଂଶ ବ୍ୟବହାର କରିଥିଲେ । ଏହାର ଅର୍ଥ ହେଉଛି– ଯାହା କିଛି ଖରାପ ହୋଇଛି, ତାହା ବୃଥା ହେଇଯାଉ । ଏହା ଏକ ପ୍ରାଚୀନ ଭାରତୀୟ ପ୍ରାକୃତ ଭାଷାର ଏକ ବାକ୍ୟାଂଶ । ସଂସ୍କୃତରେ ଏହାର ଅନୁବାଦ ହେଉଛି – ମିଥ୍ୟା ମେ ଦୁଷ୍କୃତମ୍ ।



ଜୈନ ଧର୍ମରେ ଅନେକ ସମୟରେ ଏହି ବାକ୍ୟାଂଶର ବ୍ୟବହାର କରାଯାଇଥାଏ । ବିଦାୟକାଳୀନ ସମାରୋହରେ ସେ ପୂର୍ବ ସନ୍ଧ୍ୟା କଥା ମନେ ପକାଇଥିଲେ। ସେ କହିଛନ୍ତି, 'ଯେତେବେଳେ ଗତକାଲି ସନ୍ଧ୍ୟାରେ ମୋ ରେଜିଷ୍ଟ୍ରାର ଜୁଡିସିଆଲ ମୋତେ ପଚାରିଲେ ଯେ ବିଦାୟକାଳୀନ ସମାରୋହ କେତେବେଳେ ଆରମ୍ଭ ହେବା ଉଚିତ ? ଏହାର ଉତ୍ତରରେ ମୁଁ କହିଥିଲି ଦିନ ୨ଟା ବେଳେ। କାରଣ ମୋତେ ଏହା ପୂର୍ବରୁ ଅନେକ ମାମଲା ଉପରେ ରାୟ ଦେବାର ଥିଲା । କିନ୍ତୁ ପରେ ମୁଁ ଭାବୁଥିଲି ଯେ, କ'ଣ ଦିନ ୨ଟା ଯାଏଁ କେହି ରହିଥିବେ ? ନା ମୁଁ ଏକା ଥିବି ।' ଆଇନଜୀବୀ ତଥା ବାର୍ ସଦସ୍ୟମାନେ ପ୍ରଧାନ ବିଚାରପତିଙ୍କ ସହ ସେମାନଙ୍କ ସ୍ମୃତି ବାଣ୍ଟିଲା ବେଳେ ବିଦାୟୀ ପ୍ରଧାନ ବିଚାରପତିଙ୍କ ଆଖିରେ ଲୁହ ଆସିଯାଇଥିଲା । ଟିସୁ ପେପରରେ ସେ ନିଜ ଆଖି ପୋଛୁଥିବା ମଧ୍ୟ ଦେଖିବାକୁ ମିଳିଥିଲା ।

## ଆଲିଗଡ ବିଶ୍ୱବିଦ୍ୟାଳୟ ଉପରେ ସୁପ୍ରିମ ନିଷ୍ପତ୍ତି

# ସଂଖ୍ୟାଲଘୁ ଷ୍ଟାଟସକୁ ବୈଧ ରଖିଲେ କୋର୍ଟ

**ନୂଆଦିଲ୍ଲୀ,୮।୧୧(କେଏନଏସ):** ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟ ସଂରକ୍ଷଣ ଷ୍ଟାଟସ୍ ଉପରେ ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି । ଶୁକ୍ରବାର ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସଂଖ୍ୟାଲଘୁ ଷ୍ଟାଟର୍ସକୁ ଖାରଜ କରିଛନ୍ତି । ପ୍ରଧାନ ବିଚାରପତିଙ୍କ ଅଧକ୍ଷତାରେ ୭ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି । ବିଶ୍ୱବିଦ୍ୟାଳୟର ସଂଖ୍ୟାଲଘୁ ଷ୍ଟାଟସକୁ ନୂଆ କରି ତିଆରି କରିବା ନେଇ ୩ ଜଣିଆ । ବିଚାରପତିଙ୍କ ଏକ ବେଞ୍ଚ ଗଠନ ହେବ । ଏକ ନୂଆ ବେଞ୍ଚ ଏହାର ବିଚାର କରିବ । ସୁପ୍ରିମକୋର୍ଟ କହିଛନ୍ତି ଯେ, ଏବେ ନୂଆ । ଖଣ୍ଡପୀଠ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟ ସଂଖ୍ୟାଲଘୁ ଷ୍ଟାଟସ୍ ମାନଦଣ୍ଡ ପ୍ରସ୍ତୁତ କରିବେ। ମାମଲାରେ ସିଜେଆଇଙ୍କ ସମେତ ୪ ବିଚାରପତି ଗୋଟିଏ ମତ



ଦେଇଥିବାବେଳେ ୩ ଜଣ ବିଚାରପତି ବିରୋଧ କରିଥିଲେ । ମାମଲାରେ ସିଜେଆଇ, ଜଷ୍ଟିସ ପାରଦୀବାଲା ସହମତି ପ୍ରକାଶ କରିଥିଲେ । ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ସତିଶ ଚନ୍ଦ୍ର ଶର୍ମା ଅସହମତି ପ୍ରକାଶ କରିଥିଲେ । କୋର୍ଟ ୪-୩ ବହୁମତରେ ୧୯୬୭ର ନିଷ୍ପତ୍ତିକୁ ଖାରଜ କରିଛନ୍ତି । ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟ ୧୮୭୫ରେ ସୟଦ ଅହମଦ ଖାନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ମୁସଲିମମାନଙ୍କ ଶୈକ୍ଷିକ ଉନ୍ନତି । ୧୯୨୦ରେ ଏହା ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଥିଲା । ଏହା ନାମ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟ ରଖାଯାଇଥିଲା । ଏଏମୟୁ ଅଧିନିୟମ ୧୯୨୦ରେ ୧୯୫୧ ଏବଂ ୧୯୬୫ରେ ମିଳିଥିବା ଆଇନଗତ ଚ୍ୟାଲେଞ୍ଜରୁ ବିବାଦ ମୁଣ୍ଡ ଟେକିଥିଲା । ୧୯୬୭ରେ ସୁପ୍ରିମକୋର୍ଟ କହିଥିଲେ ଏଏମୟୁ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ । ଏହା ସଂଖ୍ୟାଲଘୁ ସଂସ୍ଥାନ ହୋଇପାରିବ ନାହିଁ । କୌଣସି ଶୈକ୍ଷିକ ଅନୁଷ୍ଠାନକୁ ଅଳ୍ପସଂଖ୍ୟକ ଅନୁଷ୍ଠାନ କହିବା ନେଇ ମାନଦଣ୍ଡ କଣ ରହିଛି ? ଦେଶର ବିଭିନ୍ନ ସମୁଦାୟ ଶୈକ୍ଷିକ ଅନୁଷ୍ଠାନ ପ୍ରତିଷ୍ଠା କରି ପାରବେ ମାତ୍ର ଏହାର ପରିଚାଳନା କରି ପାରିବେ ନାହିଁ । ଏ ନେଇ ସେମାନଙ୍କୁ କୌଣସି ଅଧିକାର ଦିଆଯାଇ ନାହିଁ ।

# ସଡ଼କ ଦୁର୍ଘଟଣାରେ ୩ ମୃତ

**ନୂଆଦିଲ୍ଲୀ,୮।୧୧(କେଏନଏସ):** ତୀର୍ଥ ଯାତ୍ରା ହେଲା ଶେଷ ଯାତ୍ରା । ଅଯୋଧ୍ୟାରୁ ବୃନ୍ଦାବନ ଯାଉଥିବାବେଳେ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଉତ୍ତର ପ୍ରଦେଶର ଫିରୋଜାବାଦ ଜିଲ୍ଲାରେ ଘଟିଛି ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଶୁକ୍ରବାର ଅଯୋଧ୍ୟାରୁ ବୃନ୍ଦାବନ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଟ୍ରାଭେଲର ବସ୍ ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସ ୱେରେ ନାସିରପୁର ଥାନା ଅଞ୍ଚଳରେ ଏକ ମିନି ଟ୍ରକ୍ ସହ ଧକ୍କା ହେବା ଫଳରେ ୩ ଜଣ ଯାତ୍ରୀଙ୍କର ଜୀବନ ଯାଇଛି। ଦୁର୍ଘଟଣା ସଂପର୍କରେ ସୂଚନା ଦେଇ ଅତିରିକ୍ତ ପୁଲିସ ଅଧୀକ୍ଷକ (ଗ୍ରାମୀଣ) ଅଖିଳେଶ ଭଦୋରିଆ କହିଛନ୍ତି ଯେ, ବସ୍ ଅଯୋଧ୍ୟାରୁ ତୀର୍ଥଯାତ୍ରୀଙ୍କୁ ନେଇ ମଥୁରା ଅଭିମୁଖେ ଯାଉଥିଲା । ଲକ୍ଷ୍ନୌ-



ଆଗ୍ରା ଏକ୍ସପ୍ରେସ ୱେରେ ନାସିରପୁର ଥାନା ଅଞ୍ଚଳରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ମିନି ଟ୍ରକକୁ ଧକ୍କା ଦେଇଥିଲା। କଣ୍ଟ୍ରୋଲ ରୁମରେ ସୂଚନା ପାଇବା ପରେ UPEIDAର ସୁରକ୍ଷା ଅଧିକାରୀ ଏବଂ ବରିଷ୍ଠ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବସ୍ରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ । ଅତିରିକ୍ତ ପୋଲିସ ଅଧୀକ୍ଷକଙ୍କ କହିବାନୁସାରେ, ଏହି ଦୁର୍ଘଟଣାରେ ଜଣେ ଶିଶୁ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଛି । ୧୨ ଜଣ ଦୁର୍ଘଟଣାରେ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରାୟ ୧୭ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଟ୍ରାଭେଲର ବସଟି ଅଯୋଧ୍ୟାରୁ ବୃନ୍ଦାବନ ଅଭିମୁଖେ ଯାଉଥିଲା । ସମସ୍ତ ଯାତ୍ରୀ ଦାଦ୍ରା ନଗର ହାଭେଳି ଏବଂ ଗୁଜରାଟର ବାସିନ୍ଦା ।

## ଭାରତକୁ ନେଇ ପୁଟିନ୍‌ଙ୍କ ପ୍ରତିକ୍ରିୟା

# 'କେବଳ ଅସ୍ତ୍ରଶସ୍ତ୍ର ନୁହେଁ, ଭରସାରେ ତିଷ୍ଠି ରହିଛି ଆମ ସମ୍ପର୍କ'

**ନୂଆଦିଲ୍ଲୀ,୮।୧୧(କେଏନଏସ):** ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି ଯେ ଭାରତ ବିଶ୍ୱର ମହାଶକ୍ତି ତାଲିକାରେ ଅନ୍ତର୍ଭୁକ୍ତ ହେବା ଯୋଗ୍ୟ, କାରଣ ଏହାର ଅର୍ଥବ୍ୟବସ୍ଥା ବର୍ତ୍ତମାନ ଅନ୍ୟ ଦେଶ ତୁଳନାରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ସୋଚିରେ 'ବଲ୍‌ଦାଇ ଡିସ୍କସନ୍ କ୍ଲବ'ର ଏକ ଅଧିବେଶନକୁ ସମ୍ବୋଧିତ କରି ପୁଟିନ ଗୁରୁବାର କହିଛନ୍ତି, ଭାରତୀୟ ସଶସ୍ତ୍ର ବାହିନୀ ସହିତ କେତେ ପ୍ରକାରର ଋଷ ସାମରିକ ଅସ୍ତ୍ର ସେବାରେ ଲାଗୁଛି ତାହା ବିଶ୍ୱ ଦେଖିବା ଉଚିତ୍ । ଏହି କ୍ଷେତ୍ରରେ ଅନେକ କିଛି ଅଛି, ଆମେ କେବଳ ଆମର ଅସ୍ତ୍ରଶସ୍ତ୍ରକୁ ଭାରତକୁ ବିକ୍ରି କରୁନାହୁଁ ।ପୁଟିନ ଏହା ମଧ୍ୟ କହିଛନ୍ତି ଯେ, ଋଷ ସବୁ ଦିଗରେ ଭାରତ ସହ ସମ୍ପର୍କ ବିକାଶ କରୁଛି ଏବଂ ଦ୍ୱିପାକ୍ଷିକ ସଂପର୍କରେ ଉଭୟ ଦେଶ ପରସ୍ପର ଉପରେ ଗଭୀର ବିଶ୍ୱାସ ରଖିଛନ୍ତି । ସେ କହିଛନ୍ତି ଯେ ୧.୫ ବିଲିୟନ ଜନସଂଖ୍ୟା, ବିଶ୍ୱର ସମସ୍ତ ଅର୍ଥନୀତି ମଧ୍ୟରେ ଦ୍ରୁତ ଅଭିବୃଦ୍ଧି, ପ୍ରାଚୀନ ସଂସ୍କୃତି ଏବଂ ଭବିଷ୍ୟତରେ ବିକାଶର ବହୁତ ଭଲ ଆଶା ଥିବାରୁ ଭାରତ ନିଶ୍ଚିତ ଭାବରେ ସୁପର ପାୱାର ତାଲିକାରେ ଅନ୍ତର୍ଭୂକ୍ତ ହେବା ଉଚିତ । ଭାରତକୁ ଏକ ମହାନ ରାଷ୍ଟ୍ର ଭାବରେ ବର୍ଣ୍ଣନା କରି ପୁଟିନ




କହିଛନ୍ତି, ଆମେ ସବୁ ଦିଗରେ ଭାରତ ସହ ସମ୍ପର୍କ ବିକାଶ କରୁଛୁ । ୧.୫ ବିଲିୟନ ଜନସଂଖ୍ୟା ଦୃଷ୍ଟିରୁ ଭାରତ ଏକ ବୃହତ୍ତମ ଦେଶ ଏବଂ ବର୍ତ୍ତମାନ ପ୍ରତ୍ୟେକ ବର୍ଷ ଏଥିରେ କୋଟିଏ ଲେଖାଏଁ ଜନସଂଖ୍ୟା ବିବାରେ ଲାଗିଛି । ଆମର ସମ୍ପର୍କ କେଉଁଠାରେ ଏବଂ କେଉଁ ବେଗରେ ବିକାଶ ହେବ ତାହା ଆମର ଦୃଷ୍ଟିକୋଣ ଆଜିର ବାସ୍ତବିକତା ଉପରେ ଆଧାରିତ । ଆମର ସହଯୋଗ ପ୍ରତିବର୍ଷ ଅନେକ ଗୁଣ ବୃଦ୍ଧି ବୋଲି ଋଷର ନ୍ୟୁଜ୍ ଏଜେନ୍ସି ତାସ୍ ପକ୍ଷରୁ ପୁଟିନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି । ଋଷ ରାଷ୍ଟ୍ରପତି କହିଛନ୍ତି ଯେ, ସୁରକ୍ଷା ଓ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ତଥା ଋଷ ମଧ୍ୟରେ ସମ୍ପର୍କ ବିକଶିତ ହେଉଛି । ସେ କହିଛନ୍ତି ଯେ, ଦେଖନ୍ତୁ କେତେ ପ୍ରକାରର ଋଷୀୟ ସାମରିକ ଅସ୍ତ୍ରଶସ୍ତ୍ର ଭାରତୀୟ ସଶସ୍ତ୍ର ବଳ ସେବାରେ ଲାଗିଛି । ଏହି ସମ୍ପର୍କରେ ଉଭୟ ରାଷ୍ଟ୍ର ମଧ୍ୟରେ ଗଭୀର ସମ୍ପର୍କ ରହିଛି । ଆମେ ଭାରତକୁ କେବଳ ଅସ୍ତ୍ର ବିକ୍ରି କରୁନାହୁଁ ବରଂ ଆମେ ଏହାକୁ ମିଳିତ ଭାବେ ଡିଜାଇନ ମଧ୍ୟ କରୁଛୁ । ପୁଟିନ୍ ବ୍ରହ୍ମୋସ୍ କ୍ରୁଜ୍ ମିଶାଇଲ ପ୍ରକଳ୍ପକୁ ଏକ ଉଦାହାରଣ ଭାବେ ବିବେଚନା କରିଛନ୍ତି। ସେ କହିଛନ୍ତି ଯେ,ସାଧାରଣତଃ ଆମେ ଏହାକୁ (କ୍ଷେପଣାସ୍ତ୍ର) ତିନୋଟି ପରିବେଶରେ ବ୍ୟବହାର ପାଇଁ ପ୍ରସ୍ତୁତ କରିଛୁ – ବାୟୁ, ସମୁଦ୍ର ଏବଂ ସ୍ଥଳ ।

# ଦେଶର ଟପ୍ ୧୦ ପ୍ରଦୂଷିତ ସହର ତାଲିକାରେ ଏକ ନମ୍ବର ସ୍ଥାନରେ ଦିଲ୍ଲୀ

**ନୂଆଦିଲ୍ଲୀ,୮।୧୧(କେଏନଏସ):** ବିଷ ବଳୟରେ ଜାତୀୟ ରାଜଧାନୀ ଦିଲ୍ଲୀୟ କିଛି ସ୍ଥାନରେ ବାୟୁର ମାନ ୪୦୦ ପାର କରିଛି । ଦେଶର ଟପ୍ ୧୦ ପ୍ରଦୂଷିତ ସହର ତାଲିକା ମଧ୍ୟରେ ଏକ ନମ୍ବର ସ୍ଥାନରେ ରହିଛି ଦିଲ୍ଲୀ । ଗ୍ୟାସ ଚାମ୍ବର ପାଲଟିଛି ଦିଲ୍ଲୀ । ଦିଲ୍ଲୀ ଏନସିଆରରେ ସ୍ଥିତି ବହୁତ ଖରାପ ରହିଛି । ଦିଲ୍ଲୀର ଅନେକ ସ୍ଥାନରେ ଏକ୍ୟୁଆଇ ୪୨୫ ରହିଥିଲା। ଲଗାତାର ଆନନ୍ଦବିହାର ପ୍ରଦୂଷିତ ଅଂଚଳ ଭାବେ ପରିଗଣିତ ହୋଇଛି । ଏଠାରେ ସବୁଠାରୁ ଅଧିକ ପ୍ରଦୂଷଣ ରହିଛି । ବଜିରପୁରରେ ମଧ୍ୟ ଅଧିକ ପ୍ରଦୂଷଣ ରହିଛି । ଦ୍ୱାରକା, ଅଲୀପୁରରେ ମଧ୍ୟ ସ୍ଥିତି ଗମ୍ଭୀର ରହିଛି । ସେପଟେ ନଡ଼ା ଜାଳିବା ଉପରେ ଅଧିକ କଠୋର ହେଲେ ସରକାର । ନଡ଼ା ଜାଳିଲେ ଦେବାକୁ ହେବ ଡବଲ ଜରିମାନା । ଦିଲ୍ଲୀରେ ବଢୁଥିବା ପ୍ରଦୂଷଣକୁ ଦେଖି ଏଭଳି ନିଷ୍ପତ୍ତି ନେଇଛନ୍ତି ସରକାର। ପ୍ରଦୂଷଣ ପାଇଁ ପଡୋଶୀ



ରାଜ୍ୟରେ ନଡ଼ା ଜାଳିବାକୁ ଦାୟୀ କରାଯାଉଛି । ନଡ଼ା ଜାଳୁଥିବା ବ୍ୟକ୍ତିଙ୍କୁ ଦୁଇ ଗୁଣା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ଅନୁସାରେ ୫ ଏକରରୁ ଅଧିକ ଜମି ଥିବା କୃଷକଙ୍କୁ ୩୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ । ସେହିପରି ୨ ଏକରରୁ କମ୍ ଜମି ଥିବା କୃଷକଙ୍କୁ ଜରିମାନା ୫ ହଜାର ଟଙ୍କା ଏବଂ ୨ ରୁ ୫ ଏକର ମଧ୍ୟରେ ଜମି ପାଇଁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ହେବ ।

## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ହିମାଚଳ...

ଟିଫିନ୍ ପ୍ୟାକେଟ ପଠାଇଥିଲେ। ଜଣେ ଏସ୍‌ଆଇ ର୍‍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ସେଗୁଡ଼ିକୁ ଖୋଲାଯାଇଥିଲା। ଉପରିସ୍ଥ ଅଧିକାରୀମାନଙ୍କୁ ନ ପଚାରି ସିଙ୍ଗଡ଼ାଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା କର୍ମୀମାନଙ୍କୁ ଖାଇବାକୁ ଦିଆଯାଇଥିଲା। ତେବେ ଏଭଳି ଏକ ଘଟଣାକୁ ନେଇ ସିଆଇଡି ତଦନ୍ତ କରାଯିବା କେତେ ଯୁକ୍ତିଯୁକ୍ତ ବୋଲି ବିରୋଧୀ ଭାଜପା ପ୍ରଶ୍ନ ଉଠାଇଛି। କଂଗ୍ରେସ କେବଳ ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗଡ଼ା ପାଇଁ ଚିନ୍ତିତ, ରାଜ୍ୟର ବିକାଶ ଲାଗି ନୁହେଁ ବୋଲି ସିଆଇଡି ତଦନ୍ତରୁ ବୁଝାପଡୁଥିବା ଭାଜପା ମୁଖପାତ୍ର ରଣଧୀର ଶର୍ମା ସମାଲୋଚନା କରିଛନ୍ତି।ଏହି ବିଷୟ ହିମାଚଳ ପ୍ରଦେଶର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ଏନେଇ ବିବାଦୀୟ ସ୍ଥିତି ଉପୁଜିବା ପରେ ସିଆଇଡି ମହାନିର୍ଦ୍ଦେଶକ ସଞ୍ଜୀବ ରଞ୍ଜନ ଓଝା କହିଛନ୍ତି, ଏହା ଉପରେ କୌଣସି ତଦନ୍ତ କରାଯାଇ ନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏପରି କୌଣସି ତଦନ୍ତ ନିର୍ଦ୍ଦେଶ ଦିଆଯାଇ ନ ଥିବା ସ୍ପଷ୍ଟ କରିଛି। ମୁଖ୍ୟମନ୍ତ୍ରୀ ସୁଖୁ କହିଛନ୍ତି, ଏହା ଏକ ସରକାର ବିରୋଧୀ କାର୍ଯ୍ୟ ଥିଲା ଅଧିକାରୀମାନଙ୍କ ଅଭାବନୀୟ ବ୍ୟବହାରର ତଦନ୍ତ କରାଯାଇଥିଲା କିନ୍ତୁ ଗଣମାଧ୍ୟମ ସମୋସାକୁ ନେଇ ନ୍ୟୁଜ୍ କରୁଛି ଭାଜପା ଏହାକୁ ପ୍ରସଙ୍ଗ କରି ପିଲାଳିଆମୀ କରୁଛି।

### ୩,୩୫୩ କୋଟିର

ଝାରସୁଗୁଡ଼ାରେ ଏକ ଆଲୁମିନିୟମ କଣ୍ଡକ୍ଟର, ପାୱାର କେବୁଲ୍ ଏବଂ ତାର ଉତ୍ପାଦନ କାରଖାନା ପ୍ରତିଷ୍ଠା କରୁଥିବାରୁ ଡାଉନଷ୍ଟ୍ରିମ୍ ଆଲୁମିନିୟମକ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳିଛି । ୫୫.୭୨ କୋଟି ଟଙ୍କାର ଏହି ପ୍ରକଳ୍ପରେ ୨୦୫ ଜଣ ନିଯୁକ୍ତି ପାଇବେ ବୋଲି ଆଶା କରାଯାଉଥିବା ବେଳେ ଓଡ଼ିଶାର ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ଏବଂ ଓଡ଼ିଶାର ସମୃଦ୍ଧ ଖଣିଜ ସମ୍ପଦ ଉପରେ ନିର୍ଭର କରୁଥିବା ଶିଳ୍ପଗୁଡ଼ିକୁ ସହାୟତା କରିବା ପାଇଁ ଏହା ଓଡ଼ିଶାର ରଣନୀତି ସହ ଯୋଡ଼ି ହୋଇଛି ।

ଏହାବ୍ୟତୀତ ଖୋର୍ଦ୍ଧାରେ ନେକ୍ସଟ୍ ଥର୍ମାଲ ଏସିଆ ପ୍ରାଇଭେଟ୍ ଲିମିଟେଟ୍ ୫୫.୮୧ କୋଟି ଟଙ୍କା ବିନିଯୋଗରେ ୧୩୨ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଏକ ହିଟିଂ ଏଲିମେଣ୍ଟସ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହାକି ଇସ୍ପାତ ଶିଳ୍ପ ଉପରେ ନିର୍ଭରଶୀଳ ଆନୁଷଙ୍ଗିକ ଇସ୍ପାତ ଶିଳ୍ପକୁ ଅତ୍ୟାବଶ୍ୟକ ଉପାଦାନ ଯୋଗାଇଦେବ । ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବିଭରେଜ୍ ପ୍ରାଇଭେଟ୍ ଲିମିଟେଡ୍, 'ଅବନ'ବିଭରେଜ୍ ପ୍ରାଇଭେଟ୍ ଲିମିଟେଡ୍, ଜିଓଫାଷ୍ଟ କଞ୍ଜ୍ୟୁମର ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଆଭିରା ଡିଷ୍ଟିଲେରୀ ପ୍ରାଇଭେଟ୍ ଲିମିଟେଡ୍ ର ପ୍ରକଳ୍ପ ସହ ଓଡ଼ିଶାରଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜିନିବେଶ ଆକୃଷ୍ଟ ହେବାରେ ଲାଗିଛି । ଖୋର୍ଦ୍ଧା, ବରଗଡ଼ ଓ କଟକରେ ଥିବା ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୧୫୪୨.୦୪ କୋଟି ଟଙ୍କା ପୁଞ୍ଜିନିବେଶରେ ୧୩୫୮ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ଏହି ଖାଦ୍ୟ ଓ ପାନୀୟ ଉତ୍ପାଦନ ୟୁନିଟ୍ ର ସ୍ଥାପନ ଗ୍ରାମୀଣ ବିକାଶ ଏବଂ ନିଯୁକ୍ତି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଖାଦ୍ୟ ପ୍ରକ୍ରିୟାକରଣର ଏକ କେନ୍ଦ୍ର ଭାବରେ ଓଡ଼ିଶାର ଖ୍ୟାତିକୁ ସୁଦୃଢ଼ କରିବ ।

### ଦୃଢ...

ବିଶେଷଜ୍ଞମାନେ ଯୋଗ ଦେଉଛନ୍ତି। ଏହି ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଏନଆଇଏ କେବଳ ଏକ ତଦନ୍ତକାରୀ ଏଜେନ୍ସି ନୁହେଁ ଏବଂ ଏହାର ତତ୍ତ୍ୱାବଧାନରେ ସମଗ୍ର ଦେଶରେ ଆତଙ୍କବାଦ ବିରୋଧୀ କାର୍ଯ୍ୟକଳାପକୁ ସଂକଳିତ ଏବଂ ପ୍ରୋତ୍ସାହିତ କରାଯିବା ଉଚିତ ଏବଂ ତଦନ୍ତକାରୀ ଏଜେନ୍ସି ଯେପରି କୋର୍ଟରେ ଦୃଢ଼ ଭାବରେ ଠିଆ ହେବ ଏବଂ ଆତଙ୍କବାଦ ବିରୋଧୀ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିବ ସେଥିପାଇଁ ପଦକ୍ଷେପ ନିଆଯିବା ଉଚିତ।

ଆଜି ୧୧ ଜଣ ପଦକ ବିଜେତାଙ୍କୁ ସମ୍ମାନିତ କରାଯାଇଛି ବୋଲି ଶ୍ରୀ ଅମିତ ଶାହ କହିଛନ୍ତି। ସେ କହିଛନ୍ତି ଯେ ଭାରତର ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଦେଶର ସୁରକ୍ଷା ବଜାୟ ରଖିବା ପାଇଁ ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ସୀମା ସୁରକ୍ଷା ପାଇଁ ୩୬,୪୬୮ ଜଣ ପୋଲିସ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି।

କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ୨୦୧୪ରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବାପରଠାରୁ ୧୦ ବର୍ଷ ମଧ୍ୟରେ ଭାରତ ସରକାର ଆତଙ୍କବାଦ ବିରୋଧରେ ଏକ ଠୋସ୍ ରଣନୀତି ସହିତ ଆଗେଇ ଚାଲିଛନ୍ତି ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତାର ମୋଦୀଜୀଙ୍କ ସ୍ଲୋଗାନକୁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ଗ୍ରହଣ କରିଛି ବୋଲି ସେ କହିଛନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ଆତଙ୍କବାଦର ମୁକାବିଲା ପାଇଁ ଭାରତରେ ଏକ ଶକ୍ତିଶାଳୀ 'ଇକୋସିଷ୍ଟମ୍' ନିର୍ମାଣ କରାଯାଇଛି। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ଯଦିଓ ବହୁତ କିଛି କରିବାକୁ ବାକି ଅଛି, କିନ୍ତୁ ଯଦି ଆମେ ଗତ ୧୦ ବର୍ଷ ମଧ୍ୟରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରିବୁ, ତେବେ ଏହା ସନ୍ତୋଷଜନକ ବୋଲି ବିବେଚନା କରାଯାଇପାରିବ ଆତଙ୍କବାଦ, ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ସମଗ୍ର ଇକୋସିଷ୍ଟମ ବିରୋଧରେ ଲଢ଼ିବା ପାଇଁ ଗୃହ ମନ୍ତ୍ରଣାଳୟ ଖୁବ୍ ଶୀଘ୍ର ଏକ ଜାତୀୟ ଆତଙ୍କବାଦ ନିରୋଧୀ ନୀତି ଏବଂ ରଣନୀତି ପ୍ରଣୟନ କରିବ ବୋଲି ଗୃହମନ୍ତ୍ରୀ ଘୋଷଣା କରିଛନ୍ତି।

ଅମିତ ଶାହ କହିଛନ୍ତି ଯେ ରାଜ୍ୟଗୁଡ଼ିକର ନିଜସ୍ୱ ଭୌଗୋଳିକ ଏବଂ ସାମ୍ବିଧାନିକ ସୀମା ଥିବା ବେଳେ ଆତଙ୍କବାଦ ଏବଂ ଆତଙ୍କବାଦୀଙ୍କର କୌଣସି ସୀମା ନାହିଁ ସେ କହିଛନ୍ତି ଯେ ଆତଙ୍କବାଦୀମାନେ ଉଭୟ ଅନ୍ତର୍ଜାତୀୟ ଏବଂ ଆନ୍ତଃରାଜ୍ୟ ଷଡ଼ଯନ୍ତ୍ରରେ ଲିପ୍ତ ଅଛନ୍ତି ଏବଂ ସେମାନଙ୍କ ବିରୋଧରେ ଏକ ପ୍ରଭାବଶାଳୀ ରଣନୀତି ବିକଶିତ କରିବାକୁ ହେଲେ ଆମକୁ ଏଭଳି ସମ୍ମିଳନୀ ମାଧ୍ୟମରେ ଏକ ଦୃଢ଼ ବ୍ୟବସ୍ଥା ଗଠନ କରିବାକୁ ପଡ଼ିବ। ଏହା ଦ୍ୱାରା ଆତଙ୍କବାଦ, ନିଶାଦ୍ରବ୍ୟ ଏବଂ ହାଲା ଅପରେସନ ଭଳି କାର୍ଯ୍ୟକଳାପକୁ ରୋକିବାରେ ସହାୟକ ହେବ, ଯାହା ଦେଶର ସୀମା ଏବଂ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିବ ଏହି ସମ୍ମିଳନୀ କେବଳ ଆଲୋଚନା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ନାହିଁ ବରଂ ଆତଙ୍କବାଦ ବିରୋଧରେ ଆମର ଲଢ଼େଇକୁ ସୁଦୃଢ଼ କରିବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି ଯେ ଏଭଳି ସମ୍ମିଳନୀର ପ୍ରକୃତ ଉପଯୋଗୀତା ହେଉଛି। କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ପଏଣ୍ଟକୁ ଥାନା ଓ ବିଟ୍ ସ୍ତରକୁ ନେବା ବିଟ୍ ଅଫିସରଙ୍କଠାରୁ ଆରମ୍ଭ କରି ଏନଆଇଏ ମହାନିର୍ଦ୍ଦେଶକ ପର୍ଯ୍ୟନ୍ତ ସମଗ୍ର ବ୍ୟବସ୍ଥାକୁ ଆତଙ୍କବାଦ ଦ୍ୱାରା ସୃଷ୍ଟି ହେଉଥିବା ବିପଦ ବିଷୟରେ ସଫଳତାର ସହ ସଚେତନ କରାଯିବା ଉଚିତ।

କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ କହିଛନ୍ତି ଯେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରଠାରୁ ଆତଙ୍କବାଦର ମୁକାବିଲା ପାଇଁ ଭାରତ ଅନେକ ପଦକ୍ଷେପ ଗ୍ରହଣ କରିଛି ବୋଲି ବିଶ୍ୱ ସ୍ୱୀକାର କରିଛି। ଆତଙ୍କବାଦ ବିରୋଧରେ ଲଢ଼ିବା ଅର୍ଥ କେବଳ କିଛି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିବା ନୁହେଁ ବୋଲି ସେ ଉଲ୍ଲେଖ କରିଛନ୍ତି ବରଂ ଏହାର ଅର୍ଥ ହେଉଛି ଆତଙ୍କବାଦ ବିରୋଧରେ ଲଢୁଥିବା ଏଜେନ୍ସିଗୁଡ଼ିକୁ ଆଇନଗତ ଭାବେ ସଶକ୍ତ କରିବା ଏବଂ ଏହା ବିରୋଧରେ ଆମର ଲଢ଼େଇକୁ ସୁଦୃଢ଼ କରିବା ପାଇଁ ଏକ ପରିବେଶ ସୃଷ୍ଟି କରିବା।

ଅମିତ ଶାହ ଉଲ୍ଲେଖ କରିଥିଲେ ଯେ ଅଗଷ୍ଟ ୨, ୨୦୧୯ରେ ଏନଆଇଏ ଆଇନରେ ସଂଶୋଧନ କରାଯାଇଥିଲା, ଯେଉଁଥିରେ ନୂତନ ଅପରାଧ ଯୋଡାଯାଇଥିଲା ଏବଂ ଅତିରିକ୍ତ କ୍ଷେତ୍ରୀୟ ଅଧିକାର ପ୍ରଦାନ କରାଯାଇଥିଲା, ଯାହା ଏନଆଇଏକୁ ବିଦେଶରେ ମଧ୍ୟ ତଦନ୍ତ କରିବାକୁ ଅନୁମତି ଦେଇଥିଲା। ସେ ଉଲ୍ଲେଖ କରିଛନ୍ତି ଯେ ଅଗଷ୍ଟ ୧୪, ୨୦୧୯ରେ ୟୁଏପିଏରେ ସଂଶୋଧନ କରାଯାଇଥିଲା, ଯେଉଁଥିରେ କର୍ତ୍ତୃପକ୍ଷଙ୍କୁ ସମ୍ପତ୍ତି ଜବତ କରିବାର କ୍ଷମତା ଦିଆଯାଇଥିଲା ଏବଂ ବ୍ୟକ୍ତି ବିଶେଷ ଏବଂ ସଂଗଠନକୁ ଆତଙ୍କବାଦୀ ଘୋଷଣା କରାଯାଇଥିଲା ସେ ଆହୁରି ମଧ୍ୟ କହିଛନ୍ତି ଯେ ଗୃହ ମନ୍ତ୍ରଣାଳୟ ବିକେନ୍ଦ୍ରୀକରଣ ପାଇଁ ସମନ୍ୱିତ ପ୍ରୟାସ କରିଛି, ବିଭିନ୍ନ ମନ୍ତ୍ରଣାଳୟ ନିଜସ୍ ରଣନୀତି ବିକଶିତ କରିଛନ୍ତି ଏବଂ ଏମଏଚଏ ଏଥିପାଇଁ ଏକ ସଂସ୍ଥାଗତ ଢାଞ୍ଚା ସ୍ଥାପନ କରିଛି ।

ଗୃହମନ୍ତ୍ରୀ କହିଛନ୍ତି ଯେ ୨୦୨୦ ମସିହାରେ ଆତଙ୍କବାଦର ପାଣ୍ଠି ନିୟନ୍ତ୍ରଣ ପାଇଁ ଏକ ୨୫ ସୂତ୍ରୀ ସମନ୍ୱିତ ଯୋଜନା ପ୍ରସ୍ତୁତ କରାଯାଇଥିଲା, ଯେଉଁଥିରେ ଜିହାଦୀ ଆତଙ୍କବାଦଠାରୁ ଆରମ୍ଭ କରି ଉତ୍ତରପୂର୍ବ, ବାମପନ୍ଥୀ ଉଗ୍ରବାଦ, ନକଲି ମୁଦ୍ରାଠାରୁ ଆରମ୍ଭ କରି ନିଶାଦ୍ରବ୍ୟ ପର୍ଯ୍ୟନ୍ତ ଅନେକ ପଦକ୍ଷେପ ନିଆଯାଇଥିଲା ଏଫସିଆରଏ ଠାରୁ ଆରମ୍ଭ କରି ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ପର୍ଯ୍ୟନ୍ତ ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟ ରକ୍ଷା କରି 'ଇକୋସିଷ୍ଟମ୍'କୁ ଭାଙ୍ଗିବା ପାଇଁ କାର୍ଯ୍ୟ କରାଯାଇଥିଲା ଏବଂ ଏହାର ବହୁତ ଭଲ ଫଳାଫଳ ମିଳିଛି ମଲ୍ଟି ଏଜେନ୍ସି ସେଣ୍ଟର (ଏମ୍‌ଏସି)ର କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ପରିବର୍ତ୍ତନ କରାଯାଇଛି ଶ୍ରୀ ଶାହା ଉଲ୍ଲେଖ କରିଥିଲେ ଯେ ନ୍ୟାସନାଲ ମେମୋରୀ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଛି ଏବଂ ଏହାକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯାଇଛି ଗୁଇନ୍ଦା ସୂଚନା ଆଧାରରେ ଏକ କେନ୍ଦ୍ରୀୟ ଡାଟାବେସ୍ ମଧ୍ୟ ପ୍ରସ୍ତୁତ କରାଯାଇଥିଲା ସେ ଆହୁରି ମଧ୍ୟ କହିଛନ୍ତି ଯେ ଅନେକ ଡାଟାବେସ୍ ବିକଶିତ କରାଯାଇଛି, ଯାହା ଆତଙ୍କବାଦର ମୂଳୋତ୍ପାଟନ ପ୍ରୟାସକୁ ଫାଇଦା ଦେଇପାରିବ ।

କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ୧୫ରୁ ଅଧିକ ସଂଗଠନକୁ ଆତଙ୍କବାଦୀ ସଂଗଠନ ଏବଂ ବେଆଇନ ସଂଗଠନ ଭାବେ ଘୋଷଣା କରାଯାଇଛି ଏବଂ ନିକଟରେ ଆହୁରି ୭ଟି ସଂଗଠନକୁ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରାଯାଇଛି ।ଶ୍ରୀ ଶାହା କହିଛନ୍ତି ଯେ ୨୦୧୪ ପରଠାରୁ ଦେଶରେ କୌଣସି ବଡ଼ ଆତଙ୍କବାଦୀ ଘଟଣା ଘଟିନାହିଁ ଗତ ୧୦ ବର୍ଷ ମଧ୍ୟରେ ଆତଙ୍କବାଦୀ ଘଟଣାରେ ୭୦ ପ୍ରତିଶତ ହ୍ରାସ ଘଟିଛି ବୋଲି ସେ ଉଲ୍ଲେଖ କରିଛନ୍ତି।

ଶ୍ରୀ ଅମିତ ଶାହ କହିଛନ୍ତି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ଅନେକ ଡାଟାବେସ୍ କାର୍ଯ୍ୟକାରୀ ହୋଇଛି ନାଟଗ୍ରିଡ୍ ହେଉଛି ଏକ କେନ୍ଦ୍ରୀଭୂତ ଡାଟା ଆକସେସ୍ ସମାଧାନ, ଏବଂ ଏହାକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିବା ପାଇଁ ପୋଲିସ ଅଧୀକ୍ଷକ ସ୍ତର ପର୍ଯ୍ୟନ୍ତ ଅଧିକାରୀମାନଙ୍କ ମଧ୍ୟରେ ଏକ କାର୍ଯ୍ୟ ସଂସ୍କୃତି ବିକଶିତ କରିବାର ଆବଶ୍ୟକତା ରହିଛି ସେ ଆହୁରି ମଧ୍ୟ କହିଛନ୍ତି ଯେ ଏନସିଓଆରଡି, ନିଦାନ ଏବଂ ମାନସ ଭଳି ପଦକ୍ଷେପକୁ ଏନଆଇଏ ଏଆଇ ସହିତ ବ୍ୟବହାର କରୁଛି ଏହି ଡାଟାବେସ୍ କୁ ସବୁ ରାଜ୍ୟରେ ପୁଲିସ ବାହିନୀର ସମସ୍ତ ସ୍ତରରେ ବ୍ୟବହାର କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଏନଆଇଏ ୟୁଏପିଏ ଅଧୀନରେ ମାମଲାର ତଦନ୍ତ କରିଛି ଏବଂ ପ୍ରାୟ ୯୫% ଦୋଷୀ ସାବ୍ୟସ୍ତ ହାର ହାସଲ କରିବାରେ ସଫଳ ହୋଇଛି ସମସ୍ତ ଶକ୍ତି ଜ୍ଞାନକୌଶଳର ଉପଯୋଗ ନକଲେ ଆମେ ଆତଙ୍କବାଦକୁ ପ୍ରଭାବଶାଳୀ ଭାବେ ମୁକାବିଲା କରିପାରିବୁ ନାହିଁ ବୋଲି ଶ୍ରୀ ଶାହ ଗୁରୁତ୍ୱାରୋପ କରିଥିଲେ। ଆତଙ୍କବାଦ ଏକ ଅସୀମ ଓ ଅଦୃଶ୍ୟ ଶତ୍ରୁ ଏବଂ ଏହା ବିରୋଧରେ ଯୁଦ୍ଧ ଜିତିବାକୁ ହେଲେ ଆମକୁ ଆମର ଯୁବ ଅଧିକାରୀମାନଙ୍କୁ ଆବଶ୍ୟକ ବୈଷୟିକ ଉପକରଣ ରେ ସଜ୍ଜିତ କରିବାକୁ ପଡ଼ିବ ବୋଲି ସେ ଉଲ୍ଲେଖ କରିଥିଲେ।

ଶ୍ରୀ ଅମିତ ଶାହ ତିନିଟି ନୂଆ। ଅପରାଧିକ ଆଇନକୁ ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥା ପାଇଁ ପରିବର୍ତ୍ତନକାରୀ ବୋଲି ବର୍ଣ୍ଣନା କରିଥିଲେ ସେ କହିଛନ୍ତି ଯେ ସମସ୍ତ ରାଜ୍ୟ ଏହି ଆଇନଗୁଡ଼ିକୁ ଅକ୍ଷରରେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ଜେଲ, ଫରେନସିକ୍, ଅଦାଲତ, ପ୍ରସିକ୍ୟୁସନ ଏବଂ ପୋଲିସରେ ଏହି ଆଇନଗୁଡିକ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଲେ ଭାରତର ଅପରାଧିକ ନ୍ୟାୟ ବ୍ୟବସ୍ଥା ବିଶ୍ୱରେ ସବୁଠାରୁ ଆଧୁନିକ ହୋଇଯିବ ବୋଲି ଶ୍ରୀ ଶାହା କହିଛନ୍ତି ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ନୂତନ ଆଇନ ପ୍ରଥମ ଥର ପାଇଁ ଆତଙ୍କବାଦର ଏକ ସ୍ପଷ୍ଟ ସଂଜ୍ଞା ପ୍ରଦାନ କରିଛି।

### ପବିତ୍ରତା...

ଜଳ ଧରି ୯୯ ପାହାଚ ଚଢ଼ି ପାହାଡ଼ ଉପରେ ଥିବା ମାଙ୍କ ମନ୍ଦିରକୁ ଆସିଥିଲେ। ଏହି ଜଳରେ ପ୍ରଥମେ ମାଙ୍କ ମହାସ୍ନାନ କରାଯାଇଥିଲା। ସ୍ନାନ ପରେ ମାଙ୍କ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା ଚାଲିଛି ।ଏହାପରେ ମା ତାରାତାରିଣୀ ଭକ୍ତଙ୍କୁ ଦର୍ଶନ ଦେବେ ପୂଜାପାଠ ଯୋଗୁ ଭକ୍ତମାନେ ଦର୍ଶନ କରିବାରେ ବିଳମ୍ବ ଘଟିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।ଚୋରମାନେ ମାଙ୍କୁ ସ୍ପର୍ଶ କରିଥିବା ଯୋଗୁ ମାଙ୍କୁ ଏଭଳି ମହାସ୍ନାନ କରାଯାଇଛି।

### ଗଜପତି..

ଏଥି ପାଇଁ ବ୍ୟାଙ୍କ ତଥା ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ସମେତ ଜିଲ୍ଲାର ବିକାଶ ନିମନ୍ତେ ସେ ସ୍ଥାନୀୟ ଜନପ୍ରତିନିଧି, ଜିଲ୍ଲା ପ୍ରଶାସନ, ସାଧାରଣ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ମୋହନ ବିଧାୟକ ଦାଶରଥି ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ତୃଣମୂଳସ୍ତରରୁ ସରକାରୀ କାର୍ଯ୍ୟକ୍ରମ ସଂପର୍କିତ ସଚେତନତାକୁ ବ୍ୟାପକ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ଏହି ମେଳା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଜିଲ୍ଲାର ଶ୍ରେଷ୍ଠ ଚାଷୀ ଭାବେ କୋଟାଦେବ ରାଜୁ, ମୋହନା ବ୍ଲକ୍‌ର ମାଦମଙ୍ଗଲା ସ୍ୱୟଂ ସହାୟକ ଗୋଷ୍ଠୀ, ଗୁମ୍ମା ବ୍ଲକ୍‌ର ଶେଙ୍କରୀ ଶବର ଓ ମୋହନା ବ୍ଲକ୍ ଉଜ୍ଜ୍ୱଳେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ପ୍ରାଣୀସଂପଦ, ମତ୍ସ୍ୟ, ମିଶନ ଶକ୍ତି, କୃଷି ବିଭାଗ ସମେତ ସମନ୍ୱିତ ଆଦିବାସୀ ସଂସ୍ଥା ଓ ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ୨୦ଟି ଉର୍- ଷ୍ଟଲ ଖୋଲାଯାଇଛି।

କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସାପ..

ବାସ୍ତବରେ କେତେ ଜଣଙ୍କୁ ସାପ କାମୁଡ଼ିଛି, ସେ ତଥ୍ୟ ସ୍ପଷ୍ଟ ହୋଇପାରେ ନାହିଁ।ଅନ୍ୟପକ୍ଷରେ ସାପ କାମୁଡ଼ାରେ ଘଟୁଥିବା ମୃତ୍ୟୁ ସଂଖ୍ୟାର ତଥ୍ୟ ଠିକ୍‌ଠାକ ଆସିଥାଏ। କାରଣ ସେହି ମାମଲାଗୁଡ଼ିକ ସଂପର୍କରେ ହସ୍‌ପିଟାଲକୁ ରିପୋର୍ଟ କରାଯାଇଥାଏ ।ତେଣୁ ସରକାର ସାପ କାମୁଡ଼ା ମାମଲାର ସଠିକ ତଥ୍ୟ ସଂଗ୍ରହ ପାଇଁ ପ୍ରୟାସ କରୁଛନ୍ତି ତାହେଲେ ଚିକିତ୍ସା ପାଇଁ କେତେ ପରିମାଣରେ ଆଣ୍ଟି ସ୍ନେକ ଭେନମ ଆବଶ୍ୟକ ହେଉଛି, ସରକାର ତାହା ଜାଣିପାରିବେ।

# ଭାରତକୁ ଜିତାଇଲେ ସାମସନ୍ ଓ ସ୍ପିନର

## ସଞ୍ଜୁଙ୍କ ବିସ୍ଫୋରକ ଶତକ ପରେ ବରୁଣ ଓ ବିଷ୍ଣୁଙ୍କ ଚମତ୍କାର ବୋଲିଂ : ଭାରତ ୨୦୨/୮, ଦ. ଆଫ୍ରିକା ୧୪୧ ଅଲ୍‌ଆଉଟ୍

ଡର୍ବାନ୍,୮।୧୧(ଏଜେନ୍ସି): ଡର୍ବାନରେ ସାମସନ୍ ଶୋ' ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚରେ ଚମକିଲେ ଭାରତୀୟ ଷ୍ଟାର ୱିକେଟ କିପର-ବ୍ୟାଟର ସଞ୍ଜୁ ସାମସନ। କେବଳ ୪୭ ବଲରୁ ଶତକ ହାସଲ କରିଥିବା ସାମସନ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ରୁତତମ ଶତକ ହାସଲ କରିଥିବା ଭାରତୀୟ ବ୍ୟାଟର ହୋଇପାରିଛନ୍ତି। ତେବେ ସାମସନଙ୍କ ଶତକ ବଳରେ ଭାରତ ପ୍ରଥମେ ବ୍ୟାଟିଂ କରି ଏହି ମ୍ୟାଚରେ ୨୦୨ ରନ ସ୍କୋର କରିବାରେ ସମର୍ଥ ହୋଇଛି। ଜବାବରେ ଦ. ଆଫ୍ରିକା ୧୪୧ ରନ୍ କରି ଅଲଆଉଟ୍ ହୋଇଯାଇଛି। ଫଳରେ ଭାରତ ୬୧ ରନ୍‌ରେ ବିଜୟୀ ହୋଇ ୧-୦ରେ ସିରିଜ ଅଗ୍ରଣୀ ହୋଇଛି। ଶତକ ହାସଲକାରୀ ସଞ୍ଜୁ ସାମସନ୍ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



ଆଜିର ମ୍ୟାଚରେ ଟସ୍ ଜିତି ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ ଦକ୍ଷିଣ ଆଫ୍ରିକା ଅଧିନାୟକ ଏଡେନ ମାରକ୍ରମ ଭାରତୀୟ ଦଳକୁ ଭଲ ଆରମ୍ଭ ମିଳିଥିଲେ ବି କେବଳ ୭ ରନ କରି ପ୍ୟାଭିଲିୟନ ଫେରିଥିଲେ ଓପନର ଅଭିଷେକ ଶର୍ମା । ଏହାପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କିଛି ସମୟ ସଞ୍ଜୁ ସାମସନଙ୍କ ସାଥ ଦେଇଥିଲେ। ହେଲେ ସେ ୨୧ ରନ ହିଁ କରିପାରିଥିଲେ। ତିଳକ ବର୍ମା ମଧ ସ୍କୋର ବୋର୍ଡକୁ ଗତି ଦେଇ ସାମସନଙ୍କ ସହ ଭଲ ଭାଗିଦାରୀ ଗଢ଼ିଥିଲେ। ସେ ୧୮ ବଲରୁ ୩୩ ରନର ପାଳି ଖେଳି ଆଉଟ ହୋଇଥିଲେ।

ଗୋଟିଏ ପଟେ ବ୍ୟାଟିଂ ବିପର୍ଯ୍ୟୟ ଘଟୁଥିବାବେଳେ ଅନ୍ୟପଟେ କିନ୍ତୁ ଧୂଆଁଧାର ବ୍ୟାଟିଂ ଜାରି ରଖି ବିସ୍ଫୋରକ ଶତକ ହାସଲ କରିଥିଲେ ସଞ୍ଜୁ। ସେ କେବଳ ୪୭ ବଲରୁ ଶତକ ଅର୍ଜନ କରି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ରୁତତମ ଶତକ ହାସଲ କରିଥିବା ଭାରତୀୟ ବ୍ୟାଟର ହୋଇପାରିଛନ୍ତି।ଦଳୀୟ ସ୍କୋର ୧୭୫ ହୋଇଥିବାବେଳେ ସାମସନଙ୍କ ଏହି ଧୂଆଁଧାର ପାଳିରେ ବ୍ରେକ ଲାଗିଥିଲା। ସେ ୫୦ ବଲରୁ ୭ଟି ଚୌକା ଓ ୧୦ ଛକା ବଳରେ ୧୦୭ ରନ କରି ଆଉଟ୍ ହୋଇଥିଲେ । ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟା ୨ ରନ, ରିଙ୍କୁ ସିଂହ ୧୧, ଅକ୍ଷର ୭ ଓ ଅର୍ଶଦୀପ ସିଂହ ଅପରାଜିତ ୫ ଓ ରବି ବିଷ୍ଣୋଇ ୧ ରନ୍ କରି ରନ୍ ଆଉଟ୍ ହୋଇଥିଲେ। ଫଳରେ ଭାରତ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୨ ରନ୍ କରିଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଜେରାଲ୍ଡ କୋଏ୍ଜୀ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ମାର୍କୋ ଜାନସେନ, କେଶବ ମହାରାଜ, ପାଟ୍ରିକ କ୍ରୁଗେର ଓ ଏନକବାୟୋମଜୀ ପିଟର ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ଦ. ଆଫ୍ରିକା ବ୍ୟାଟର ବଡ ସ୍କୋର କରିପାରିନଥିଲେ। ଅଧିନାୟକ ମାକ୍ରମ ୮, ରିକେଲଟନ୍ ୨୧, ଷ୍ଟବସ୍ ୧୧, କ୍ଲାସେନ୍ ୨୫, ମିଲର ୧୮, କ୍ରୁଗର ୧, ଜାନସେନ୍ ୧୨, ସିମେଲେନ୍ ୬, କୋଏଟେଜ୍ ୨୩ ରନ୍ କରିଥିଲେ। ଫଳରେ ଦଳ ୧୭.୫ ଓଭରରେ ୧୪୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ସ୍ପିନର ବରୁଣ ଚକ୍ରବ□ୀ ଓ ରବି ବିଷ୍ଣୋଇ ପ୍ରତ୍ୟେକ ୩ ଲେଖାଏଁ ୱିକେଟ ନେଇଥିଲେ। ସହେପରି ଅଭେଶ ଖାଁ ୨ ଓ ଅର୍ଶଦୀପ ୧ ୱିକେଟ ନେଇଥିଲେ।

## ଆଇସିସି ମହିଳା ଦିନିକିଆ ତାଲିକା
# ଉଠିଲେ ହର୍ମନପ୍ରୀତ, ଦୀପ୍ତି

ଦୁବାଇ,୮।୧୧(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ ସଦ୍ୟ ମହିଳା ଦିନିକିଆ ତାଲିକା ଜାରି କରିଛି। ଏଥିରେ ଭାରତୀୟ ଅଧିନାୟିକା ହର୍ମନପ୍ରୀତ କୌର ଓ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କ ସ୍ଥାନରେ ଉନ୍ନତୀ ହୋଇଛି। ବ୍ୟାଟିଂ ତାଲିକାରେ ହର୍ମନପ୍ରୀତ ୯ଟି ସ୍ଥାନ ଉଠି ୧୦ମରେ ପହଞ୍ଚିଛନ୍ତି। ସେହିପରି ଦିପ୍ତୀ ଶର୍ମା ଗୋଟିଏ ସ୍ଥାନ ଉଠି ୨୦ ତମ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଦିନିକିଆରେ ଶତକ ସତ୍ତ୍ୱେ ଷ୍ଟାର ବ୍ୟାଟର ସ୍ମୃତି ମାନ୍ଧାନାଙ୍କ ସ୍ଥାନ ସ୍ଥିର ରହିଛି। ସେ ଚତୁର୍ଥ ସ୍ଥାନର ଅଛନ୍ତି। ମାତ୍ର ତାଙ୍କ ରେଟିଂ ପଏଣ୍ଟ ୭୦୩ରୁ ୭୨୮କୁ ବୃଦ୍ଧି ହୋଇଛି। ଇଣ୍ଡଲର ନାତାଲି ସ୍କିଭର ବ୍ରଣ୍ଟ ୭୫୬ ଓ ଶ୍ରୀଲଙ୍କାର ଚମରି ଅାଟାପୁଟୁ ୭୩୩ ପଏଣ୍ଟ ସହ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବୋଲିଂ ମାନ୍ୟତା ତାଲିକାରେ ଇଂଲଣ୍ଡର ସୋଫି ୭୭୦ ପଏଣ୍ଟ, ଭାରତର ଦୀପ୍ତି ୭୦୩ ଅଷ୍ଟ୍ରେଲିଆର ମେଗାନ ସ୍କଟ ୬୮୬ ପଏଣ୍ଟ ସହ ପ୍ରଥମ ୩ ସ୍ଥାନ ବଜାୟ ରଖିଛନ୍ତି। ଭାରତୀୟ ପେସ୍ ବୋଲର ରେଣୁକା ସିଂହ ୪ଟି ସ୍ଥାନ ଉଠି ୩୨ତମ ସ୍ଥାନରେ ପହଞ୍ଚିଛନ୍ତି। ଅଲରାଉଣ୍ଡର ମାନ୍ୟତା ତାଲିକାରେ ଦୀପ୍ତି ୩୭୮ ପଏଣ୍ଟ ସହ ଚତୁର୍ଥ ସ୍ଥାନ ସୁରକ୍ଷିତ ରଖିଛନ୍ତି। ଦକ୍ଷିଣ ଆଫ୍ରିକାର ମାରିଜନେ କାପ, ଷ୍ଟେଇଣ୍ଡିଜର ହାୟଲି ମାଥ୍ୟୁସ ଏବଂ ଇଂଲଣ୍ଡର ସ୍କିଭର-ବ୍ରଣ୍ଟ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି।

# ବାପା ହେବେ କେ.ଏଲ୍ ରାହୁଲ

ନୂଆଦିଲ୍ଲୀ,୮।୧୧: ବଲିଉଡ୍ ଅଭିନେତ୍ରୀ ଆଥିୟା ସେଟ୍ଟୀ ଓ କ୍ରିକେଟର କେ.ଏଲ୍ ରାହୁଲଙ୍କ ଘରୁ ଆସିଛି ଖୁସି ଖବର। ଖୁବଶୀଘ୍ର ଏହି ଷ୍ଟାର ଦମ୍ପତି ନିଜ ଘରକୁ କୁନି ଅତିଥିଙ୍କୁ ସ୍ୱାଗତ କରିବାକୁ ଯାଉଛନ୍ତି।ଏକ ଇନଷ୍ଟାଗ୍ରାମ ପୋଷ୍ଟରେ ଉଭୟ ଆଥିୟା ଏବଂ ରାହୁଲ ପ୍ରେଗ୍ନେନ୍ସି ଘୋଷଣା କରିଛନ୍ତି।

ଏହି ଇନଷ୍ଟାଗ୍ରାମ ପୋଷ୍ଟରେ ସେମାନେ ଲେଖିଛନ୍ତି, 'ଆମର ସୁନ୍ଦର ଉପହାର ଖୁବଶୀଘ୍ର ଆସୁଛି, ୨୦୨୫' ଏହି କ୍ୟାପ୍ସନ ସହିତ ଛୋଟ ଛୁଆର ପାଦ ଚିତ୍ର ମଧ ପୋଷ୍ଟରେ ସେୟାର କରାଯାଇଛି। ତେବେ ରାହୁଲ ଓ ଆଥିୟାଙ୍କ ଖୁସି ଖବର ଶୁଣି ତାଙ୍କର ପରିବାର ଓ ପ୍ରଶଂସକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଥିୟାଙ୍କ ଭାଇ, ଅର୍ଥାତ ସୁନୀଲ ସେଟ୍ଟୀଙ୍କ ପୁଅ ଆହାନ ଏହି ପୋଷ୍ଟରେ କମେ□ କରି ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପଟେ ପ୍ରଶଂସକମାନେ ମଧ ଏହି ପୋଷ୍ଟକୁ ବହୁତ ପସନ୍ଦ କରିଛନ୍ତି ଖୁବଶୀଘ୍ର କୁନି କେଏଲ୍ ରାହୁଲ ଦୁନିଆକୁ ଆସିବାକୁ ଯାଉଥିବା ଯଜର୍ସମାନେ କମେ□ କରିଛନ୍ତି। ପ୍ରକାଶ ଥାଉ, କ୍ରିକେଟର କେଏଲ୍ ରାହୁଲ ଏବଂ ବଲିଉଡ୍ ଅଭିନେତ୍ରୀ ଆଥିୟା ସେଟ୍ଟୀ ଦୀର୍ଘ ଦିନ ଡେଟ୍ କରିବା ପରେ ଶେଷରେ ୨୩ ଜାନୁଆରୀ ୨୦୨୩ରେ ବିବାହ କରିଥିଲେ। ଉଭୟଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ସୁନୀଲ ସେଟ୍ଟୀଙ୍କ ଫାରମ ହାଉସରେ ଧୁମଧାମରେ ଏହି ବିବାହ ଅନୁଷ୍ଠିତ ହୋଇଥିଲା ଏବେ ଏହି ଷ୍ଟାର ଦମ୍ପତି ବାପା-ମାଆ। ହେବାକୁ ଯାଉଛନ୍ତି।

# ପ୍ରଥମ ଭାରତୀୟ ଭାବେ ସାମସନଙ୍କ ବିଶ୍ୱ ରେକର୍ଡ

ଡର୍ବାନ: ଡର୍ବାନରେ ସଞ୍ଜୁ ସାମସନଙ୍କ ରେକର୍ଡ ବିସ୍ଫୋରକ ବ୍ୟାଟିଂ କରି ହେଲେ ନମ୍ବର ୱାନ୍ ଭାରତୀୟ ବ୍ୟାଟର। ପ୍ରଥମ ଭାରତୀୟ ବ୍ୟାଟର ଭାବେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଲଗାତର ଦୁଇଟି ଶତକ ହାସଲ କରି ରେକର୍ଡ



କରିଛନ୍ତି ସାମସନ। ଏପରି କରିବାରେ ସେ ବିଶ୍ୱର ଚତୁର୍ଥ ଭାରତୀୟ ବ୍ୟାଟର।

ଟି-୨୦ ଅନ୍ତର୍ଜାତୀୟରେ ଡେବ୍ୟୁ କରିବାର ୯ ବର୍ଷ ପରେ ସଞ୍ଜୁ ଏହି ରେକର୍ଡ କରିଁଛନ୍ତି। ପ୍ରଥମ ଶତକ ହାସଲ କରିବାର ୨୭ ଦିନ ପରେ ସେ ଦ୍ୱିତୀୟ ଶଥକ ହାସଲ କରିଛନ୍ତି ସାମନସନ। ଏହାପୂର୍ବରୁ ଅକ୍ଟୋବର ୧୨ ତାରିଖରେ ହାଇଦ୍ରାବାଦରେ ଖେଳାଯାଉଥିବା ବାଂଲାଦେଶ ବିପକ୍ଷ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସାମସନ ୪୭ ବଲ୍‌ରେ ୧୧୧ ରନ୍ କରିଥିଲେ।

ଶୁକ୍ରବାର ଡର୍ବାନ୍‌ରେ ଖେଳାଯାଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍‌ରେ ସାମସନ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଅଭିଷେକ ଶର୍ମା ଆଉଟ୍ ହେବା ପରେ ସାମସନ ଦକ୍ଷିଣ ଆଫ୍ରିକା ବୋଲରଙ୍କ ଉପରେ ଏକତରଫା ଚପ ପକାଇଥିଲେ। କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ମଧ ତାଙ୍କୁ ସହଯୋଗ କରିଥିଲେ ଫଳରେ ଭାରତ ପ୍ରଥମ ୬ ଓଭରରେ ୫୬ ରନ୍ କରିବାରେ ସଫଳ ହୋଇଥିଲା ପାୱାରପ୍ଲେରେ ସାମସନ୍ ମାତ୍ର ୨୦ ବଲ୍‌ରେ ୩୫ ରନ୍ ସଂଗ୍ରହ କରିଥିଲେ।

ଭାରତୀୟ ଟିମ୍‌ରେ ମୋଟ ୧୧ ଜଣ ଭାରତୀୟ ବ୍ୟାଟର ଟି-୨୦ କ୍ରିକେଟ୍‌ରେ ଶତକ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ୪ଜଣ ଏକାଧିକ ଥର ଶତକ ହାସଲ କରିବାରେ ସଫଳ ହୋଇଛନ୍ତି। ଏହି ଗ୍ରୁପ୍‌ରେ ସୂର୍ଯ୍ୟକୁମାର ଯାଦବ, ପୂର୍ବତନ ଅଧିନାୟକ ରୋହିତ ଶର୍ମା ଏବଂ କେ.ଏଲ୍ ରାହୁଲ ରହିଛନ୍ତି। ବ□ମାନ ସାମସନ ଏହି ଏଲିଟ୍ ଗ୍ରୁପ୍‌ରେ ସାମିଲ୍ ହୋଇଛନ୍ତି। ଶୁକ୍ରବାର ମ୍ୟାଚ୍‌ରେ ସାମସନ ଉଭୟ ଦ୍ରୁତ ଓ ସ୍ପିନ ବୋଲରଙ୍କ ବଲ୍‌କୁ ନିର୍ଦ୍ଧୁମ ପ୍ରହାର କରିଥିଲେ ଏଥିରେ ୭ଟି ଚୌକା ଓ ୯ଟି ଛକ୍କା ଥିଲା । ଟି-୨୦ ଅନ୍ତର୍ଜାତୀୟରେ ଲଗାତର ଶତକ ହାସଲ କରିଥିବା ବ୍ୟାଟର ମାନେ ଗୁସ୍ତାଭ ମ୍ୟାକେନ୍ ଫ୍ରାନ୍ସ, ରିଲେ ରୋସୋ - ଦକ୍ଷିଣ ଆଫ୍ରିକା ଫିଲ୍ ସଲ୍‌ଟ ଇଂଲଣ୍ଡ, ୪ ସଞ୍ଜୁ ସାମସନ୍ - ଭାରତ।

# ଗଣୁଆ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

କୋଇଡା,୮।୧୧(ମହାଭାରତ): ସୁନ୍ଦରଗଡ ଜିଲ୍ଲା ଶେଷ ପ୍ରାନ୍ତରେ ଆଦିବାସୀ ଅଦ୍ୟୁଷିତ ଅଞ୍ଚଳ କୋଇଡା ବ୍ଲକ୍ ମାଲଦା ପଞ୍ଚାୟତ ଗଣୁଆ। ଠାରେ ସ୍ପୋର୍ଟିଂ କ୍ଲବ୍ ଗଣୁଆ। ପକ୍ଷରୁ ଆୟୋଜିତ ୧୫ ତମ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗଣୁଆ। ମିନି ଷ୍ଟାଡିୟମ ଠାରେ ଉଦ୍ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁରୁବାଲି ପାତ୍ର ଓ ବଲଦା ସରପଞ୍ଚ ବରୁଣ ନାଏକ ଯୋଗ ଦେଇ ପାରମ୍ପରିକ ଢଙ୍ଗରେ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟନ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟ ରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୩୨ ଗୋଟି ଭାଗ ନେଇଥିବା ବେଳେ ଏହାର ଫାଇନାଲ ମୁକାବିଲା ୧୦ ତାରିଖ ରବିବାର ଅନୁଷ୍ଠିତ ହେବ ଟୁର୍ଣ୍ଣାମେଣ୍ଟ ରେ ବିଜେତା ଦଳକୁ ୧,୭୦,୦୦୦ ନଗଦ ସହ ଟ୍ରଫି, ଉପ ବିଜେତା ଦଳକୁ ୧,୫୦,୦୦୦ ନଗଦ ସହ ଟ୍ରଫି , ସେମି ଫାଇନାଲ ଉଭୟ ଦଳକୁ ୫୦ ହଜାର ନଗଦ ପ୍ରଦାନ ସହ ଟ୍ରଫି ରହିଥିବା ବେଳେ , ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ସ୍କୋରର, ଡିଫେଣ୍ଡର,ଗୋଲକିପର କୁ ୫ ହଜାର ନଗଦ ସହ ଟ୍ରଫି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ସ୍ପୋର୍ଟିଂ କ୍ଲବ ଗଣୁଆ। ପକ୍ଷରୁ ସଭାପତି ତପନ କୁମାର ପାତ୍ର,ଉପ ସଭାପତି ଦିବାକର ନାଏକ ,ସମ୍ପାଦକ ରଞ୍ଜିତ ନାଏକ,କୋଷାଧ୍ୟକ୍ଷ ଗୌର ବାଗ୍ତି, ବାଦଲ ବାଗ୍ତି ପ୍ରମୁଖଙ୍କ ସହ କ୍ଲବର ଅନ୍ୟାନ୍ୟ ସଦସ୍ୟ ସୁନ୍ଦର ଆୟୋଜନ ସହ ଖେଳାଳୀ ଓ ଦର୍ଶକ ଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ ଉପାନ୍ତ ଅଞ୍ଚଳ ହୋଇ ମଧ ବିଶାଳ ଆୟୋଜନ ସମଗ୍ର ଖଣି ଅଞ୍ଚଳ ପାଇଁ ଉଦାହରଣ ପାଲଟିଛି

## ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍
# ଇଗଲ କ୍ରିକେଟ୍ କ୍ଲବ୍‌ର ବିପୁଳ ବିଜୟ



ଖୋର୍ଦ୍ଧା,୮।୧୧(ମହାଭାରତ): କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୁଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ପଞ୍ଚମ ଦିବସ ରେ ଜଟଣୀ କ୍ରିକେଟ୍ ଏକାଡେମି କୁ ଇଗଲ କ୍ରିକେଟ୍ କ୍ଲବ୍ ୯ୱିକେଟ୍ ରେ ପରାସ୍ତ କରି ଏକ ବିଶାଳ ବିଜୟ ହାସଲ କରିଛି। ଟସ୍ ରେ ଜିତି ଜଟଣୀ କ୍ରିକେଟ୍ ଏକାଡେମି ପ୍ରଥମେ ବ୍ୟାଟିଙ୍ଗ କରି ୩୭.୧ ଓଭର ରେ ସମସ୍ତ ୧୦ ଟି ୱିକେଟ ହରାଇ ୧୫୧ ରନ୍ କରିଥିଲେଦଳ ପକ୍ଷରୁ ସତ୍ୟଚନ୍ଦ୍ର ଲେଙ୍କା ୪୧ ରନ୍ , ସାକିର ଅଲ୍ଲୀ ୨୨ ରନ ଓ ସନ୍ଦୀପ ପାଇକରାୟ ୨୧ ରନ୍ କରିଥିଲେ।

ଇଗଲ କ୍ରିକେଟ୍ କ୍ଲବ ପକ୍ଷରୁ ଶୁଭମ୍ ନାୟକ ସର୍ବାଧିକ ୪ ଟି ୱିକେଟ୍ ନେଇଥିବାବେଳେ ସତ୍ୟ ପାଢ଼ୀ ଓ ସୁଭାସିସ ସାହୁ ପ୍ରତ୍ୟେକ ୨ ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଇଗଲ କ୍ରିକେଟ୍ କ୍ଲବ୍ ୨୨.୧ଓଭର ରେ ୧ ୱିକେଟ୍ ହରାଇ ଜ୍ୟୋତିରଂଜନ ବେହେରା ଙ୍କ ବିସ୍ଫୋରକ ୧୦୦ ରନ୍( ୭୩ ବଲ୍,୧୨ ଚୌକା,୫ ଛକା)ଓ ଅଶୋକ ପ୍ରଧାନ ଙ୍କ ଅପରାଜିତ ୫୦ ରନ୍ ବଳରେ ୧ ୱିକେଟ୍ ହରାଇ ୧୫୫ ରନ୍ ସଂଗ୍ରହ କରିନେଇଥିଲା। ଏହି ମ୍ୟାଚ୍ କୁ ଇଗଲ କ୍ରିକେଟ୍ କ୍ଲବ୍ ୯ ୱିକେଟ୍ ରେ ଜିତି ନେଇଥିଲେ। ଏହି ମ୍ୟାଚ୍ କୁ ପ୍ରିତିରଞ୍ଜନ ବିଜୟସିଂ ଓ ଚନ୍ଦ୍ର ମୋହନ ବାରାଲ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍ ରେଫରି ଭାବେ ସୌମେନ୍ଦ୍ର ମହାନ୍ତି ଓ ସଂଯୋଜକ ଭାବେ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଦାୟିତତ୍ୱରେ ଥିଲେ। ଆସନ୍ତାକାଲି ୯ ତାରିଖ ଦିନ ଯୁବରାଜ ସିଂ କ୍ରିକେଟ୍ ଏକାଡେମି ପାଇଁ ଖେଳାଳି ଚୟନ ହେବ ବୋଲି ଓସିଏ ର କୋଷାଧକ୍ଷ ବିକାଶ ପ୍ରଧାନ ଜଣାଇଛନ୍ତି।

# ପନ୍ତଙ୍କୁ ଅଷ୍ଟ୍ରେଲିଆର ଭୟ

ମୁମ୍ବାଇ।୮।୧୧: ନଭେମ୍ବର ୨୨ରୁ ଆରମ୍ଭ ହେବ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍ ଭାରତ-ଅଷ୍ଟ୍ରେଲିଅ। ମଧ୍ୟରେ ଖେଳାଯିବ। ଏହି ହାଇଭୋଲଟେଜ୍ ଟେଷ୍ଟ ସିରିଜ୍ ଯେଉଁଥିରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳିବେ ଉଭୟ ଟିମ୍ ସିରିଜ୍‌କୁ ଆଉ ୧୬ ଦିନରୁ କମ୍ ଦିନ ବାକି ଅଛି। ହେଲେ ଏବେଠୁ ଆରମ୍ଭ ହୋଇଗଲାଣି ଏହି ସିରିଜ୍‌କୁ ନେଇ ବୟାନବାଜି।ନିକଟରେ ଅଷ୍ଟ୍ରେଲିଅ। କ୍ୟାପଟେନ୍ ପ୍ୟାଟ୍ କମିନ୍ସ ଭାରତୀୟ ବ୍ୟାଟରଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି।

କମିନ୍ସଙ୍କ ମତରେ, ବ□ମାନ ଟିମ୍‌ରେ ଥିବା ବ୍ୟାଟରଙ୍କ ମଧ୍ୟରୁ ଜଣେ ୱିକେଟ୍ କିପର ବ୍ୟାଟସମ୍ୟାନ୍ ବହୁତ ଖତରନାକ୍। ସେ କୌଣସି ବି ପରିସ୍ଥିତିରେ ମ୍ୟାଚ୍‌ର ରୂପ ବଦଳାଇପାରିବେ। ତେଣୁ ତାଙ୍କୁ ଶୀଘ୍ର ଆଉଟ୍ କରି ପ୍ୟାଭିଲିୟନ୍ ଫେରାଇ ଦେବା ହିଁ ଟିମ୍ ପାଇଁ ଭଲ। କାହିଁକି ନା ସେ ଯେତେ ସମୟ କ୍ରିଜ୍‌ରେ ରହିବେ, ସେତେ ସମୟ ବିରୋଧୀ ଟିମ୍‌ଙ୍କ ପାଇଁ ଟେନ୍‌ସନ୍ ସାଜିବେ । ବାସ୍ତବରେ ଅଷ୍ଟ୍ରେଲିଅ। କ୍ୟାପଟେନ୍ ବିରାଟ କୋହିଲ, ରୋହିତ ଶର୍ମାଙ୍କ ବ୍ୟାଟିଂ ଶୈଳ ପରିବ□ ଟିମ୍ ଇଣ୍ଡିଆର ୱିକେଟ୍ କିପର ବ୍ୟାଟସମ୍ୟାନ୍ ରିଷଭ ପନ୍ତଙ୍କ ବିଷୟରେ କହୁଛନ୍ତି ।ପୂର୍ବ ସିରିଜ୍‌ରେ ଅଷ୍ଟ୍ରେଲିଅ। ବୋଲରଙ୍କ ବିରୋଧରେ ଖୁବ୍ ଗର୍ଜିଥିଲା ରିଷଭଙ୍କ ବ୍ୟାଟ୍ । ୨୦୨୦-୨୧ରେ ଖେଳାଯାଇଥିବା ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍‌ର ପର୍ଥ ଟେଷ୍ଟ ହିଁ ରିଷଭ ସାଜିଥିଲେ ବିଜୟରେ ହିରୋ ପର୍ଥରେ ପନ୍ତଙ୍କୁ ଲଢୁଅ। ୯୧ ପାରି ବଦଳରେ ଭାରତୀୟ ଟିମ୍ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା।

# ଅଧିନାୟକ ବଦଳାଇବାକୁ ଗାଭାସ୍କରଙ୍କ ପରାମର୍ଶ

ନୂଆଦିଲ୍ଲୀ,୮।୧୧: ଭାରତ ଏବଂ ଅଷ୍ଟ୍ରେଲିଅ। ମଧ୍ୟରେ ୨୨ନଭେମ୍ବରରୁ ବର୍ଡ଼ର ଗାଭାସ୍କର ଟ୍ରଫି ଖେଳାଯିବ ସିରିଜ ପୂର୍ବରୁ ଏହି କଥା ଚର୍ଚ୍ଚା ହେଉଛି କି ଭାରତୀୟ ଅଧିନାୟକ ରୋହିତ ଶର୍ମା ପ୍ରଥମ ଟେଷ୍ଟ ମିସ୍ କରିପାରନ୍ତି । ଏହି ଖବର ଉପରେ ଟିମ୍ ଇଣ୍ଡିଆର ପୂର୍ବତନ ଭେଟରାନ ବ୍ୟାଟର ସୁନୀଲ ଗାଭାସ୍କର କହିଛନ୍ତି କି ଯଦି ରୋହିତ ଶର୍ମା। ସିରିଜରେ ଟେଷ୍ଟ ମିସ୍ କରୁଛନ୍ତି ତ, ପୁରା ସିରିଜ ଲାଗି ଅନ୍ୟ କାହାକୁ ଟିମ୍ ଇଣ୍ଡିଆର ଅଧିନାୟକ କରିବା ଆବଶ୍ୟକ ।



ସୂଚନା ମୁତାବକ, ରୋହିତ ଶର୍ମା ବ୍ୟକ୍ତିଗତ କାରଣରୁ ବର୍ଡ଼ର ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ ମିସ୍ କରିପାରନ୍ତି । ଏହା ଉପରେ ଗାଭାସ୍କର ନିଜ ପ୍ରତିକ୍ରିୟା ଦେଇଛନ୍ତି, ଯାହା ଉପରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଆରୋନ ଫିଞ୍ଚ ଅସହମତି ଜାହିର କରିଛନ୍ତି।ଗାଭାସ୍କର କହିଛନ୍ତି କି, ଆମେ ପଢୁଛୁ କି ରୋହିତ ଶର୍ମା ପ୍ରଥମ ଟେଷ୍ଟରେ ଖେଳିବେ ନାହିଁ। ହୋଇପାରେ ସେ ଦ୍ୱିତୀୟରେ ଖେଳିବେ ନାହିଁ ।ଯଦି ଏଭଳି ମାମଲା ଅଛି ତେବେ ମୁଁ କହିବି କି ଏବେ ଭାରତୀୟ ଚୟନକର୍ତ୍ତା କମିଟିକୁ କହିବାରେ ଅଛି କି, ଯଦି ବିଶ୍ରାମ ନେବାରେ ଅଛି ତ ନିଅନ୍ତୁ, ଯଦି ବ୍ୟକ୍ତିଗତ କାରଣ ଅଛି ତ ତାକୁ ଦେଖନ୍ତୁ। କିନ୍ତୁ ଯଦି ଆପଣ ଦୁଇ ତିନି ମ୍ୟାଚ୍ ମିସ୍ କରୁଛନ୍ତି ତ ଆପଣଙ୍କୁ ଏହି ଗସ୍ତରେ ଜଣେ ଖେଳାଳୀ ଭାବେ ଯିବା ଆବଶ୍ୟକ ଆମେ ଏହି ଗସ୍ତରେ ଉପଅଧିନାୟକଙ୍କୁ ଅଧିନାୟକ କରିବୁ ।

ଗାଭାସ୍କରଙ୍କ ଏହି ଟିପ୍ପଣୀ ଉପରେ ପ୍ରତିକ୍ରିୟା ରଖି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଆରୋନ ଫିଞ୍ଚ କହିଛନ୍ତି କି, ମୁଁ ଏହା ଉପରେ ସନୀଙ୍କ କଥାରେ ପୂରା ଅସହମତି ଅଟେ। ରୋହିତ ଶର୍ମା ଭାରତୀୟ କ୍ରିକେଟ ଟିମର ଅଧିନାୟକ ଅଟନ୍ତି। ଯଦି ଆପଣଙ୍କୁ ଘରେ ରହିବା ଜରୁରୀ ଅଟେ ତ କାରଣ ଆପଣଙ୍କ ସ୍ତ୍ରୀ ଗର୍ଭବତୀ ଅଛନ୍ତି। ତେବେ ଏହା ସୁନ୍ଦରମୂହୁର୍ତ୍ତ ଅଟେ ଏବଂ ଆପଣ ଏହି ସମୟରେ ନିଜର ସମ୍ପୂର୍ଣ୍ଣ ସମୟ ଦେଇପାରିବେ।

# ହାଇବ୍ରିଡି ମୋଡେଲ ନେଇ ଦ୍ୱନ୍ଦ୍ୱରେ ପାକିସ୍ତାନ

ନୂଆଦିଲ୍ଲୀ,୮।୧୧(ଏଜେନସି): ପାକିସ୍ତାନ ଆୟୋଜନ କରୁଥିବା ଚମ୍ପିୟନ ଟ୍ରଫି ୨୦୨୫ରେ ଭାରତ ପାକିସ୍ତାନ ଯାଇ ମ୍ୟାଚ୍ ଖେଳିବ କି ନାହିଁ ତାହା ଏବେ ବି ଅମୀମାଂସିତ ହୋଇ ରହିଛି। ଗତକାଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ଯେ ପାକିସ୍ତାନ ଭାରତ ଜିଦ୍ ଆଗରେ ମୁଣ୍ଡ ନୁଆଁଇ ହାଇବ୍ରିଡି ମୋଡେଲରେ ଖେଳ କରିବାକୁ ରାଜି ହୋଇଥିଲା। ଭାରତ ଏକ ନ୍ୟୁଟ୍ରାଲ ଭେନ୍ୟୁରେ ମ୍ୟାଚ ଖେଳିବ ବୋଲି କୁହାଯାଇଥିଲା। ହେଲେ ମିଡିଆରେ ପ୍ରକାଶିତ ଏହି ଖବରକୁ ପାକିସ୍ତାନ କ୍ରିକେଟ ବୋର୍ଡ ଖଣ୍ଡନ କରିଛି। କୌଣସି ହାଇବ୍ରିଡି ମୋଡେଲ୍ କଥା ଚିନ୍ତା କରାଯାଇ ନାହିଁ,ଏହା ଗୁଜବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡର ବିଶେଷ ସୂତ୍ରରୁ ଏହି ସୂଚନା ମିଳିଛି।



୨୦୨୫ ଫେବ୍ରୁଆରୀ ମାସରେ ହେବାକୁ ଥିବା ଚମ୍ପିୟନ ଟ୍ରଫି ଏଥର ପାକିସ୍ତାନ ଆୟୋଜନ କରୁଛି। ହେଲେ ଭାରତ ସରକାର ସୁରକ୍ଷା ଦୃଷ୍ଟିରୁ କ୍ରିକେଟ ଦଳକୁ ପାକିସ୍ତାନ ଯିବାକୁ ଅନୁମତି ଦେଉ ନାହିଁ। ସେପଟେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) କୌଣସି ଦଳକୁ ନିଜ ସରକାର ବିରୋଧରେ ଯିବାକୁ ବାଧ କରିପାରିବ ନାହିଁ ବୋଲି ନିୟମ ରହିଛି। ଏପଟେ ବିସିସିଆଇ ମଧ ଏନେଇ କୌଣସି ନିଷ୍ପ□ ନେଇ ନାହିଁ ତେଣୁ ସ୍ଥିତି ଝୁଲନ୍ତା ଅବସ୍ଥାରେ ରହିଛି ।ଜାତୀୟ ଗଣମାଧମ ଇଣ୍ଡିଆଟୁଡେରେ ପ୍ରକାଶିତ ଖବର ଅନୁସାରେ, ପାକିସ୍ତାନ କ୍ରିକେଟ ବୋର୍ଡ ସହ ସମ୍ପୃକ୍ତ ଜଣେ ଅଧିକାରୀ କହିଛନ୍ତି ଯେ ପିସିବି ଟୁର୍ଣ୍ଣାମେ□ରେ ହାଇବ୍ରିଡି ମୋଡେଲ ଆପଣାଇବାକୁ ଚିନ୍ତା କରି ନାହିଁ। ଟୁର୍ଣ୍ଣାମେ□ର ସମସ୍ତ ମ୍ୟାଚ୍ କରାଚୀ, ଲାହୋର ଏବଂ ରାୱଲପିଣ୍ଡିରେ ଆୟୋଜିତ ହେବ। ନଭେମ୍ବର ୧୧ ତାରିଖରେ ଆଇସିସି ଚମ୍ପିୟନ କର୍ଯ୍ୟସୂଚୀ ଘୋଷଣା କରିବ। ଏଥିପାଇଁ ଆସନ୍ତା ସପ୍ତାହରେ ଆଇସିସି ଟିମ୍ ପାକିସ୍ତାନ ଯାଇ ଭେନ୍ୟୁ ତଦାରଖ କରିବାର କାର୍ଯ୍ୟକ୍ରମ ରହିଛି।ଏହା ପୂର୍ବରୁ ପାକିସ୍ତାନ ୨୦୨୩ ଏସିଆ। କପ ଆୟୋଜନ କରିଥିଲା। ଏଥିରେ ଭାରତୀୟ ଟିମ୍ ନିଜର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲା ଫାଇନାଲ ବି ଶ୍ରୀଲଙ୍କାରେ ଖେଳାଯାଇଥିଲା। ତେଣୁ ଏଥର ବି ମଧ ସ୍ଥିତି ସମାନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି ଭାରତ ଦୁବାଇରେ ନିଜର ମ୍ୟାଚ୍ ଖେଳିପାରେ ବୋଲି କୁହାଯାଉଛି। ସୂଚନା ଥାଉକି ଭାରତ ୨୦୦୮ ଏସିଆ କପ୍ ପରେ ପାକିସ୍ତାନରେ ଆଉ କୌଣସି ଏସିଆ। କପ୍ ଖେଳି ନାହିଁ। ସେହିପରି ୨୦୧୨-୧୩ରେ ଦୁଇ ଦେଶ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ମ୍ୟାଚ୍ ଖେଳ ହୋଇ ନାହିଁ। ତେବେ ଦୁଇ ଟିମ୍ ଏସିଆ। କ୍ରିକେଟ ପରିଷଦ ଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ମଧ୍ୟରେ ମୁକାବିଲା ହୋଇଛି ।ଯଦିଓ ଚମ୍ପିୟନ ଟ୍ରଫି ପାଇଁ କାର୍ଯ୍ୟସୂଚୀ ଘୋଷଣା କରାଯାଇ ନାହିଁ। ତେବେ ପିସିବି ପ୍ରସ୍ତାବିତ ସୂଚୀ ଅନୁସାରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ମାର୍ଚ୍ଚ ୧ ତାରିଖ ଲାହୋରରେ ହେବ। ୧୯ ଫେବୃଆରୀ ୨୦୨୫ରେ ଟୁର୍ଣ୍ଣାମେ□ ଆରମ୍ଭ ହେବ। ଆରମ୍ଭ ମ୍ୟାଚ୍ ପାକିସ୍ତାନ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ କରାଚୀରେ ଖେଳାଯିବ ମାର୍ଚ୍ଚ ୯ ତାରିଖରେ ଲାହୋର ଗଦାଫୀ ଷ୍ଟାଡିୟମ୍‌ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ସୂଚନା ଥାଉକି ଚମ୍ପିୟନ ଟ୍ରଫି ପାଇଁ ପାକିସ୍ତାନ ମୈଦାନ ପ୍ରସ୍ତୁତ କରିବାକ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। କରାଚୀ, ଲାହୋର ଓ ରାପିଣ୍ଡି ଷ୍ଟାଡିୟମ୍‌କୁ ଅପଗ୍ରେଡ୍ କରିବା ପାଇଁ ପାକିସ୍ତାନ ସରକାର ୧୭ ବିଲିଅନ ଟଙ୍କା ଆବ□ିତ କରିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ